ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୯୪
୨୧ ନଭେମ୍ବର, ୨୦୨୫ ଶୁକ୍ରବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 194
21st November, 2025 Friday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ବିଷାଦପ୍ୟମୃତଂ ଗ୍ରାହ୍ୟମମେଧାଦପି କାଞ୍ଚନମ୍
ନୀଚାଦପ୍ୟୁତ୍ତମାଂ ବିଦ୍ୟାଂ ସ୍ତ୍ରୀରତ୍ନଂ ଦୁଷ୍କୁଳାଦପି ।**

ବିଷ ମଧ୍ୟରୁ ଅମୃତ ଓ ଅମେଧ୍ୟରୁ ସୁବର୍ଣ୍ଣ ଯେପରି ଗ୍ରହଣ କରାଯାଏ, ସେହିପରି ନୀଚ ଲୋକଠାରୁ ଉତ୍ତମ ବିଦ୍ୟା ଶିକ୍ଷା ଓ ନୀଚ କୁଳରୁ ଗୁଣବତୀ ନାରୀ ଓ କନ୍ୟାରତ୍ନ ଗ୍ରହଣ କରିବା ଉଚିତ ।

# ନୀତିଶ ୧୦ମଥର ମୁଖ୍ୟମନ୍ତ୍ରୀ ହେଲେ

**ପାଟନା,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୫ ବିହାର ବିଧାନସଭା ନିର୍ବାଚନରେ ଏନଡିଏର ବିପୁଳ ବିଜୟ ପରେ, ଆଜି ପାଟନାର ଗାନ୍ଧୀ ମୈଦାନରେ ଭବ୍ୟ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଆଉ ବିହାରର ମୁଖ୍ୟମନ୍ତ୍ରୀ ଭାବେ ଆଜି ରେକର୍ଡ ଦଶମଥର ପାଇଁ ନୀତିଶ କୁମାର ଶପଥ ନେଇଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ଅନେକ କେନ୍ଦ୍ର ମନ୍ତ୍ରୀ, ଏବଂ ଏନଡିଏ ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ। ନୀତିଶ କୁମାରଙ୍କ ସହିତ, ୨୬ ଜଣ ଅନ୍ୟ ବିଧାୟକ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଥିଲେ। ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନାଙ୍କ ବ୍ୟତୀତ ମନ୍ତ୍ରୀ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ବିଜୟ ଚୌଧୁରୀ, ବିଜୟନ୍ଦ୍ର ଯାଦବ, ଶ୍ରାବଣ କୁମାର, ମଙ୍ଗଳ ପାଣ୍ଡେ, ଦିଲୀପ ଜୈସଓ୍ୱାଲ, ଅଶୋକ ଚୌଧୁରୀ, ଲେସୀ ସନ୍ଥ, ରାମିନ ସାହିନୀ, ରାମିନ ସାହିନୀ କୁମାର, ଜାମା ଖାନ, ସଞ୍ଜୟ ସିଂ ଟାଇଗର, ଅରୁଣ ଶଙ୍କର, ସୁରେନ୍ଦ୍ର ମେହେଟ୍ଟା, ନାରାୟଣ ପ୍ରସାଦ, ରାମ ନିଶାଦ, ଲକ୍ଷେନ୍ଦ୍ର କୁମାର ରୋଶନ, ଶ୍ରେୟସୀ ସିଂ, ପ୍ରମୋଦ କୁମାର, ସଞ୍ଜୟ କୁମାର, ସଞ୍ଜୟ କୁମାର ସିଂ ଏବଂ ଦୀପକ ପ୍ରକାଶ।

## ବିଜେପିକୁ ୧୪ ଓ ଜେଡିୟୁକୁ ୮ ମନ୍ତ୍ରୀପଦ

## ପୂର୍ବରୁ ସାନଭାଇ ଭୂମିକାରେ ଥିବା ବିଜେପି ଏବେ ବଡ଼ଭାଇ




ଯଦିଓ ନିତିଶ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି କିନ୍ତୁ ପର୍ଦ୍ଦା ପଛର କାହାଣୀ କିଛି ଅନ୍ୟ କଥା କହୁଛି। ଏଥର ଶପଥ ଗ୍ରହଣରେ ବିଜେପି ସରକାରରେ ନିଜର ସ୍ଥିତିକୁ ଅଭୂତପୂର୍ବ ରୂପେ ମଜଭୁତ କରିଛି। ଏ ପର୍ଯ୍ୟନ୍ତ ସରକାରରେ ସାନଭାଇର ଭୂମିକା ନିର୍ବାହ କରି ଆସୁଥିବା ବିଜେପି ଅଚାନକ ରାଜ୍ୟ ରାଜନୀତିରେ ବଡ଼ ଭାଇ ପାଲଟିଛି।

ଏଥର ମନ୍ତ୍ରୀମଣ୍ଡଳରେ ବିଜେପି ନା କେବଳ ମନ୍ତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିଛି ବରଂ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗକୁ ନିଜ ଖାତାକୁ ନେଇ ଏହା ପ୍ରମାଣ କରିଦେଇଛି ଯେ ବିହାର ରାଜନୀତିରେ ତାର ପ୍ରଭାବ ସବୁଠୁ ଅଧିକ। ଏହି ନୂଆ ସରକାରର ମନ୍ତ୍ରିମଣ୍ଡଳ ଗଠନରେ ବିଜେପିକୁ ଅପାର ଶକ୍ତି ମିଳିଛି, ଯାହା ଏବେ ସ୍ପଷ୍ଟ ଦେଖି ହେଉଛି। ଏଥର ବିଜେପି ଖାତାକୁ ସବୁଠୁ ଅଧିକ ୧୪ ଜଣ ମନ୍ତ୍ରୀ ଆସିଛନ୍ତି। ଅନ୍ୟପଟେ ମେଣ୍ଟ ନେତା ଜେଡି(ୟୁ) ଖାତାକୁ ମାତ୍ର ୮ଟି ମନ୍ତ୍ରୀପଦ ଯାଇଛି। ମନ୍ତ୍ରୀପଦର ଏହି ସଂଖ୍ୟା ଦର୍ଶାଉଛି ଯେ ଏଥର ବିଜେପି ନେତୃତ୍ୱ ଦୃଢତାର ସହ ନିଜର ପକ୍ଷ ରଖିଛନ୍ତି ଓ ନିଜର ସବୁଠୁ ଅଧିକ ବିଧାୟକଙ୍କୁ ମନ୍ତ୍ରୀ କରିବାର ସଫଳତା ହାସଲ କରିଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ ସମୟସୀମା ଧାର୍ଯ୍ୟ କରିପାରିବେନି କୋର୍ଟ

**ନୂଆଦିଲ୍ଲୀ,୨୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କୁ ବିଧେୟକ ମଞ୍ଜୁରୀ ପାଇଁ ସମୟସୀମା ସ୍ଥିର କରିବା ପ୍ରସଙ୍ଗରେ ଦୀର୍ଘ ଶୁଣାଣି ପରେ ଆଜି ସୁପ୍ରିମକୋର୍ଟ ତାଙ୍କ ରାୟ ଦେଇଛନ୍ତି। ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବ ନାହିଁ।

ଆଜି ସିଜେଆଇ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ସନ୍ଦର୍ଭ ସପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଉପସ୍ଥାପିତ କରିଥିବା ଯୁକ୍ତି ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ କୋର୍ଟ ରାଜ୍ୟପାଳଙ୍କ ଭୂମିକାକୁ ଅଣଦେଖା କରିପାରିବେ ନାହିଁ। ଧାରା ୨୦୦



ଅନୁଯାୟୀ, ରାଜ୍ୟପାଳ ଏକ ବିଲ୍ ପ୍ରତି ତାଙ୍କର ସମ୍ମତି ଦେଇପାରିବେ, ବିଲ୍‌କୁ ସ୍ଥଗିତ ରଖିପାରିବେ ଏବଂ ଫେରାଇ ପାରିବେ, କିମ୍ବା ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ ପାରିବେ। ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କ ପାଖରେ କୌଣସି ଅନ୍ୟ ବିକଳ୍ପ ନାହିଁ। ସୁପ୍ରିମକୋର୍ଟ ସ୍ୱୀକାର କରିଛନ୍ତି ଯେ ରାଜ୍ୟପାଳମାନେ ରାଜ୍ୟ ବିଲ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରିପାରିବେ ନାହିଁ, କିନ୍ତୁ ଏହା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ କୌଣସି ସମୟସୀମା ସ୍ଥିର କରିବାକୁ ମନା କରିଦେଇଛି।

ସୁପ୍ରିମକୋର୍ଟ କହିଛନ୍ତି ଯେ ରାଜ୍ୟପାଳ ବିଲ୍ ପାଇଁ ସମ୍ମତି ପ୍ରଦାନ କରିବା ପାଇଁ କୋର୍ଟ ସମୟ ସୀମା ସ୍ଥିର କରିପାରିବେ ନାହିଁ। ସାମ୍ବିଧାନିକ କୋର୍ଟ ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କୁ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସମୟ ସୀମା ଲାଗୁ କରିପାରିବେ ନାହିଁ। ତାମିଲନାଡୁ ମାମଲାରେ ଦୁଇ ଜଣିଆ ଖଣ୍ଡପୀଠ ଦେଇଥିବା ଏପରି ନିର୍ଦ୍ଦେଶ ଅସାମ୍ବିଧାନିକ।

ସୁପ୍ରିମକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ସାମ୍ବିଧାନିକ କୋର୍ଟ ରାଜ୍ୟପାଳଙ୍କ ସମ୍ମୁଖରେ ବିଚାରାଧୀନ ବିଲ୍ ପାଇଁ ବୈଧ ସମ୍ମତି ଦେଇପାରିବେ ନାହିଁ, କାରଣ ଏକ ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨ ଅନୁଯାୟୀ କ୍ଷମତା ବ୍ୟବହାର କରି ୧୦ଟି ତାମିଲନାଡୁ ବିଲ୍ ପାଇଁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାଟ୍ରିକ ଫର୍ମ ପୂରଣ ଅବଧି ୨୮କୁ ବୃଦ୍ଧି

**କଟକ,୨୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୬ ମାଟ୍ରିକ ଫର୍ମ ପୂରଣ ଅବଧି ନଭେମ୍ବର ୨୮ ତାରିଖ ଯାଏ ବୃଦ୍ଧି ପାଇଛି । ଏ ନେଇ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଫର୍ମ ପୂରଣ ଅବଧି ବୃଦ୍ଧି କରିବା ପାଇଁ ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧକୁ ବିଚାର କରି ବୋର୍ଡ଼ ୨୦୨୬ ମାଟ୍ରିକ ପରୀକ୍ଷା ଫର୍ମ ପୂରଣ ଅବଧି ନଭେମ୍ବର ୨୮କୁ ବୃଦ୍ଧି କରିଛନ୍ତି। ଏହାପରେ ଆଉ କୌଣସି ସମୟ ବୃଦ୍ଧି ଅନୁମତି ଦିଆଯିବ ନାହିଁ ବୋଲି ବୋର୍ଡ଼ ପକ୍ଷରୁ ସୂଚନା ଦିଆଯାଇଛି।

# ମାଙ୍କଡା ପଥର ବୋଝେଇ ୩ ଟ୍ରକ ଜବତ

**ରାଜନଗର,୨୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପୋଲିସ ୩ଟି ମାଙ୍କଡା ପଥର ବୋଝେଇ ଟ୍ରକକୁ ଜବତ କରିଛି । ଗୁରୁବାର ସକାଳେ ତାଳଚୁଆ ଅଭିମୁଖେ ଯାଉଥିବା ମାଙ୍କଡା ବୋଝେଇ ଟ୍ରକ ନଂ- ଓଆର- ୦୯-ଇ- ୬୪୫୫, ଟ୍ରକ ନଂ- ଓଆର- ୦୯- ବି- ୫୮୧୭ ଓ ଟ୍ରକ ନଂ- ଓଆର- ୦୪- ଡି- ୯୪୧୫କୁ ରାଜନଗର-ତାଳଚୁଆ ପୂର୍ତ୍ତ ବିଭାଗ ରାସ୍ତାର ସାମୁଦ୍ରିକ ଥାନା ଗେଟ ନିକଟରେ ପୋଲିସ ଜବତ କରି ଅଟକ ରଖିଛି। ମାଙ୍କଡା ପଥର ଚାଲାଣ ଉପରେ କଟକଣା ଜାରୀ ହୋଇଥିବା ବେଳେ ପଥରର ଚାଲାଣ କାଗଜ ନଥିବାରୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି। ଏ ସଂପର୍କରେ ତାଳଚୁଆ ଆଇଆଇସି ବିମଳକୁମାର ମଲ୍ଲିକଙ୍କୁ ପଚାରିବାରୁ ମାଙ୍କଡା ପଥର ବୋଝେଇ ୩ଟି ଟ୍ରକକୁ ଅଟକ ରଖାଯାଇଛି । ଏଥିରେ ବୋଝେଇ ଥିବା ମାଙ୍କଡାର କୌଣସି କାଗଜପତ୍ର କିମ୍ବା ଚାଲାଣ ଏଯାବତ୍ ଦେଖାଇ ପାରିନାହାନ୍ତି । କାଗଜପତ୍ର ଯାଂଚ ପରେ ଯାହାକିଛି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ସବୁଠାରୁ ବଡକଥା ହେଉଛି, ସ୍ଥାନୀୟ ଅଂଚଳରେ ମାଙ୍କଡା ପଥର ପାହାଡ ନାହିଁ। ଏହା ଯାଜପୁର ଜିଲ୍ଲାର କୌଣସି ପାହାଡରୁ ଅଣାଯାଇଥାଇ ପାରେ। ଶହେରୁ ଊର୍ଦ୍ଧ୍ୱ କିଲୋମିଟର ପଥ ଅତିକ୍ରମ କରି ଆସିଥିଲେ ମଧ୍ୟ ଚୋରା ମାଙ୍କଡା ପଥର ପୋଲିସ ଓ ଖଣି ବିଭାଗ ଅଧିକାରୀ ଦୃଷ୍ଟି ପଡିଲା ନାହିଁ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସସମସ୍ତଙ୍କ ଜାଣତରେ ଏଭଳି ଲୁଟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

# ଆଘାତ ସ୍ଥାନରେ ସିଲେଇ ନକରି ଫେଭିକ୍ୱିକ୍ ଲଗାଇଦେଲେ ଡାକ୍ତର

**ମିରଟ,୨୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଖିରେ ଆଘାତ ଲାଗିବା ପରେ ସିଲେଇ ନକରି ଫେଭିକ୍ୱିକ୍ ଲଗାଇଦେଲେ ଡାକ୍ତର। ମିରଟରେ ଘଟିଛି ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା। ଘଟଣା ବିଷୟରେ ଯିଏ ଶୁଣୁଛି, ସେ ଆଶ୍ଚର୍ଯ୍ୟ ହୋଇଯାଉଛି। ୫ଟଙ୍କିଆ ଫେଭିକ୍ୱିକ୍ ଲଗାଯିବା ପରେ ପିଲାଟି ସାରା ରାତି ଯନ୍ତ୍ରଣାରେ କଟାଇଥିଲା। ପରଦିନ ତାଙ୍କୁ ଅନ୍ୟ ଏକ ହସ୍ପିଟାଲକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତରଙ୍କୁ ଫେଭିକ୍ୱିକ୍ ବାହାର କରିବାକୁ ତିନି ଘଣ୍ଟା ସମୟ ଲାଗିଥିଲା। ଏହା ପରେ ତାଙ୍କର ଆଖି ପତା ସିଲେଇ କରାଯାଇଥିବା ସାମ୍ନାକୁ ଆସିଛି। ସୂଚନା ମୁତାବକ, ଘଟଣାଟି ଘଟିଛି ମିରଟର ଜାଗୃତି ବିହାରରେ। ଏଠାରେ ରହୁଥିବା ଫାଇନାନସର ସରଦାର ଜସପ୍ରୀତ୍ ସିଂହଙ୍କ ଦେଢ଼ ବର୍ଷର ପୁଅ ମନରାଜଙ୍କ ସହ ଏଭଳି ଅଭାବନୀୟ ଘଟଣା ଘଟିଛି। ଖେଳିବା ସମୟରେ ମନରାଜଙ୍କ ଆଖି ଉପରେ ଆଘାତ ଲାଗିଥିଲା। *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାଦକ ଦ୍ରବ୍ୟ ଓ ମାରଣାସ୍ତ୍ର ଯୋଗୁ ବଢୁଛି ଅପରାଧ

**କେନ୍ଦ୍ରାପଡ଼ା,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲାରେ ମଦ ଯାହାକୁ ଯେତେ । ସରକାରୀ ଭାବେ ହେଉ କି ଚୋରାରେ ହେଉ ସହର ବଜାରଠାରୁ ଗାଁ ଗହଳ ଯାଏ ସବୁଠି ମଦର ପସରା ମେଲିଛି । ବ୍ରାଉନସୁଗାର କାରବାର ଜିଲ୍ଲାରେ କାୟା ବିସ୍ତାର କରୁଛି । ସେହିପରି ମାରଣାସ୍ତ୍ରର ଅବାଧ କାରବାର ଯୋଗୁ କଥା କଥାକେ ବନ୍ଧୁକ ବାହାରୁଛି। ଯାହା ପାଇଁ ଜିଲ୍ଲାରେ ଅପରାଧ ବଢିଚାଲିଛି। ପୋଲିସ ବିଭିନ୍ନ ସମୟରେ ବିଭିନ୍ନ ଅଂଚଳରୁ ଚୋରୀ, ଡ଼କାୟତି, ରାହାଜାନୀ, ଛିନତାଇ, ଦାଦାଗିରୀ, ମଦ ଓ ବ୍ରଉନସୁଗାର କାରବାର ଭଳି ଅପରାଧ କରୁଥିବା ଅପରାଧୀମାନଙ୍କୁ ଗରିଫ କରୁଛି । ସେମାନଙ୍କଠାରୁ ବିଭିନ୍ନ ସାମଗ୍ରୀ ସହିତ ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ବି ଜବତ କରୁଛି। ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଏହି ଅପରାଧୀମାନେ କିଛି ଦିନ ଜେଲରେ ରହିବା ପରେ ଆସି ପୁଣି ଅପରାଧ କରୁଛନ୍ତି। ଏହିଭଳି ଅପରାଧୀମାନଙ୍କୁ କେବେ ସଜା ହେବା ନଜରକୁ ଆସୁନାହିଁ। କାରଣ ପୋଲିସ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଦେବାରେ ସମର୍ଥ ହେଉନାହିଁ । ତେଣୁ କିଛି ଦିନ ଜେଲ୍‌ରେ ରହିବା ସେମାନଙ୍କ ପାଇଁ କୌଣସି ଫରକ ପଡୁନାହିଁ। ପୋଲିସ ଧରିଲେ ଜେଲ୍ ଯିବେ ପୁଣି ଆସି ଅପରାଧ କରିବା ସେମାନଙ୍କ ପାଇଁ ଏକ ସ୍ୱାଭାବିକ ଘଟଣା ହୋଇଯାଇଛି। ଅପରାଧ ପାଇଁ ସେମାନେ ବ୍ୟବହାର କରୁଥିବା ବନ୍ଧୁକ ବା ପିସ୍ତଲଟିଏ ଯଦି କୌଣସି ପ୍ରକାର ସେମାନଙ୍କ ହାତରେ ନପଡ଼ନ୍ତା ତେବେ ଅନେକ କ୍ରମାଗତ ଭାବେ ଅପରାଧ କରିବାକୁ ସାହାସ କରିପାରନ୍ତେ ନାହିଁ।

ଅନ୍ୟପକ୍ଷରେ ମଦର ବହୁଳ ପ୍ରସାର ହେଉନଥିଲେ ଅପରାଧ ଘଟାଇବା ପୂର୍ବରୁ ଅପରାଧିମାନେ ମଦ ପିଇ ମଣିଷ ପଣିଆଠାରୁ ଦୂରେଇ ଯାଉନଥାନ୍ତେ । ହେଲେ ପୋଲିସ ଜିଲ୍ଲାକୁ ଆସୁଥିବା ବନ୍ଧୁକର ମୂଳ ଉତ୍ସରେ ପହଂଚି ପାରୁନାହିଁ କିମ୍ବା ଜିଲ୍ଲାର ଗୋଇନ୍ଦା କାହାପାଖରେ ବନ୍ଧୁକ ଅଛି ତା'ର ତଥ୍ୟ ହାସଲ କରିପାରୁ ନାହିଁ। ଚୋରା ମଦର ବହୁଳ ପ୍ରସାରକୁ ବନ୍ଦ କରିବାରେ ନା' ଅବକାରୀ ବିଭାଗ ନା' ପୋଲିସ ବିଭାଗ ସମର୍ଥ ହେଉନାହିଁ । ଅଧିକନ୍ତୁ କେତେକ ସ୍ଥାନରେ ଏହି ଦୁଇ ବିଭାଗର ସ୍ଥାନୀୟ ଅଧିକାରୀ ମଦର ପ୍ରସାର ଘଟାଇବାରେ ସାହାଯ୍ୟ କରି ପ୍ରତି ମାସରେ ହାତ ଚିକ୍କଣ କରୁଥିବାର ଅଭିଯୋଗ ହୋଇ ଆସୁଛି। ସବୁଠାରୁ ବଡ଼ କଥା ହେଲା ଜିଲ୍ଲାରେ ବେରୋଜଗାରୀ ଅପରାଧ ବୃଦ୍ଧିରେ ଯଥେଷ୍ଟ ସହାୟକ ହୋଇଥିଲାବେଳେ ଜନପ୍ରତିନିଧି କିମ୍ବା ସରକାରଙ୍କର ଏଥିପ୍ରତି ଆଦୌ ଧ୍ୟାନ ନାହିଁ । କେନ୍ଦ୍ରାପଡ଼ା ଜିଲ୍ଲା ଦଶନ୍ଧି ଦଶନ୍ଧି ଧରି ନିର୍ଦ୍ଦିଷ୍ଟ ଗ୍ୟାଙ୍ଗଷ୍ଟରମାନଙ୍କ ଅପରାଧିକ କାର୍ଯ୍ୟକଳାପ ଓ ଗ୍ୟାଙ୍ଗଓ୍ୱାରକୁ ଦେଖିଛି। ଗ୍ୟାଙ୍ଗଷ୍ଟରମାନେ ସରକାରୀ ଠିକା କାମ ଓ ବାଲି ସଇରାତ ହାତେଇବା ସହ ବଡ଼ ବଡ଼ିଆ ବ୍ୟବସାୟୀ, ଯନ୍ତ୍ରୀ, ଠିକାଦାର ଆଦିଙ୍କୁ ଟାର୍ଗେଟ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଶପଥ ନେଲେ ଜୟ ଢୋଲକିଆ

**ଭୁବନେଶ୍ୱର,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଉପନିର୍ବାଚନରେ ଭାଜପା ପାର୍ଥୀ ଜୟ ଢୋଲକିଆ ବିପୁଳ ଭୋଟରେ ଜୟଯୁକ୍ତ ହୋଇଛନ୍ତି। ବର୍ତ୍ତମାନ ସେ ବିଧାୟକ ଭାବେ ବିଧାନସଭାରେ ଶପଥ ନେଇଛନ୍ତି। ବାଚସ୍ପତି ସୁରମା ପାଢ଼ୀ ତାଙ୍କୁ ଶପଥ ପାଠ କରାଇଛନ୍ତି। ମା' ଓ ସ୍ତ୍ରୀଙ୍କ ସହ ଆସି ନୂଆ ବିଧାୟକ ଭାବେ ଶପଥ ନେଇଛନ୍ତି।

ଜଣେ ସାଧାରଣ ବିଧାୟକ ଭାବେ ଜୟଙ୍କୁ ମାସିକ ଦରମାରେ ତାଙ୍କ ବେତନ ସହ ଅନ୍ୟାନ୍ୟ ଆନୁଷାଙ୍ଗିକ ଭତ୍ତା ମିଳିବ। ଓଡ଼ିଶାରେ ବିଧାୟକଙ୍କ ମୂଳ ଦରମା ୩୫,୦୦୦ ଟଙ୍କା ରହିଛି। ତେବେ ଅନ୍ୟାନ୍ୟ ଭତ୍ତା (ବିଧାନ ମଣ୍ଡଳ ଭତ୍ତା, ଅଫିସ ଖର୍ଚ୍ଚ, ଫୋନ-ଇଣ୍ଟରନେଟ ଭତ୍ତା) ବାବଦକୁ ମାସକୁ ଆହୁରି ଅତିରିକ୍ତ ୬୫,୦୦୦ ଟଙ୍କା ସହାୟତା ରାଶି ମିଳିଥାଏ। ଏହା ବ୍ୟତୀତ *(ଶେଷ ପୃଷ୍ଠା ଦେଖନ୍ତୁ)*




# ୩ ଦଶନ୍ଧି ହେଲା ଶିଶୁ ଶ୍ରମିକଙ୍କ ସଂଖ୍ୟା ସର୍ଭେ ହୋଇପାରୁନି

**ଭୁବନେଶ୍ୱର,୨୦।୧୧: ତଥ୍ୟ**

ଛୋଟ ଛୋଟ ପିଲାଙ୍କୁ ଶ୍ରମିକ ଭାବେ କାମରେ ନଲଗାଇବା ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ହେଉଥିବାବେଳେ ରାଜ୍ୟରେ କିନ୍ତୁ ଉଦ୍ଧାର ଶିଶୁ ଶ୍ରମିକଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢି ଚାଲିଛି। ୨୦୨୨-୨୩ ବର୍ଷରେ ସରକାରୀ କଳ ରାଜ୍ୟରୁ ମାତ୍ର ୫ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବାବେଳେ ୨୦୨୪-୨୫ରେ ଏହି ସଂଖ୍ୟା ୫୦କୁ ଟପିଯାଇଥିଲା।



ଶିଶୁମାନଙ୍କୁ ଶ୍ରମିକ ଭାବେରେ କାମରେ ନଲଗାଇବାପାଇଁ ଆଇନ୍ ରହିଛି। ଏହି ଆଇନ୍ ଅମାନ୍ୟ କଲେ ଅର୍ଥଦଣ୍ଡ ସହିତ ଜେଲ୍ ଦଣ୍ଡ ମିଳିବ। ସେହିଭଳି ଶିଶୁମାନଙ୍କୁ ସୁରକ୍ଷା ଦେବାପାଇଁ ରାଜ୍ୟରେ ଗୋଟିଏ ଶିଶୁ ସୁରକ୍ଷା କମିଶନ ଥିବାବେଳେ ଶିଶୁ ଶ୍ରମିକମାନଙ୍କ ଉପରେ ନଜର ରଖାଯିବାକୁ ଶ୍ରମ ବିଭାଗ ବି ରହିଛି। ଜିଲ୍ଲାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଟାସ୍କଫୋର୍ସ ରହିଛି।

ଏହାଛଡା ବେସରକାରୀ ସଂସ୍ଥାମାନେ ସରକାରଙ୍କ ସହାୟତାରେ ରାଜ୍ୟରୁ ଶିଶୁଶ୍ରମିକ ପ୍ରଥାର ବିଲୋପ ପାଇଁ କାର୍ଯ୍ୟ କରୁଛନ୍ତି। ବର୍ଷସାରା ସଭା ସମିତି, ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେଉଛି। ସମସ୍ତେ ଏକ ସ୍ୱରରେ ଶିଶୁ ଶ୍ରମିକ ବ୍ୟବସ୍ଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି।

ଏତେସବୁ ସତ୍ତ୍ୱେ ସରକାରୀଭାବେ ରାଜ୍ୟରୁ ଉଦ୍ଧାର ହେଉଥିବା ଶିଶୁ ଶ୍ରମିକମାନଙ୍କ ସଂଖ୍ୟା ବଢିବାରେ ଲାଗିଛି। ତିନି ବର୍ଷ ଭିତରେ ଏହି ସଂଖ୍ୟା ୫ରୁ ବୃଦ୍ଧି ପାଇଁ ୫୧ରେ ପହଞ୍ଚିଛି। ତେବେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ସ୍ୱେଚ୍ଛାସେବୀମାନଙ୍କ କହିବାକଥା ଯେ ଯେତିକି ସଂଖ୍ୟାରେ ଶିଶୁ ଶ୍ରମିକ ଉଦ୍ଧାର ହେଉଛନ୍ତି ତାହାଠାରୁ ଢେର ଅଧିକ ସଂଖ୍ୟାରେ ଶିଶୁମାନେ ବିଭିନ୍ନ ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ସ୍ଥାନୀୟ ସରକାରୀକଳର ଉଦାସୀନତା ଯୋଗୁଁ ଏମାନଙ୍କୁ ଉଦ୍ଧାର କରାଯାଇ ପାରୁନାହିଁ।

ସେହିଭଳି ପାଖପାଖି ୩ଦଶନ୍ଧି ହେଲାଣି ରାଜ୍ୟରେ ଶିଶୁ ଶ୍ରମିକମାନଙ୍କ ସଂଖ୍ୟା କେତେ ତାହାର ସର୍ଭେ ହୋଇପାରୁ ନାହିଁ। ଶେଷ ସର୍ଭେ ୧୯୯୭ ମସିହାରେ ହୋଇଥିଲା। ଏହା ପରଠାରୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି କିଛି ସ୍ଥାନରେ ପ୍ରଶାସନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ନଭେମ୍ବର ୨୦୨୫ । ଶୁକ୍ରବାର




## ଘଟଗାଁ ରେଞ୍ଜରେ ବାଘ ଗଣନା ଆରମ୍ଭ

**ଘଟଗାଁ: ଏକ୍ସପ୍ରେସ ନ୍ୟୁଜ୍**

ସାରା ରାଜ୍ୟରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜରେ ମଧ୍ୟ ଆଜିଠାରୁ ଆରମ୍ଭ ହୋଇଛି ବାଘ ଗଣନା । ଘଟଗାଁ ରେଞ୍ଜର ସରୋଜ ମିଶ୍ରଙ୍କ ନେତୃତ୍ୱରେ ଘଟଗାଁ ବନାଞ୍ଚଳ ଅନ୍ତର୍ଗତ ୧୨ଟି ଫରେଷ୍ଟ ବିଟରେ ଏହି ବାଘ ଗଣନା ଆରମ୍ଭ ହୋଇଛି । ପ୍ରତି ଫରେଷ୍ଟ ବିଟର ବନ କର୍ମଚାରୀମାନେ ଜଙ୍ଗଲକୁ ଯାଇ ବାଘର ପାଦ ଚିହ୍ନ, ମଳ ଆଦି ଆଦି ସନ୍ଧାନ ଜାରି ରଖିଛନ୍ତି । ଏହି ଗଣନା ପ୍ରକ୍ରିୟା ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାପଡିଛି । ତେବେ ଅଟେଇ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ବାସ ଥିବା ବେଳେ । ଦୁଇ ବର୍ଷ ତଳେ ଏକ ଘଟଗାଁ ଅଟେଇ ଜଙ୍ଗଲରେ ମହାବଳ ବାଘ ଠାବ ହୋଇଥିଲା । ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ମଧ୍ୟ ଲଗାଯାଇଥିଲା । କିଛିମାସ ରହିବା ପରେ ମହାବଳ ବାଘଟି ଶିମିଳିପାଳକୁ ଫେରିଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଥିଲା । ଗତବର୍ଷ ଘଟଗାଁ ବନାଞ୍ଚଳ ଅଟେଇ ଜଙ୍ଗଲରେ ଚିତାବାଘ ଥିବା ସର୍ଭେରୁ ଜଣାପଡିଥିଲା । ଚଳିତ ବର୍ଷ ବାଘ ସଂଖ୍ୟା ବୃଦ୍ଧି ହୋଇଛିକି ନାହିଁ ଗଣନା ଶେଷ ହେବ ପରେ ଜଣାପଡିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି ।



## ଘରୋଇ ବସ ମାଲିକ ସଂଘର ବିବାଦକୁ ନେଇ ସାମ୍ବାଦିକ ସମ୍ମିଳନୀ



**କୋରାପୁଟ: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଘରୋଇ ବସ ମାଲିକ ସଂଘକୁ ନେଇ ଦୀର୍ଘ ଏକ ବର୍ଷ ଧରି ଲାଗି ରହିଥିବା ବିବାଦରେ ନୂଆ ମୋଡ଼ ଦେଖିବାକୁ ମିଳିଛି । ସଂଘର ପୂର୍ବତନ ସମ୍ପାଦକ ନରେଶ ଚନ୍ଦ୍ର ପାଢ଼ୀ ଅଭିଯୋଗ କରିଛନ୍ତି କି, କିଛି ଲୋକ ଚକ୍ରାନ୍ତ କରି ବିନା ପଞ୍ଜୀକରଣ ଓ ବେଆଇନ ଭାବେ ସଂଘ ଘୋଷଣା କରି ଆତ୍ମଘୋଷିତ ସଭାପତି ଓ ଉପସଭାପତି ସହ ଅନ୍ୟ ସଦସ୍ୟତା ଘୋଷଣା କରି ନିଜ ଆକ୍ତିଆରରେ ରଖିଛନ୍ତି । ଏହାକୁ ନେଇ ପୂର୍ବତନ ସଭାପତି ଶରତ ଗୌଡ଼ ଓ ସମ୍ପାଦକ ନରେଶ ଚନ୍ଦ୍ର ପାଢ଼ୀ ପ୍ରଶାସନର ଦ୍ୱାରସ୍ଥ ହେଇଥିଲେ । ସମ୍ପାଦକଙ୍କ କହିବା ଅନୁଯାଇ କୋରାପୁଟ ଘରେଇ ବସ ମାଲିକ ସଂଘ ସୋସାଇଟି ଅଧିନିୟମ ୧୮୬୦ ଅନୁଯାୟୀ ନଂ.୪୦୧୦/୨/ ୨୦୦୫-୦୬ ଓ ୨୦୦୫ ମସିହାରେ ନିୟମିତ ଭାବରେ ରେଜିଷ୍ଟର ହୋଇଥିଲା । ସଂଘର ପୁରୁଣା ଲେଖାପତ୍ର, ଦଲିଲ ଓ ଅଧିକାରିକ କାଗଜପତ୍ର ସ୍ପଷ୍ଟ କରୁଥିବା ସତ୍ତ୍ୱେ କିଛି କୁଚକ୍ରୀ ବସ ମାଲିକ ଚକ୍ରାନ୍ତ କରି ଏହି ସଂଘକୁ ନିଜ ନିୟନ୍ତ୍ରଣରେ ରଖି ଦୀର୍ଘ ଏକ ବର୍ଷ ହେବ ଅରାଜକତା ଚଳାଇଛନ୍ତି । ସଂଘର ସମ୍ପାଦକ ନରେଶ ପାଢ଼ୀଙ୍କ କହିବା ପ୍ରକାରେ ତାଙ୍କ ପାଖରେ ସରକାରୀ ସ୍ତରର ସମସ୍ତ ବୈଧ ଲେଖାପତ୍ର, ରେଜିଷ୍ଟ୍ରେସନ୍ ଦଲିଲ ସମେତ ପୁରୁଣା ବୈଠକର ରେକର୍ଡ ଅଛି । ଏହା ପୂର୍ବରୁ କୁଦରତ ନୁର ଖାନ ସଭାପତି ଦାୟିତ୍ୱରୁ ଇସ୍ତଫା ଦେଇଥିବା ସେ କହିଥିଲେ ଓ ପରବର୍ତ୍ତୀ ସମୟରେ ୯/୧୦/୨୫ ତାରିଖରୁ ତାଙ୍କର ସଂଘକୁ ଅତିରିକ୍ତ ଜିଲ୍ଲାପାଳ ବୈଧ ଭାବେ ଘୋଷଣା କରି ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ନବୀକରଣ କରେଇଥିବା ପ୍ରମାଣ ପତ୍ର ଦେଖେଇଥିଲେ ଓ ଶରତ ଗୌଡ଼ଙ୍କୁ ସଂଘର ସଭାପତି ଭାବେ ଘୋଷଣା କରାଯାଇଛି ଓ ତଥାପି କିଛି ଲୋକ ସଂଘ କାର୍ଯ୍ୟାଳୟକୁ ଦଖଲରେ ରଖି ଅସାମ୍ବିଧାନିକ କାର୍ଯ୍ୟ କରୁଛନ୍ତି । ଏହା କେବଳ ଆଇନର ଉଲ୍ଲଂଘନ ନୁହେଁ, ସଂଘରେ ଅସନ୍ତୋଷ ଓ ଅବ୍ୟବସ୍ଥା ସୃଷ୍ଟି କରୁଛି, ବୋଲି ସଭାପତି ଶରତ ଗୌଡ଼ କହିଛନ୍ତି । ଏହି ବିବାଦର ସମାଧାନ ପାଇଁ ସଂଘ ସଭାପତି ଶରତ ଗୌଡ଼, ସମ୍ପାଦକ ନରେଶ ପାଢ଼ୀଙ୍କ ସମେତ ସଂଘ ସଦସ୍ୟମାନେ କୋରାପୁଟ ଟାଉନ ଥାନାରେ ସମସ୍ତ ବୈଧ କାଗଜ ପତ୍ର ସହ ଅଭିଯୋଗ କରିଥିବା ସତ୍ତ୍ୱେ ଥାନା ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଏହାକୁ ନେଇ ସଂଘ ଆଜି ସ୍ଥାନୀୟ ପ୍ରେସକ୍ଲବ ଠାରେ ସାମ୍ବାଦିକ ସମ୍ମିଳନୀ ଡକାଯାଇ କୁହାଯାଇଛି ଯେ ଆସନ୍ତା ଶୁକ୍ରବାର ସଂଘ ବସ ଷ୍ଟାଣ୍ଡରେ ଥିବା କାର୍ଯ୍ୟାଳୟକୁ ଦଖଲରେ ନେବ । ଏଥିପାଇଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ସେଥିପାଇଁ ପ୍ରଶାସନ ଦାୟୀ ରହିବେ ବୋଲି କୁହାଯାଇଛି । ଏହି ସଂଘକୁ ଜୟପୁର ଘରେଇ ବାସ ମାଲିକ ସଂଘ, ଉମରକୋଟ, ସେମିଳିଗୁଡା ପ୍ରଭୃତି ଘରେଇ ବସ ମାଲିକ ସଂଘ ସମର୍ଥନ କରୁଥିବା ସହ ଶୁକ୍ରବାର କୋରାପୁଟ ସଂଘ ସହ ରହିବୁ ବୋଲି କହିଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଘରେଇ ବସ ମାଲିକ ସଂଘର ସଭାପତି ଶରତ ଗୌଡ଼, ସମ୍ପାଦକ ନରେଶ ଚନ୍ଦ୍ର ପାଢ଼ୀ, ଉମରକୋଟି ମାଲିକ ସଂଘର ସଭାପତି ଅଶୋକ କୁମାର ବିଶ୍ୱାଳ, ଉପ ସଭାପତି ରଶ୍ମିକାନ୍ତ ମହାନ୍ତି ଓ ଜୟପୁର ଘରେଇ ବସ ମାଲିକ ସଂଘର ସଭାପତି ପ୍ରେମ ପାତ୍ର, ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଘାଟରୁ ରାତି ଅଧିଆ ବାଲି ଚୋରାଚାଲାଣ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ରାଜସ୍ୱ ବିଭାଗ ପକ୍ଷରୁ ଖଣି ବିଭାଗକୁ ବାଲିଘାଟ ପରିଚାଳନା ଦାୟିତ୍ୱ ହସ୍ତାନ୍ତର ହେବା ପରେ ନିଆଳି ତହସିଲ୍ ଓ ଥାନା ଅଧୀନରେ ଚଳିତ ବର୍ଷ ଆରମ୍ଭରୁ ସିଠାଳ, ଅଳତଳଙ୍ଗ ଓ ମହଙ୍ଗପଡା ବାଲିଘାଟରୁ ବେଆଇନ ବାଲି ଚୋରା ଚାଲାଣ ବଢ଼ିବାରେ ଲାଗିଛି । ସଂଧ୍ୟା ୬ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଏହି ଘାଟ ଗୁଡିକରୁ ପ୍ରବଳ ମାତ୍ରାରେ ବାଲି ଚୋରାଚାଲାଣ ହେଉଛି । ଫଳରେ ଅଞ୍ଚଳରେ ପ୍ରଭାବିତ ଦେବୀ ଓ କନ୍ଦଳ ନଦୀରୁ ପ୍ରତିଦିନ ଟ୍ରାକ୍ଟର ଓ ହାଇବା ଯୋଗେ ଶତାଧିକ ଟ୍ରିପ୍ ବାଲି ଚାଲାଣ କରାଯାଉଛି । ପୋଲିସ ଓ ଖଣି ବିଭାଗକୁ ହାତଗୁଞ୍ଜା ଦେଇ ବାଲି ମାଫିଆମାନେ ଚୋରାରେ ନିଧଡ଼କ ବାଲି ଚୋରାଚାଲାଣ କରୁଥିବା ଅଭିଯୋଗ ହେଉଛି । ବେଆଇନ ବାଲି ଉଠାଣ ଯୋଗୁ ନଦୀବନ୍ଧ ଦୁର୍ବଳ ହେଲାଣି, ହେଲେ ଏଥିପ୍ରତି ଖଣି ବିଭାଗର ଦୃଷ୍ଟି ନାହିଁ । ବରଂ ସବୁ ଜାଣି ଚୁପ୍ ହୋଇ ବସିଛି । ସିଠାଳ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ପାଖରେ ଦୁଇ ଦୁଇଟି ଚୋରା ବାଲି ଘାଟ ଖୋଲିଥିବା ବେଳେ ଉକ୍ତ ବାଲି ଘାଟ ଖୋଲିଥିବା ପ୍ରଭାବଶାଳୀ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ନେତାଙ୍କ ଛତ୍ର ଛାୟା ତଳେ ରହି ଖୁଲମ ଖୁଲା ଘାଟ ବିରୁଧରେ ଅଭିଯୋଗ କରୁଥିବା ବ୍ୟକ୍ତିଙ୍କୁ ଧମକ ଦେଉଛନ୍ତି । ଭୟରେ ସ୍ଥାନୀୟ ଅଞ୍ଚଳବାସୀ ମୁହଁ ଖୋଲୁନାହାନ୍ତି । ଫଳରେ ବାଲି ମାଫିଆମାନେ ଚୋରାରେ ବାଲି ଉଠାଇ ଚଢ଼ା ଦରରେ ବିକ୍ରି କରି ମାଲେମାଲ୍ ହେଉଛନ୍ତି । ନଦୀ ଶଯ୍ୟାରୁ ଜେସିବି ସହାୟତାରେ ବାଲି ଉତ୍ତୋଳନ କରିବା ସହ ଭାରି ଯାନ ଯାତାୟାତ କରିବା ଫଳରେ ନଦୀବନ୍ଧ ଦୁର୍ବଳ ହେବା ସହ ପଠା ଖାଇବାରେ ଲାଗିଛି । ଏନେଇ ଅଭିଯୋଗ ହେଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଏନେଇ କଟକ ଜିଲ୍ଲା ଖଣିବିଭାଗ ଅଧିକାରୀ ସମ୍ବିତ୍ ସାହୁଙ୍କୁ ଫୋନ କଲେ ମଧ୍ୟ ସେ ଫୋନ ଉଠାଉ ନାହାନ୍ତି । ଯଦି ଉକ୍ତ ବାଲିଘାଟ ଉପରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନଯାଏ ଦେବୀ କନ୍ଦଳ ଦୀପାଞ୍ଚଳ ପକ୍ଷରୁ ଓ ଅନ୍ତର୍ଯ୍ୟାମୀ ବଡୁ ଓ ତାଙ୍କ ସମର୍ଥକମାନେ ବିରାଟ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ପୋଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା ଦାବିକୁ ଦୋହରାଇଲା ବିକାଶ ମଞ୍ଚ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୋଲିସ ଉପଖଣ୍ଡ ଅଧିନସ୍ଥ ପାଞ୍ଚଟି ଥାନା ମଧ୍ୟରୁ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଯାହା ବାଲେଶ୍ୱର ଜିଲ୍ଲାକୁ ଲାଗି ରହିଛି ଏହା ଅଧିକ ଅପରାଧ ପ୍ରବଣ ଅଟେ । ଏହି ଥାନାରେ ଅଧିକ ଅପରାଧିକ କାର୍ଯ୍ୟକଳାପ ଅନ୍ୟ ଥାନାମାନଙ୍କ ତୁଳନାରେ ବର୍ଷ ତମାମ ପଞ୍ଜିକୃତ ହୋଇଥାଏ । ଏଠାକାର ଥାନା ଆଇଆଇସି ଅପରାଧ ନିୟନ୍ତ୍ରଣ କରିବାରେ ଅନେକ ସମୟରେ ବିଫଳ ହୋଇଥାନ୍ତି । ଏଣୁ ଏଠାକାର ଅଣ ରାଜନୈତିକ ସଂଗଠନ ବେତନଟୀର ବିକାଶ ମଞ୍ଚ ପକ୍ଷରୁ ଗତ ୨୦୧୯ ମସିହାରୁ ବୈଶିଙ୍ଗା ଥାନା ଅଧିନ ହରିପୁର ଠାରେ ଏବଂ ବଡସାହି ଥାନା ଅଧିନସ୍ଥ ସାନ କେରକ ଠାରେ ଦୁଇଟି ପୋଲିସ ଆଉଟ ପୋଷ୍ଟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଲିଖିତ ଭାବେ ପ୍ରଦାନ କରାଯିବା ସହିତ ସମସ୍ତ ପରିସଂଖ୍ୟାନ ରିପୋର୍ଟ ମଧ୍ୟ ଦୁଇ ଥାନା ଓ ତହସିଲ ପକ୍ଷରୁ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକଙ୍କୁ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା । ଏହା ସହିତ ବହୁବାର ଆରକ୍ଷୀ ଅଧିକ୍ଷକଙ୍କୁ ସାକ୍ଷାତ କରାଯାଇ ଫାଣ୍ଡି ପ୍ରତିଷ୍ଠା ଦାବି ସଂପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ପକ୍ଷରୁ ପଠାଯାଇଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ପାଇଁ ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଲିଖିତ ଭାବେ ଜଣାଇଥିବା ଜଣାଯାଇଛି । ବୈଶିଙ୍ଗା ଥାନା ଅଧିନରେ ଥିବା ୧୬ଟି ଗ୍ରାପର ଜନସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୨୪ ହଜାର ୮୮୬ ହୋଇଥିବା ବେଳେ ଏହି ୧୪ବର୍ଷ ମଧ୍ୟରେ ୨୦୨୫ ମସିହା ସୁଦ୍ଧା ଆଉ ଦୁଇଟି ଗ୍ରାପ ନୂତନ ଭାବେ ଗଠିତ ହୋଇ ୧୮ଟି ଗ୍ରାପ ହୋଇଥିବା ଏବଂ ଜନସଂଖ୍ୟା ୩୫ ହଜାରରୁ ଅଧିକ ହୋଇଥିବା ସତ୍ତ୍ୱେ କେଉଁ କାରଣରୁ ପୋଲିସ ଫାଣ୍ଡି ପ୍ରତିଷ୍ଠା ଦାବିକୁ ସରକାର ଏଡାଇ ଚାଲିଛି ଏନେଇ ବୁଦ୍ଧିଜୀବୀ ଓ ବିକାଶମଞ୍ଚର ପ୍ରତିନିଧିମାନଙ୍କ ମଧ୍ୟରେ ଏହି ପ୍ରଶ୍ନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଏହି ଥାନା ଅଧିନସ୍ଥ ପଞ୍ଚାୟତମାନଙ୍କ ମଧ୍ୟରୁ ଅଁଳା, ଚଞ୍ଚିପଦା ମେର୍ଦ୍ଧା, ସଇଦପୁରକୁ ନେଇ ୩୭ଟି ଗ୍ରାମରେ ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୧୫ ହଜାରରୁ ଅଧିକ ହୋଇଥିବା ବେଳେ ଅପରାଧିକ ମାମଲା ଥାନା ଇଲାକା ଅଧିନସ୍ଥ ଗ୍ରାମ ଗୁଡିକରେ ଏବଂ ୧୮ ନମ୍ବର ଜାତୀୟ ରାଜପଥ ସହିତ ଏହି ଥାନା ଅଧିନସ୍ଥ ରାସ୍ତା ଗୁଡିକରେ ଅଧିକ ଘଟିଥାଏ । ଏହି ସବୁ ଗ୍ରାପ ଗୁଡିକ ବୈଶିଙ୍ଗା ଥାନା ଠାରୁ ୧୫ କିମି ଦୂର ଏବଂ ଅପରାଧ ଘଟାଇ ଅପରାଧୀ ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳର ରାସ୍ତା ଦେଇ ଖସି ପଳାଇବାକୁ ସକ୍ଷମ ହେଉ ଥିବାର ଅନ୍ୟତମ କାରଣ ଅଟେ । ଥାନାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପାଇଁ ବହୁ ବିଳମ୍ବ ହୋଇଥାଏ । ବୈଶିଙ୍ଗା ଅଞ୍ଚଳରେ ଛୋଟ ଶିଳ୍ପାନୁଷ୍ଠାନ ବିଭିନ୍ନ କିସମର ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ବ୍ୟାଙ୍କ ଶାଖା ବହୁ ବ୍ୟବସାୟ ପ୍ରତିଷ୍ଠାନ ସାଙ୍ଗକୁ ବିଭିନ୍ନ ପ୍ରକାରର ସମ୍ବେଦନଶୀଳ ଅପରାଧ, ଛିନତାଇ, ଅପହରଣ, ଧର୍ଷଣ, ସଂଖ୍ୟାଲଘୁ ସଂପ୍ରଦାୟର ଲୋକଙ୍କ ସମାବେଶ ବଢି ଚାଲିଥିବା ଯୋଗୁଁ ସେମାନଙ୍କ ଉପଦ୍ରବ ମଧ୍ୟ ବଢୁଥିବା ହେତୁ ପୋଲିସ ଫାଣ୍ଡିର ଯଥେଷ୍ଟ ଆବଶ୍ୟକତା ରହିଛି । ଏଣୁ ବିକାଶ ମଞ୍ଚ ପକ୍ଷରୁ ଏହି ଥାନା ଇଲାକା ଅଞ୍ଚଳରୁ ଅପରାଧ ହ୍ରାସ ଘଟାଇବା ପାଇଁ ପୋଲିସ ପକ୍ଷରୁ ଫାଣ୍ଡି ପ୍ରତିଷ୍ଠାକୁ ପୋଲିସ ବିଭାଗ ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ପ୍ରଦାନ କରାନଯିବା କାରଣକୁ ପୋଲିସ ଆରକ୍ଷୀ ଅଧିକ୍ଷକଙ୍କୁ ନଜର ଦେବାକୁ ଅନୁରୋଧ କରାଯାଇଛି ।

## ୨୨ରେ କିମ୍ସ ଜାତୀୟ ସମ୍ମିଳନୀର ଦ୍ୱିତୀୟ ସଂସ୍କରଣ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**



ନଭେମ୍ବର ୨୨ ତାରିଖରେ କିମ୍ସରେ ପ୍ରମୁଖ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ, 'କିମ୍ସ ଜାତୀୟ ସମ୍ମିଳନୀ ୨୦୨୫'ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେଉଛି । ଏହି ସମ୍ମିଳନୀର ବିଷୟ ବସ୍ତୁ ରହିଛି 'ଫ୍ୟୁଚର୍ ଅଫ୍ ମେଡିକାଲ୍ କେୟାର ଆଣ୍ଡ ପ୍ରୋଗ୍ରେସ୍' । ଏଥିରେ ଭାରତରେ ସ୍ୱାସ୍ଥ୍ୟସେବା ପ୍ରଦାନର ଭବିଷ୍ୟତ ଦିଗ ଉପରେ ଆଲୋଚନା ପାଇଁ କ୍ଲିନିକାଲ୍ ମେଡିସିନ୍, ଜନସ୍ୱାସ୍ଥ୍ୟ, ନୀତି ନିର୍ଦ୍ଧାରଣ, ଚିକିତ୍ସା ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ପରିବର୍ତ୍ତନର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହେବେ । ଏହା ସହ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ବକ୍ତାମାନେ ସଂପ୍ରତି ବଢୁଥିବା ରୋଗ, ଦ୍ରୁତ ଡିଜିଟାଲାଇଜେସନ୍, ଅସମାନ ପ୍ରବେଶାଧିକାର ଓ ସ୍ଥିର, ରୋଗୀ-କୈନ୍ଦ୍ରିକ ବ୍ୟବସ୍ଥାର ଆବଶ୍ୟକତା ବିଷୟରେ ଆଲୋକପାତ କରିବେ ବୋଲି କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଡା ସୁବ୍ରତ କୁମାର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ସମ୍ମିଳନୀ ଅବସରରେ ଚଳିତବର୍ଷଠାରୁ କିମସ ପକ୍ଷରୁ 'ହେଲଥ ଏମ୍ପାୱାରମେଣ୍ଟ ଇନ ରୁରାଲ ଓଡ଼ିଶା (ହିରୋ) ପୁରସ୍କାର' ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି କିମ୍ସ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ଡା ଆରସି ଦାସ । ସେ କହିଲେ, କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓଡ଼ିଶାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଉପରେ ସର୍ବଦା ଗୁରୁତ୍ୱ ଦେଇଥାନ୍ତି । ସେଥିପାଇଁ ଓଡ଼ିଶାର ଗ୍ରାମାଞ୍ଚଳର ପ୍ରସିଦ୍ଧ ଡାକ୍ତରମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ କିମ୍ସ ପକ୍ଷରୁ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିବା ଡାକ୍ତରମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି କହିଥିଲେ ।

ଅଚ୍ୟୁତ ସାମନ୍ତଙ୍କ ପୃଷ୍ଠପୋଷକତାରେ ଆୟୋଜିତ ଏହି ଜାତୀୟ ସମ୍ମିଳନୀରେ ଡା ସୁବ୍ରତ ଆଚାର୍ଯ୍ୟ, ଡା ୱାଇକେ ଚାୱଲା, ପ୍ରଫେସର ସିବିକେ ମହାନ୍ତି ଏବଂ କିମସ ମହାନିର୍ଦ୍ଦେଶକ ତଥା ଆୟୋଜନ କମିଟି ସଭାପତି ଡା ଅଜିତ କୁମାର ମହାନ୍ତିଙ୍କ ସମେତ ବରିଷ୍ଠ ଚିକିତ୍ସାବିତ ତଥା ଶିକ୍ଷାବିତମାନେ ମାର୍ଗଦର୍ଶକ ରହିଛନ୍ତି । ୨୨ ତାରିଖ ଦିବସ ବ୍ୟାପୀ ବୈଜ୍ଞାନିକ ଅଧିବେଶନଗୁଡ଼ିକ ସିଷ୍ଟମିକ୍ ରିଫର୍ମ ଓ ଜାତୀୟ ସେବା, ନବସର୍ଜନା ଓ ଅନୁବାଦ ଗବେଷଣା, ବିଶେଷଜ୍ଞ ଯତ୍ନ ଓ ପ୍ରତିଷ୍ଠାନଗତ ଉତ୍କର୍ଷତା ଆଦି ତିନୋଟି ପର୍ଯ୍ୟାୟରେ ଚାଲିବ ।

ପ୍ରମୁଖ ଅଧିବେଶନଗୁଡ଼ିକରେ ଡା କେ. ଶ୍ରୀନାଥ ରେଡ୍ଡୀ ଡାକ୍ତରୀ ଶିକ୍ଷାରେ ସଂସ୍କାର ଉପରେ ଅଭିଭାଷଣ, ସାର୍ବଜନୀନ ସ୍ୱାସ୍ଥ୍ୟ, ସାମାଜିକ ନିର୍ଣ୍ଣାୟକ ଏବଂ ସାମୁଦାୟିକ ସଂପୃକ୍ତି ଉପରେ ଆଲୋଚନା କରିବେ । ଗବେଷଣା କ୍ଷେତ୍ରରେ, ଡା ରାଜୀବ ବହଲ, ଡିଜି-ଆଇସିଏମଆର, ଭାରତର ଚିକିତ୍ସା ଗବେଷଣା ଇକୋସିଷ୍ଟମକୁ ବୃଦ୍ଧି କରିବା ପାଇଁ ଥିବା ରଣନୀତି ଉପରେ କହିବେ । ସେହିପରି ପ୍ରଫେସର ଆଲୋକ ଧାୱନ ସିଷ୍ଟମ ବାୟୋଲୋଜିକୁ କ୍ଲିନିକାଲ୍ ପ୍ରୟୋଗରେ ଅନୁବାଦ କରିବା ବିଷୟରେ ଆଲୋଚନା କରିବେ । ଆଇଆଇଟି ମାଡ୍ରାସର ପ୍ରଫେସର ଭି. କାମାକୋଟି ସୁଲଭ, ଇଞ୍ଜିନିୟରିଂ-ଚାଳିତ ସ୍ୱାସ୍ଥ୍ୟସେବା ନବସର୍ଜନା ଉପରେ ଆଲୋକପାତ କରିବେ ।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା

**କଟକ: ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଉଦବୋଧନରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୧ତମ କିସ୍ତି ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ପାଇଛି । କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ତାଙ୍କ ଉଦ୍‌ବୋଧନରେ କହିଲେ, ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଆରମ୍ଭ ହେବା ପରଠାରୁ କୃଷକମାନଙ୍କ ଆର୍ଥିକ ସ୍ଥିରତା ବୃଦ୍ଧି, କୃଷି ଉତ୍ପାଦନରେ ନିବେଶ ବୃଦ୍ଧି ଏବଂ ଋଣ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ପ୍ରତ୍ୟକ୍ଷ ଆୟ ସହାୟତା ପ୍ରଦାନ କରି ସେମାନଙ୍କ ଅବସ୍ଥାକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି । ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୨୧ତମ ଆର୍ଥିକ ସହାୟତା ବଣ୍ଟନ ସାରା ଦେଶରେ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସରକାରଙ୍କ ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟ ବୋଲି ଶ୍ରୀ ଓରାମ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୮୬ରୁ ଉର୍ଦ୍ଧ୍ୱ ଚାଷୀ ଏବଂ କୃଷକ ମହିଳା ଅଂଶଗ୍ରହଣ କରିଥିଲେ । ଏହି ଅବସରରେ କନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ଓ ଓଡ଼ିଶାର କୃଷି ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଗତିଶୀଳ ଚାଷୀମାନଙ୍କୁ ସମ୍ମାନୀତ କରିଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ ଜିଏକେ କୁମାର କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଆୟୋଜନ କମିଟିର ଅଧ୍ୟକ୍ଷ ଡ ଏସଡ଼ି ମହାପାତ୍ର ସ୍ୱାଗତ ଭାଷ ଭାଷଣ ପ୍ରଦାନ କରିଥିଲେ । ଡ କେକେ ଚକ୍ରବର୍ତ୍ତୀ ଏବଂ ଡ ପିସି ଜେନା କାର୍ଯ୍ୟକ୍ରମର ଆୟୋଜକ ସଚିବ ଭାବେ କାର୍ଯ୍ୟ କରିଥିଲେ । ଆୟୋଜନ କମିଟିର ସହ ଅଧ୍ୟକ୍ଷ ଡ ବିଶ୍ୱଜିତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଣିଜ୍ୟ

## ହ୍ୱାଟ୍ସଆପ୍‌ରେ ତ୍ରୁଟି, ବିପଦରେ ୟୁଜରଙ୍କ ଡାଟା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଆମ ଦୈନନ୍ଦିନ ଜୀବନରେ ହ୍ୱାଟ୍ସଆପ୍ ଏକ ପ୍ରମୁଖ ଅଂଶ ପାଲଟିଛି । ଏଭଳି କ୍ଷେତ୍ରରେ ଏହି ଆପ୍‌ର ଡାଟା ନିରାପତ୍ତାକୁ ନେଇ ଉଠିଛି ପ୍ରଶ୍ନ । ଏକ ରିପୋର୍ଟରୁ ଜଣାପଡିଛି ଯେ, ୩୫୦ କୋଟିରୁ ଊର୍ଦ୍ଧ୍ୱ ହ୍ୱାଟ୍ସଆପ୍ ୟୁଜରଙ୍କ ଫୋନ୍ ନମ୍ବର ଏବେ ବିପଦରେ । ଏକ ବଡ ନିରାପତ୍ତାଜନିତ ତ୍ରୁଟି କାରଣରୁ ୟୁଜରଙ୍କ ପ୍ରୋଫାଇଲ ଫୋଟୋ, ଷ୍ଟାଟସ୍ ଏବଂ ଆବାଉଟ୍ ସେକ୍ସନ୍‌ର ବିବରଣୀ ଲିକ୍ ହୋଇପାରେ । ଭିଏନା ୟୁନିଭର୍ସିଟିର ଗବେଷକମାନେ ଏହି ତ୍ରୁଟିକୁ ଚିହ୍ନଟ କରିଛନ୍ତି ।

ଗବେଷକଙ୍କ ମୁତାବକ, ଏହି ତ୍ରୁଟି ଯୋଗୁ ଯେକୌଣସି ନମ୍ବରକୁ ଚେକ୍ କରି ଜଣାପଡିଯାଇଥାଏ ଯେ, ଏହା ହ୍ୱାଟ୍ସଆପ୍‌ର ସଚଳ ଅଛି ଅବା ନୁହେଁ । ଏହାପରେ ପ୍ରୋଫାଇଲ ପିକ୍‌ଚର, ଷ୍ଟାଟସ୍ ଏବଂ ଆବାଉଟ୍ ସେକ୍ସନ ବିବରଣୀ ସହଜରେ ବାହାର କରାଯାଇପାରିବ । ଏହାର ଅପବ୍ୟବହାର କରାଯାଇପାରେ ।

ଗବେଷକମାନେ କୁହନ୍ତି ଯେ, ସମସ୍ୟା ହ୍ୱାଟ୍ସଆପ୍‌ର କଣ୍ଟାକ୍ଟ ଡିସ୍କଭରୀ ଫିଚର୍‌ରେ ରହିଛି । ୟୁଜରଙ୍କ ଫୋନ୍ ଆଡ୍ରେସ ବୁକକୁ ସିଙ୍କ୍ କରି ଲୋକଙ୍କୁ ଖୋଜିବା ସହଜ ହେବ, ସେଥିପାଇଁ ଏହି ଫିଚରକୁ ପ୍ରସ୍ତୁତ କରାଯାଇଥିଲା । କିନ୍ତୁ ଅଜାଣତରେ ଏହା ୟୁଜର ଡାଟାକୁ ବଡ ଆକାରରେ ଚୋରି କରିବାର ଫାଟକ ଖୋଲିଦେଇଛି । ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଲିଭ୍‌ଫୋନ୍‌ଜେନ୍ ଟୁଲ୍‌କୁ ବ୍ୟବହାର କରି ୨୪୫ ଦେଶର ରିୟଲିଷ୍ଟିକ୍ ଫୋନ୍ ନମ୍ବର ଜେନେରେଟ୍ କରିଛନ୍ତି । ଏହାପରେ ହ୍ୱାଟ୍ସଆପ୍‌ର ଏକ୍ସଏମପିପି ପ୍ରୋଟୋକଲରୁ କନେକ୍ଟ କରି କ୍ୱେରି ପଠାଇଥିଲେ । ଗବେଷଣାରେ ୫ଟି ଆକାଉଣ୍ଟରୁ ୬୩୦୦ କୋଟି ସମ୍ଭାବ୍ୟ ନମ୍ବର ଚେକ୍ କରାଯାଇଥିଲା । ଶେଷରେ ଘଣ୍ଟା ପିଛା ୧୦ କୋଟି ବେଗରେ ୩୫୦ କୋଟି ସକ୍ରିୟ ଆକାଉଣ୍ଟ ମିଳିଥିଲା । ୫୬.୭% ୟୁଜରଙ୍କ ପ୍ରୋଫାଇଲ ପିକ୍‌ଚର ଏବଂ ୨୯.୩% ଆବାଉଟ୍ ଟେକ୍ସଟ୍ ସାମ୍ନାକୁ ଆସିଥିଲା । ଏହି ଟେକ୍ସଟରେ ରାଜନୈତିକ ମତ, ଧର୍ମ ଏବଂ ଅନ୍ୟ ସୋସିଆଲ ମିଡିଆ ଲିଙ୍କ୍ ବି ଥିଲା ।

ଗବେଷକଙ୍କ କହିବାନୁସାରେ, ଏହି ୩୫୦ କୋଟି ୟୁଜରଙ୍କ ମଧ୍ୟରୁ ଭାରତରେ ସର୍ବାଧିକ ୭୪.୯ କୋଟି, ଇଣ୍ଡୋନେସିଆର ୨୩.୫ କୋଟି, ବ୍ରାଜିଲ୍‌ର ୨୦.୭ କୋଟି, ଆମେରିକାର ୧୩.୮ କୋଟି ଏବଂ ରୁଷର ୧୩.୩ କୋଟି ଆକାଉଣ୍ଟ ରହିଛି । ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ୟୁଜର ସାମିଲ ଅଛନ୍ତି । ଏହାବ୍ୟତୀତ ୯% ବିଜନେସ୍ ଆକାଉଣ୍ଟ ରହିଛି, ଯାହା ହ୍ୱାଟ୍ସଆପ୍ ବିଜନେସ୍ ଫିଚର ଦ୍ୱାରା ଅଧିକ ଡାଟା ସେୟାର କରିଥାନ୍ତି । ପଶ୍ଚିମ ଆଫ୍ରିକା ଭଳି ପ୍ରାନ୍ତରେ ୮୦% ପ୍ରୋଫାଇଲ ପବ୍ଲିକ୍ ଅଛି, ଯେଉଁଠି ମେସେଜିଂ ପାଇଁ ହ୍ୱାଟ୍ସଆପ୍ ହିଁ ବ୍ୟବହାର ହୋଇଥାଏ ।

ହ୍ୱାଟ୍ସଆପ୍‌ର ଉପସଭାପତି (ଇଞ୍ଜିନିୟରିଂ) ନିତିନ ଗୁପ୍ତା କୁହନ୍ତି, ଏହି ଗବେଷଣା ଆମର ଆଣ୍ଟି-ସ୍କ୍ରାପିଂ ପଦକ୍ଷେପଗୁଡ଼ିକର ପରୀକ୍ଷଣରେ ସହାୟକ ହୋଇଛି । ଏଯାଏ ଡାଟାର କୌଣସି ଅପବ୍ୟବହାର ଦେଖିବାକୁ ମିଳିନାହିଁ । ସାଇବର ସୁରକ୍ଷା ବିଶେଷଜ୍ଞମାନେ ଏହି ତ୍ରୁଟିକୁ ନେଇ କୁହନ୍ତି, ୟୁଜରମାନେ ପ୍ରୋଫାଇଲ୍‌କୁ ପ୍ରାଇଭେଟ୍ ସେଟ୍ କରିପାରିବେ । ଆବାଉଟ୍‌ରେ ବ୍ୟକ୍ତିଗତ ବିବରଣୀ ନ ଦେଇ ଷ୍ଟାଟସ୍ ସେୟାରିଂକୁ ଲିମିଟ୍ କରିବା ଉଚିତ । ବିଜନେସ ୟୁଜର ହୋଇଥିଲେ ହ୍ୱାଟ୍ସଆପ୍ ବିଜ୍‌ନେସ୍ ଏପିଆଇର ନିରାପଦ ଫିଚରକୁ ବ୍ୟବହାର କରିବା ଉଚିତ ।

## ବାଲୁକା ଶିଳ୍ପୀଙ୍କ କଳାକୃତି ଦେଖି ବିଦେଶୀ ପର୍ଯ୍ୟଟକ ମନ୍ତ୍ରମୁଗ୍ଧ

**ଗୋପ : ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱ ପ୍ରସିଦ୍ଧ କୋଣାର୍କରେ (ଏକଆଇଏସଓ) ପର୍ଯ୍ୟବେକ୍ଷକଙ୍କ ଦଳ ସହିତ ଦେଶ ଓ ବିଦେଶରୁ ପ୍ରାୟ ୧୦୦ ଜଣିଆ ପର୍ଯ୍ୟଟକ ଦଳ କୋଣାର୍କର ବାଲୁକା କଳା ଗ୍ୟାଲେରୀ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ପରିଦର୍ଶକମାନେ ଭିତରକୁ ପାଦ ଦେବା ମାତ୍ରେ, ସେମାନଙ୍କୁ ମନ୍ତ୍ରମୁଗ୍ଧକର ବାଲୁକା ମୂର୍ତ୍ତି ଦ୍ୱାରା ସ୍ୱାଗତ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ସରିତା ଗୋଚ୍ଛାୟତଙ୍କ କଳାତ୍ମକ ଦୃଷ୍ଟିକୋଣ ଏବଂ ସୃଜନଶୀଳ ନେତୃତ୍ୱରେ ସମଗ୍ର ଗ୍ୟାଲେରୀ ଆହୁରି ଚମତ୍କାର ଦେଖାଯାଇଥିଲା ।

ଏହି ଜଟିଳ ଭାବରେ ତିଆରି କଳାକୃତିଗୁଡ଼ିକ ବାଲୁକା କଳାରେ ସର୍ବୋଚ୍ଚସ୍ତରର ସୂକ୍ଷ୍ମତା, କଳ୍ପନା ଏବଂ ନିପୁଣତା ପ୍ରଦର୍ଶନ କରିଥିଲା । ସରିତା ଗୋଚ୍ଛାୟତଙ୍କ ଦ୍ୱାରା ନିର୍ମିତ ପ୍ରତ୍ୟେକ ସୃଷ୍ଟି କୋଣାର୍କର ସାଂସ୍କୃତିକ ସାର, ଐତିହାସିକ ଐତିହ୍ୟ ଏବଂ ପାରମ୍ପରିକ କଳାକୃତିକୁ ଅତି ନିଖୁଣ ଭାବରେ ପ୍ରତିଫଳିତ କରିଥିଲା । ପ୍ରତ୍ୟେକଟି କଳାକୃତି ନିଜସ୍ୱ ଅନନ୍ୟ କାହାଣୀ ବର୍ଣ୍ଣନା କରୁଥିବାର ବାରି ହୋଇଯାଉଥିଲା ।

ଏହି ଗ୍ୟାଲେରୀ କେବଳ ପରିଦର୍ଶକଙ୍କୁ ବାଲୁକା କଳାର ଯାଦୁକରୀ ଦୁନିଆ ସହିତ ପରିଚିତ କରାଏ ନାହିଁ, ବରଂ ସେମାନଙ୍କୁ କୋଣାର୍କର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ କଳାତ୍ମକ ପରମ୍ପରା ସହିତ ଗଭୀର ଭାବରେ ସଂଯୋଗ କରେ । ଏହି ସ୍ଥାନକୁ ପରିଦର୍ଶନ କରୁଥିବା ଯେକୌଣସି ବ୍ୟକ୍ତି ସୃଜନଶୀଳତା, ସଂସ୍କୃତି ଏବଂ ସୌନ୍ଦର୍ଯ୍ୟର ଏହି ବିରଳ ମିଶ୍ରଣ ପାଇଁ ଗଭୀର ପ୍ରଶଂସାର ଭାବନା ସହିତ ଫେରିଥାନ୍ତି । ବର୍ତ୍ତମାନର ଶିଶୁ ଓ ଯୁବ ସମାଜରେ ଏହାର ପ୍ରଚାର ପ୍ରସାର ସହିତ ସେମାନଙ୍କୁ ଏହି ଏକକ କଳାର ଶିକ୍ଷା ଦାନ ଦେଇ ବିଦେଶରେ ସୁନାମ ଅର୍ଜନ କରିବା ସହିତ ଏକ ଉତ୍ତମ ଉପାର୍ଜନର ମାଧ୍ୟମ ଖୋଲାଯାଇ ପାରିବ ବୋଲି ସରିତାଙ୍କ ଦୃଢ଼ ବିଶ୍ୱାସ । ସରକାରଙ୍କ ପ୍ରୋତ୍ସାହନ ମିଳିଲେ ଉକ୍ତ ଅନୁଷ୍ଠାନରୁ ଶତାଧିକ ନୂତନ ବାଲୁକା ଶିଳ୍ପୀ ସୃଷ୍ଟି ହୋଇପାରିବେ ବୋଲି ଶିଳ୍ପୀ ସରିତା କହିଥିଲେ ।

## ପୁଣି ଆସୁଛନ୍ତି ଚୁଲବୁଲ୍ ପାଣ୍ଡେ



**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ସଲମାନ ଖାନ୍ ଚଳିତ ବର୍ଷ ଗୋଟିଏ ଫିଲ୍ମ ରିଲିଜ୍ କରିସାରିଛନ୍ତି । 'ସିକନ୍ଦର' ଭାଇଜାନଙ୍କ ଆଶାକୁ ଭାଙ୍ଗି ଦେଇଛି । ସେବେଠାରୁ ସେ ଅନେକ ଫିଲ୍ମ ବିଷୟରେ ଆଲୋଚନାରେ ଅଛନ୍ତି । ବର୍ତ୍ତମାନ, ଅଭିନେତାଙ୍କ ସମ୍ପୂର୍ଣ୍ଣ ଧ୍ୟାନ ତାଙ୍କର ସାମରିକ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ରହିଛି ।

ଅପୂର୍ବ ଲାଖିଆଙ୍କ ଫିଲ୍ମ ଆସନ୍ତା ବର୍ଷ, ୨୦୨୬ରେ ରିଲିଜ୍ ହେବ । ଏହା ପୂର୍ବରୁ, 'ଦବଙ୍ଗ ୪' ବିଷୟରେ ଏକ ଅପଡେଟ୍ ମଧ୍ୟ ସାମ୍ନାକୁ ଆସିଛି । ଏନେଇ ଅରବାଜ ଖାନ ସୂଚନା ପ୍ରଦାନ କରିଛନ୍ତି ।

ସଲମାନ ଖାନଙ୍କ ପୂର୍ବ ଦୁଇଟି ପ୍ରୟାସ ସଫଳ ହୋଇନାହିଁ । 'ଟାଇଗର ୩' ଭଲ ଆୟ କରିଥିଲେ ମଧ୍ୟ ଏହା ଆଶାଠାରୁ ବହୁତ କମ୍ ଥିଲା । ସେହିପରି 'ସିକନ୍ଦର' ରିଲିଜ୍ ହେବା ପରେ ବକ୍ସ ଅଫିସରେ ଫ୍ଲପ୍ ହୋଇଥିଲା । ବର୍ତ୍ତମାନ, ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ତାଙ୍କର ପରବର୍ତ୍ତୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ରହିଛି ।

ସେ ଅପୂର୍ବ ଲାଖିଆଙ୍କ ଫିଲ୍ମରେ ଜଣେ ସୈନିକ ଭୂମିକାରେ ଅଭିନୟ କରୁଛନ୍ତି । ଯାହାର ପ୍ରଥମ ସିଡ୍ୟୁଲ୍ ଲଦାଖରେ ସମାପ୍ତ ହୋଇଥିଲା । ସେ ତାଙ୍କର ପରବର୍ତ୍ତୀ ଫିଲ୍ମ ବିଷୟରେ ମଧ୍ୟ ଆଲୋଚନା କରୁଛନ୍ତି । ଏହି ସମୟରେ 'ଦବଙ୍ଗ ୪' ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ଅପଡେଟ୍ ମିଳିଛି ।

ସଲମାନ ଖାନଙ୍କ 'ଦବଙ୍ଗ ୪' ବହୁତ ଦିନ ଧରି ଖବରରେ ରହିଛି । ପ୍ରଥମ 'ଦବଙ୍ଗ' ୨୦୧୦ରେ, ଦ୍ୱିତୀୟ ୨୦୧୨ରେ ଏବଂ ତୃତୀୟ ୨୦୧୯ରେ ମୁକ୍ତିଲାଭ କରିଥିଲା । ଏବେ 'ଦବଙ୍ଗ ୪' ଆସିବାକୁ ଯାଉଛି । ସମସ୍ତେ ସଲମାନ ଖାନଙ୍କୁ ପୁଣି ଥରେ ଚୁଲ୍‌ବୁଲ୍ ପାଣ୍ଡେ ଭାବରେ ଦେଖିବାକୁ ଚାହାଁନ୍ତି ।

ସଲମାନ ଖାନ ଏବଂ ଦବଙ୍ଗ ଫ୍ରାଞ୍ଚାଇଜର ପ୍ରଶଂସକମାନଙ୍କ ପାଇଁ ଏକ ବହୁତ ଭଲ ସୂଚନା ଅଛି । ଏହି ଫ୍ରାଞ୍ଚାଇଜ ଏପର୍ଯ୍ୟନ୍ତ ଶେଷ ହେଉନାହିଁ । ଅରବାଜ ଖାନ ପ୍ରକାଶ କରିଛନ୍ତି, ଏହାର ଚତୁର୍ଥ ସଂସ୍କରଣ ପାଇପଲାଇନରେ ଅଛି । ଏକ ପ୍ରୋଜେକ୍ଟ ଯାହା ବିଷୟରେ ଲୋକମାନେ ବହୁତ ଦିନ ଧରି ପଚାରୁଛନ୍ତି । ସଲମାନ ଖାନଙ୍କ ଭାଇ ଏବେ ପ୍ରକାଶ କରିଛନ୍ତି ଯେ, ଆଲୋଚନା ଚାଲିଛି, କିନ୍ତୁ ସେ ଏପର୍ଯ୍ୟନ୍ତ ଏହାର ସମୟସୀମା ଜାଣିନାହାନ୍ତି ।

ସମସ୍ତଙ୍କ ପ୍ରଶ୍ନ ପରେ, ଅରବାଜ ଖାନ ଏହାକୁ ନିଶ୍ଚିତ କରି କହିଛନ୍ତି, ଆମେ ବର୍ତ୍ତମାନ ଏହା ଉପରେ କାମ କରୁଛୁ । ତେବେ ଏନେଇ କୌଣସି ଜଲଦି ନାହିଁ । ଏହା ଏପରି କିଛି ଯାହା ସଲମାନ ଏବଂ ମୁଁ ଆଲୋଚନା କରି ନିଷ୍ପତ୍ତି ନେବୁ । ଆମେ ଜାଣିନାହୁଁ ଯେ, ଫିଲ୍ମ କେବେ ରିଲିଜ୍ ହେବ, କିନ୍ତୁ ଯେତେବେଳେ ଏହା ହେବ ବଡ ଧମାକା କରିବ ।

ଅରବାଜ ଖାନ ନିଶ୍ଚିତ କରିଛନ୍ତି, ଏହି ଫିଲ୍ମଟି ନିର୍ମାଣ ହେବ, କିନ୍ତୁ କେବେ ହେବ ମୁଁ ଜାଣିନାହିଁ । ତେଣୁ, ଗଲୱାନ ପରେ ହୋଇପାରେ ବୋଲି ସେ କହିଛନ୍ତି ।

## ସିନେମାଫିନେମା ଟିଭିଫିବି

## ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ସଚେତନତା

**ରାୟଗଡ: ଏକ୍ସପ୍ରେସ ନ୍ୟୁଜ୍**




ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ପୋଷ୍ୟ ସନ୍ତାନ ସଚେତନତା ରଥ'ର ଭବ୍ୟ ଉଦଘାଟନ କଲେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ, ଗୁଣୁପୁର ଦୁଧକ୍ଷଳ ଅଭିଶେଖ ଦିଲ୍ଲୀପ, ଡିଆଇପିଆର ବସନ୍ତ କୁମାର ପ୍ରଧାନ, ଡିସିପିଓ ମହାଦେବ ଚିଚୁଆନ୍, ଜିଲ୍ଲା ଯୋଗାଣ ଅଧିକାରୀ ଦଶରଥି ସୋରେନ, ଶିଶୁ ସୁରକ୍ଷା ଅଧିକାରୀ ପ୍ରତିମା ଦାଶ, ତଥା ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ, ଡିସିପିଉ କର୍ମଚାରୀ ଓ ଆଇସିଡ଼ିଏସ ଷ୍ଟାଫ ଉପସ୍ଥିତ ଥିଲେ ।

ଏହି ସଚେତନତା ରଥର ଆଜିଠାରୁ ଆରମ୍ଭ ସହିତ ଜିଲ୍ଲା ପ୍ରଶାସନ ପୋଷ୍ୟ ସନ୍ତାନଙ୍କ ସୁରକ୍ଷା ଓ କଲ୍ୟାଣକୁ ଧ୍ୟାନରେ ରଖି ବୈଧ ଦତକ ପ୍ରକ୍ରିୟା ବିଷୟରେ ସମାଜରେ ସଚେତନତା ବ୍ୟାପିତ କରିବାକୁ ଉଦ୍ୟମ କରୁଛି । ରଥ ମାଧ୍ୟମରେ ଜନସାଧାରଣଙ୍କୁ ଦେଶର ବୈଧ ଆଇନ, ଦତକର ନିୟମ, ପ୍ରକ୍ରିୟା ଏବଂ ଶିଶୁସୁରକ୍ଷା ସମ୍ପର୍କରେ ସଠିକ୍ ସୂଚନା ପହଁଚାଇବା ଲକ୍ଷ୍ୟ । ଏହି ସଚେତନତା ରଥ ଗୁରୁବାର ଠାରୁ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବ୍ଲକ, ପଞ୍ଚାୟତ ଓ ଦୁର୍ଗମ ଅଞ୍ଚଳ ଭ୍ରମଣ କରିବ । ସମସ୍ତ ବିଭାଗର ସହଭାଗୀତା ତଥା ବିଡ଼ିଓ ଏବଂ ପିଓମାନଙ୍କ ସହାୟତାରେ ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତରୁ ଏହି ରଥ ସଚେତନତା କରିବ । ସମସ୍ତ ବିଭାଗ ମିଶି ପୋଷ୍ୟ ସନ୍ତାନ ସମ୍ପର୍କରେ ଜନଜାଗରଣ କରିବାକୁ ସମୁଦାୟ ବା ଗୋଷ୍ଠୀ ମଧ୍ୟରେ ସନ୍ଦେଶ ପହଁଚାଇବେ । ଏହି ସଚେତନତା ରଥ ଦ୍ୱାରା ଜିଲ୍ଲାର ପ୍ରତ୍ୟେକ ଘରକୁ ବୈଧ ଦତକ ବିଷୟରେ ସଠିକ୍ ବିଷୟ ପହଁଚିବା ସହିତ ପୋଷ୍ୟ ସନ୍ତାନଙ୍କ ଭବିଷ୍ୟତ, ସୁରକ୍ଷା ଓ କଲ୍ୟାଣ ପାଇଁ ସମାଜର ସକାରାତ୍ମକ ଭୂମିକା ଗଢ଼ି ଉଠିବ ।

# ବିପଦରେ ଯୋକଡ଼ିଆ ସେତୁ



**୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କୌଣସି ରାସ୍ତା ହେଉ କି ସେତୁ ତାହାର ରକ୍ଷଣା ବେକ୍ଷଣ କରିବା ହେଉଛି ଉକ୍ତ ବିଭାଗର । କିନ୍ତୁ ପୂର୍ତ୍ତ ବିଭାଗ ରକ୍ଷଣା ବେକ୍ଷଣ କରିବା ବଦଳରେ ଭଙ୍ଗାତୁଟା ସିମେଣ୍ଟ ଉପରେ ରଙ୍ଗମାରି କାର୍ଯ୍ୟ ସାରି ଦେଉଛି । ଏଭଳି ଦୃଶ୍ୟ ଯୋକଡ଼ିଆ ସେତୁରେ ଦେଖିବାକୁ ମିଳିଛି । ଖରସ୍ରୋତା ନଦୀ ଉପରେ ୧୮ ବର୍ଷ ତଳେ ନିର୍ମିତ ହୋଇଥିବା ସେତୁ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି । ସେତୁର ଉପରଭାଗ ବା ରାସ୍ତାଟି ଅନେକ ସ୍ଥାରେ ଦି'ଫାଳ ହୋଇଯାଇଥିବା ବେଳେ ସୁରକ୍ଷା ବାଡ଼ା ଭଙ୍ଗିତୁଟି ଗଳି ପଡ଼ିଛି । ହେଲେ ଆଶ୍ଚର୍ଯ୍ୟର କଥା ପୂର୍ତ୍ତ ବିଭାଗ ମରାମତି କରିବାକୁ ମନ ବଳାଉନି । ହେଲେ ରଙ୍ଗ ମରାରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛି । ପୂର୍ତ୍ତ ବିଭାଗର ଏଭଳି କାର୍ଯ୍ୟକୁ ନେଇ ନିୟତ ଉପରେ ସନ୍ଦେହ ସୃଷ୍ଟି କରିଛନ୍ତି ସାଧାରଣ ଜନତା । ସାଧାରଣ ଜନତାଙ୍କ ଅଭିଯୋଗ ମତେ ୨୦୦୬ ମସିହାରେ ଉଦ୍ଘାଟିତ ହୋଇଥିବା ଏହି ସେତୁଟି ରସୁଲପୁର ବ୍ଲକ ସହ କୋରେଇକୁ ଯୋଡ଼ିବାର ଏକ ଜୀବନ ରେଖାସଦୃଶ ରାସ୍ତା । ହଜାର ହଜାର ଚାଷୀଙ୍କୁ ଅମଳ ଫସଲ ହେଉ କି କଳିଙ୍ଗନଗର ଶିଳ୍ପାଞ୍ଚଳ, ବ୍ୟାସନଗର ସହର ବା ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ନିମନ୍ତେ ଅନ୍ୟୁନ୍ୟ ୧୫ ପଂଚାୟତବାସୀ ସେତୁ ଉପରେ ନିର୍ଭର କରିଥାନ୍ତି । ବର୍ଷାଧିକ ସମୟ ହେବ ସେତୁଟି ମରାମତି ଅଭାବରୁ ଦୁର୍ବଳରୁ ଦୁର୍ବଳ ହେବାରେ ଲାଗିଛି । ସୁରକ୍ଷା ବାଡ଼ ଗୁଡ଼ିକ ଗଳିପଡ଼ିଲାଣି । ହେଲେ ତାହାର ମରାମତି କରାଯାଉନି । ଯାହ କୌଣସି ବି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ସେତୁ ଉପର ଦେଇ ଦୈନିକ ଶହଶହ ସଂଖ୍ୟାର ଗାଡ଼ି ମୋଟର ଗୋଟେ ପଟେ ରସୁଲପୁର ବ୍ଲକ ତ ଗୋଟେ ପଟେ କୋରେଇ କିମ୍ବା ବ୍ୟାସନଗର ସହରକୁ ଯିବା ଆସିବା କରୁଛି । ଗାଡ଼ି ଚଳାଚଳ ପାଇଁ ରାସ୍ତାକୁ ସୁଦୃଢ଼ କରିବା ବଦଳରେ ପୂର୍ତ୍ତ ବିଭାଗ ଦୁର୍ବଳ କରିବାକୁ ଛାଡ଼ି ଦେଇଛି । ଯେଉଁ ସ୍ଥାନରେ ରାସ୍ତା ଖରାପ ହୋଇଛି, ତାହାକୁ ମରାମତି କରାଯାଉନଥିବାରୁ ଉକ୍ତ ସ୍ଥାନ ଫାଟ ଆଁ କରିବାରେ ଲାଗିଛି । ଯାହା ଗାଡ଼ି ମୋଟର ଚଳାଚଳ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି । ହେଲେ ବିଭାଗ ମରାମତି କରିବାର ନାଁ ଗନ୍ଧ ଧରୁନି । ଯେତେବେଳେ ରାସ୍ତା ଏବଂ ବାଡ଼ା ଅବସ୍ଥା ଖରାପ ସେତେ ବେଳେ ଭଙ୍ଗା ଦଦରା ସୁରକ୍ଷା ବାଡ଼ାରେ ରଙ୍ଗ ମରାଯିବାର ମାନେ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ପୂର୍ତ୍ତ ବିଭାଗ ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଏବଂ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରାଯାଇଛି ।

## ଆଜିର ରାଶିଫଳ

| ତାରିଖ | ଶୁକ୍ରବାର– ପ୍ରତିପଦା |
|---|---|
| ୨୧.୧୧.୨୦୨୫ | ନକ୍ଷତ୍ର– ଅନୁରାଧା, ବିଛାଚନ୍ଦ୍ର |



| | |
|---|---|
| ମେଷ | : ସ୍ୱାସ୍ଥ୍ୟରେ ଅବନତି ହେବ । |
| ବୃଷ | : ସ୍ତ୍ରୀଙ୍କ ସହଯୋଗ ପାଇବେ । |
| ମିଥୁନ | : ଉଚ୍ଚ ବ୍ୟକ୍ତିଙ୍କ ସହଯୋଗ ପାଇବେ । |
| କର୍କଟ | : ଅଧିକ ଖର୍ଚ୍ଚ କରିବେ । |
| ସିଂହ | : ପୁତ୍ର ପାଇଁ ଦୁଃଖୀ ହେବେ । |
| କନ୍ୟା | : ସଫଳତା ବୃଦ୍ଧି ପାଇବ । |
| ତୁଳା | : ଅଯଥା ଅପବାଦ ମୁଣ୍ଡାଇବେ । |
| ବିଛା | : ନୂତନ ଜମି ଲାଭ ହେବ । |
| ଧନୁ | : ପାରିବାରିକ ଅଶାନ୍ତି ଦେଖାଦେବ । |
| ମକର | : ଯାତ୍ରା ସଫଳ ହେବେ । |
| କୁମ୍ଭ | : ପ୍ରଶଂସିତ ହେବେ । |
| ମୀନ | : ସ୍ୱାସ୍ଥ୍ୟଲାଭ ହେବ । |

## କଂକ୍ରିଟ ରାସ୍ତା ଫାଟି ଆଁ



**ମାହାଙ୍ଗା, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁମାନଙ୍କରେ ଜନସାଧାରଣମାନଙ୍କ ଯାତାୟାତ ନିମନ୍ତେ କଂକ୍ରିଟ ରାସ୍ତାମାନ ନିର୍ମାଣ କରିଥିଲେ ମଧ କେତେକ ରାସ୍ତାର କଂକ୍ରିଟ ଭାଙ୍ଗି ଆଁ କରିବା ସହ ଶୋଚନୀୟ ହୋଇ ପଡିଥିବା ଦେଖିବାକୁ ମିଳିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଉଦା ପଞ୍ଚାୟତ ମଉଦା ପ୍ରାଥମିକ ବିଦ୍ୟାଳୟ ଠାରୁ ମଉଦା ବଜାର ଗ୍ରାମ୍ୟ ରାସ୍ତାରେ । ବିଶେଷ କରି ଏହି ରାସ୍ତାଟି ଏକ ପାର୍ଶ୍ୱରେ ମଉଦା–ଜପକୁଦ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବାବେଳେ ଅନ୍ୟପଟେ ମଉଦା–ବାଲିଚନ୍ଦ୍ରପୁର ରାସ୍ତାକୁ ସଂଯୋଗ କରୁଅଛି । ଏବେ ଏହି ରାସ୍ତାର ଅନେକ ସ୍ଥାନରେ କଂକ୍ରିଟ ଭାଙ୍ଗି ନଷ୍ଟ ହେବା ସହ ଖାଲ ଖମା ହେବା ଦ୍ୱାରା ବର୍ଷା ଦିନେ ପାଣି ଜମୁଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଯାତାୟାତରେ ନାନା ସମସ୍ୟା ଦେଖାଦେଇଛି । ଏହି ରାସ୍ତା ଦେଇ ପ୍ରତ୍ୟହ କୁନି କୁନି ପିଲାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ବିଦ୍ୟାଳୟ, ମହାବିଦ୍ୟାଳୟ, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ବ୍ଲକ, ତହସିଲ, ସାଲେପୁର, ବାଲିଚନ୍ଦ୍ରପୁର ବଜାର ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି । ତେଣୁ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ କଟକ ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତୁରନ୍ତ ରାସ୍ତା ମରାମତି ପାଇଁ ସାଧାରଣରେ ଦାବୀ ହୋଇଛି ।

## ରାଜେଶ ହତ୍ୟାକାଣ୍ଡର ୬ଦିନ ପରେ ବି ପୋଲିସ ହାତ ଖାଲି

**ଢେଙ୍କାନାଳ, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବହୁ ଚର୍ଚ୍ଚିତ ଫଟୋଗ୍ରାଫର୍ ରାଜେଶ ପାଣିଙ୍କ ମୃତ୍ୟୁକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଥିବା ବେଳେ ଘଟଣା ଦିନକୁ ଦିନ ଜଟିଳ ଆଡ଼କୁ ଯାଉଥିବା ପୋଲିସ କହିଛି। କାମାକ୍ଷାନଗର ଥାନା ଦାୟିତ୍ୱରେ ଥିବା ପରଜଙ୍ଗ ଥାନା ଅଧିକାରୀ ଧୀରେନ କୁମାର ବେହେରା କହିଛନ୍ତି, ତଦନ୍ତ ଚାଲିଛି, ଘଟଣାଟି ଜଟିଳ ଥିବାରୁ ବିଳମ୍ବ ହେଉଛି। କିନ୍ତୁ ଖୁବ୍‌ଶୀଘ୍ର ଘଟଣାର ରହସ୍ୟ ଉପରୁ ପର୍ଦ୍ଦା ହଟାଯିବ। ସୂଚନା ମୁତାବକ, ପରଜଙ୍ଗ ଥାନା ସାନ୍ଦାଗ୍ରାମର ରାଜେଶ କୁମାର ପାଣି ଗୁରୁବାର ମୁକ୍ତାପଶି ଗାଁରେ ଏକ ନିର୍ବନ୍ଧ ପାଇଁ ଭିଡିଓ ଶୁଟିଙ୍ଗ ଥିବାକହି ଘରୁ ବାହାରିଥିଲେ। ମାତ୍ର ଅପରାହ୍ନରେ ତାଙ୍କ ମୋବାଇଲ ସୁଇଚଅଫ୍ ଦେଖାଇଥିଲା। ପରିବାର ଲୋକେ ସନ୍ଧ୍ୟାରେ ମୁକ୍ତାପଶି ଗାଁରେ ଖୋଜାଖୋଜି କରିଥିଲେ ସୁଦ୍ଧା ସନ୍ଧାନ ପାଇ ନଥିଲେ। ଶୁକ୍ରବାର ମୃତଦେହ ପୋଖରୀରେ ଭାସୁଥିବା ସ୍ଥାନୀୟ ଲୋକ ଦେଖିବାକୁ ପାଇଥିଲେ। ପୋଖରୀ ହୁଡ଼ାରେ ବାଇକ୍ ଓ ଚପଲ ଥୁଆ ହୋଇଥିବା ବେଳେ ତାଙ୍କ କ୍ୟାମେରା କିନ୍ତୁ ନଥିଲା। କାମାକ୍ଷାନଗର ପୋଲିସ ମୃତଦେହ ଜବତ କରି ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଖଣ୍ଡୁରାଇ ବାଳିକା ବିଦ୍ୟାଳୟରେ ଶିକ୍ଷକଙ୍କ ଅସଦାଚରଣ ନେଇ ଉତ୍ତେଜନା

**କଳିଙ୍ଗନଗର, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ଖଣ୍ଡୁରାଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଦ୍ୱାରା ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗ ଉଠିବାରୁ ଆଜି ବିଦ୍ୟାଳୟ ପରିସରରେ ଭୟଙ୍କର ଉତ୍ତେଜନା ସୃଷ୍ଟି ହୋଇଛି । ସୂଚନା ଅନୁସାରେ, ଏହି ବିଦ୍ୟାଳୟରେ ୮ ଜଣ ଶିକ୍ଷକ ଓ ୩ ଜଣ ଶିକ୍ଷୟିତ୍ରୀ କାର୍ଯ୍ୟରତ । ଗତ ମଙ୍ଗଳବାର ଦିନ ସଂପୃକ୍ତ ଶିକ୍ଷକ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ଅଭିଯୋଗ ଉପରେ ଛାତ୍ରୀ ନିଜ ଅଭିଭାବକଙ୍କୁ ସୂଚନା ଦେଇଥିଲେ । ହୋହଲ୍ଲା, ଅଭିଭାବକମାନେ ସ୍କୁଲରେ ପହଞ୍ଚିବା ପରେ ପୋଲିସ ହସ୍ତକ୍ଷେପ ପରେ ଘଟଣା ଖୋଲାସା ହେବା ପରେ ବିଦ୍ୟାଳୟର ଛାତ୍ରୀମାନେ ଶ୍ରେଣୀଗୃହ ଛାଡ଼ି ବିଦ୍ୟାଳୟ ଭିତରେ ବିରୋଧ ପ୍ରଦର୍ଶନ କରିଥିଲେ । ଖବର ପାଇ ଅନେକ ଅଭିଭାବକ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କୁ ବୁଝାସୁଝା କରିଥିଲେ । ଏମଧ୍ୟରେ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଓ ସୁକିନ୍ଦା ପୋଲିସକୁ ବିଷୟଟି ସୂଚିତ କରାଯାଇଥିଲା । ସୂଚନା ପାଇ ସ୍ଥାନୀୟ ପୋଲିସ ବିଦ୍ୟାଳୟକୁ ପହଞ୍ଚି ଛାତ୍ରୀମାନଙ୍କୁ ଶାନ୍ତ ଶୃଙ୍ଖଳିତ ରହିବାକୁ ପରାମର୍ଶ ଦେବା ସହ ସଂପୃକ୍ତ ଶିକ୍ଷକଙ୍କୁ ଥାନାକୁ ନେଇ ତଦନ୍ତ ଆରମ୍ଭ କରିଥିଲେ । ଶିକ୍ଷା ବିଭାଗ– ପରିଚାଳନା ନେଇଲା କଠୋର ଭୂମିକା ଉତ୍ତେଜନା ପରବର୍ତ୍ତୀ ପରିସ୍ଥିତିରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳୀ ନାୟକ, ଥାନା ଅଧିକାରୀ ବିଲ୍‌ମଙ୍ଗଳ ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି–ସମ୍ପାଦକ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କ ସହ ଜରୁରୀ ବୈଠକ ଆହ୍ୱାନ କରାଯାଇଥିଲା ।

ବୈଠକରେ ଘଟଣାର ସବିଶେଷ ତଦନ୍ତ ପାଇଁ ବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଓ ବ୍ଲକ ଶିକ୍ଷା ବିଭାଗର ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଦାୟିତ୍ୱ ଦିଆଯାଇଛି ।

ଆସନ୍ତାକାଲି ଉଭୟ କମିଟି ଛାତ୍ରୀ, ଅଭିଭାବକ ଓ ଅନ୍ୟ ଶିକ୍ଷକ–ଶିକ୍ଷୟିତ୍ରୀଙ୍କ ମତାମତ ସଂଗ୍ରହ କରି ରିପୋର୍ଟ ପ୍ରଦାନ କରିବେ । ଅଭିଯୋଗ ଥିବା ଶିକ୍ଷକଙ୍କୁ କ୍ଲାସ ନିଷେଧ କରାଯିବା ସହ ୧୦ମ ଶ୍ରେଣୀକୁ ଛୁଟି ଘୋଷଣା କରାଯାଇଥିଲା । ବ୍ଲକ ଶିକ୍ଷାଧିକାରୀ ନାରାୟଣ ଦାସ କହିଛନ୍ତି–ଅଭିଯୋଗ ଥିବା ଶିକ୍ଷକ କ୍ଲାସ ନେବେ ନାହିଁ । ଆସନ୍ତା କାଲି ୧୦ମ ଶ୍ରେଣୀକୁ ଛୁଟି ଘୋଷଣା କରାଯାଇଛି ।

ରିପୋର୍ଟ ଆସିଲେ ଜିଲ୍ଲା ସ୍ତରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମିଳିଥିବା ତଥ୍ୟ ଅନୁସାରେ ସଂପୃକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ପୂର୍ବରୁ ମଧ ଅସଦାଚରଣ ସମ୍ପର୍କୀୟ ଅନେକ ଅଭିଯୋଗ ରହିଥିବା ଜଣାପଡ଼ିଛି ।

## ଷ୍ଟେଟ୍ ବ୍ୟାଙ୍କ ନିକଟରୁ ଦୁର୍ବୃତ୍ତ ୫୦ହଜାର ନେଇ ଛୁ'

**କଣାସ, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା କଣାସ ଥାନା ଅଞ୍ଚଳ ଏକ ଉତେଜେନା ଅଞ୍ଚଳଭାବେ ପୁଲିସ ରେର୍କଡରେ ଚିତ୍ରଣ କରାଯାଇଛି । ଥାନାରେ ଆବଶ୍ୟକୀୟ ମୁତାବକ ପୁଲିସ ଅଧିକାରୀ ନଥିବାରୁ ଦୈନନ୍ଦିନ ଛୋଟବଡ ଚୋରୀମାନ ଘଟିବାରେ ଲାଗିଛି । ଗତକାଲି ଥାନା ନିକଟରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରୁ ଅବସରପ୍ରାପ୍ତ ଗ୍ରାମସେବକ ବକୁ ଗ୍ରାମର ସୁବଳ ରାଉତଙ୍କ ଠାରୁ ଅଭିନବ ଉପାୟରେ ୫୦ ହଜାର ଟଙ୍କା ବ୍ୟାଗକୁ ଦୁର୍ବୃତ୍ତମାନେ ନେଇ ଚମ୍ପଟ ମାରିଛନ୍ତି । ଶ୍ରୀ ରାଉତ ଷ୍ଟେଟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ବ୍ୟାଗରେ ରଖି ଲୁନାରେ ତହସିଲି କାର୍ଯ୍ୟାଳୟକୁ ଯାଇ ସେଠାରୁ ଫେରିବା ପରେ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ । ବ୍ଲକ କାର୍ଯ୍ୟାଳୟରୁ ଆସି ଲୁନା ଷ୍ଟାଟ କରିବା ସମୟରେ ଲୁନା ମୁଠାରେ କିଛି ଅଠା ଲାଗିଥିବାରୁ ଲୁନାରେ ଟଙ୍କା ବ୍ୟାଗକୁ ଲଟକାଇ ପାଖ ଦୋକାନକୁ ହାତ ଧୋଇବାକୁ ଯାଇଥିଲେ । ଦୋକାନରୁ ଆସି ଦେଖନ୍ତିତ ଲୁନାରେ ଟଙ୍କା ବ୍ୟାଗ ନାହିଁ । ବହୁ ଖୋଜାଖୋଜି କରି କଣାସ ଥାନାରେ ଏତଲା ଦେଇଥିଲେ । କଣାସ ଥାନା ଅଧିକାରୀ ଏତଲା ପାଇବା ପରେ ତଦନ୍ତ ଜାରି ରଖିଛନ୍ତି । ପ୍ରକାଶ ଥାଉକି ବାରମ୍ବାର ଷ୍ଟେଟ ବ୍ୟାଙ୍କ ନିକଟରୁ ଟଙ୍କା ଚୋରି ହେବା ସହିତ ମଟର ସାଇକେଲ, ସାଇକେଲ ଚୋରି ହେଉଥିଲେ ମଧ ସିସିଟିଭିର ବ୍ୟବସ୍ଥା ବ୍ୟାଙ୍କ ଓ ବ୍ଲକ କରିନଥିବାରୁ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି । ଆଉ ମଧ କଣାସ ଥାନାରେ ଦୁଇଟି ଏସଆଇ ପଦବୀ ଓ ତିନୋଟି ଏଏସଆଇ ପଦବୀ ଖାଲି ପଡିଥିବାରୁ ପୁଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇନଥିବାରୁ ଦିନକୁ ଦିନ ଗ୍ରାମାଞ୍ଚଳରେ ଚୋରି ବୃଦ୍ଧି ପାଉଛି ।

## ଠକେଇ ମାମଲାରେ ଅଭିଯୁକ୍ତକୁ ସଜା

**ପାରଳାଖେମୁଣ୍ଡି, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୦୧୫ ମସିହା ମେ' ୨୧ ତାରିଖ ଦିନ ଲାବନ୍ୟଗଡ଼ସ୍ଥିତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ତତ୍କାଳୀନ ବ୍ରାଞ୍ଚ ମ୍ୟାନେଜର ଲାବନ୍ୟଗଡ଼ର ରମେଶ ଚନ୍ଦ୍ର ଦଳପତିଙ୍କ ବିରୁଦ୍ଧରେ ଏକ ସଙ୍ଗିନ ଅଭିଯୋଗ ଆଣିଥିଲେ । ଏହି ଅଭିଯୋଗ ମୁତାବକ ଅଭିଯୁକ୍ତଜଣଙ୍କ ଜାଲିଆତି, ଠକେଇ ଭଳି କାର୍ଯ୍ୟ କରି ୧୦କୋଟି ଟଙ୍କାର ଏକ ମିଥ୍ୟା ଚେକର ଦଲିଲ ପ୍ରସ୍ତୁତ କରିଛନ୍ତି ଓ ପଇସା ଉଠାଇବାକୁ ଚାହୁଁଛନ୍ତି । ପରେ ଜଣାପଡିଲା ଯେ, ସେହି ଚେକ ଆଉ ଜଣଙ୍କ ନାମରେ ଆଗରୁ ରହିଛି ଓ ଅଭିଯୁକ୍ତ ଜଣଙ୍କ ଉକ୍ତ କମ୍ପାନୀ ନାମରେ ଜାଲିଆତି କରି ପଇସା ଦେଣନେଣ କରିବାକୁ ଚାହୁଁଥିଲେ । ତେଣୁ ଏ ନେଇ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ତତ୍କାଳୀନ ବ୍ରାଞ୍ଚ ମ୍ୟାନେଜର ମଦନ ମୋହନ ମହାପାତ୍ର ଗାରାବନ୍ଧ ଥାନାରେ ସେ ସମୟରେ ମାମଲା ନମ୍ବର ୨୪ ରେ ଏକ ମାମଲା ଉକ୍ତ ଅଭିଯୁକ୍ତଙ୍କ ବିରୁଦ୍ଧରେ ରୁଜୁ କରିଥିଲେ ଓ ତତ୍କାଳୀନ ଇନ୍ସପେକ୍ଟର ଚାନ୍ଦମଣି ସିଂ, ପ୍ରଶାନ୍ତ କୁମାର ବେହେରା ତଥା ପ୍ରଶାନ୍ତ ଭୂପତି ଉକ୍ତ ମାମଲାର ତଦନ୍ତ କରି ଉକ୍ତ ଆସାମୀଙ୍କୁ କୋର୍ଟ ଚାଲାଣ କରିଥିଲେ ।

୧୨ଜଣ ସାକ୍ଷୀଙ୍କ ବଳିଷ୍ଠ ବୟାନ ତଥା ବିଭିନ୍ନ ପ୍ରମାଣକୁ ଭିତ୍ତି କରି ଏହି ସମ୍ବେଦନଶୀଳ ମାମଲାର ଶୁଣାଣି କରି ମାନ୍ୟବର ସିଜେଏମ୍ ତଥା ଆସିଷ୍ଟାଣ୍ଟ ସେସନ ଜଜ ନରୋତ୍ତମ ସେଠୀ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୪୬୭ ଅନୁଯାୟୀ ୫ବର୍ଷ କାରାଦଣ୍ଡ ସହ ଏକ ଲକ୍ଷଟଙ୍କାର ଜରିମାନା ତଥା ଧାରା ୪୨୦ ଓ ୫୧୧ ରେ ୧ବର୍ଷ ତଥା ୧୦୦୦୦ ଟଙ୍କାର ଟଙ୍କା ଜୋରିମାନାରେ ଉକ୍ତ ଅଭିଯୁକ୍ତଙ୍କୁ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ କାରାଦଣ୍ଡ ଭୋଗ କରିବା ନିମନ୍ତେ ବିଚାରପତି ନିଜର ରାୟରେ ଉଲ୍ଲେଖ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପିପି ଶ୍ରୀ ଆର. ଉଦୟ ଚନ୍ଦ୍ର ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି ।

## ରାସ୍ତା ସାଜିଛି ମରଣଯନ୍ତା : ପ୍ରଶାସନ ଦୃଷ୍ଟି ପଡ଼ିବ କେବେ?

**ହିନ୍ଦୋଳ, ୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା ପଞ୍ଚାୟତ ଅନ୍ତର୍ଗତ ୭ ନଂ ୱାର୍ଡ ନାଗିଆ ବେରେଣୀ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ । ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗ୍ରାମକୁ ବିଗତ ୧୦ ବର୍ଷ ହେବ ସ୍ଥାୟୀ ରାସ୍ତା ନିର୍ମାଣ ହେଉ ନଥିବାରୁ ଗ୍ରାମବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଶୁ ଚିକିତ୍ସା ସେବା ପାଇଁ ଗାଁ କୁ ଆମ୍ବୁଲାନ୍ସ ନଆସି ପାରିବା, ରାସନ୍ ସାମଗ୍ରୀ ପାଇଁ ଅନ୍ୟ ସାହିକୁ ଯିବା ବେଳେ ଅସୁବିଧା ଭୋଗିବା, ଛାତ୍ରଛାତ୍ରୀମାନେ ସ୍କୁଲକୁ ଯିବା ପାଇଁ ବିଲ ହୁଡ଼ା ଓ ଟେିଳା ମଧ ଦେଇ ଯିବାରେ ହଇରାଣ ହେଉଥିବା ଭଳି ସମସ୍ୟା ସର୍ବାଧିକ ଲାଗି ରହିଥିବା ଏହି ସମସ୍ୟା ନେଇ ସରେପଞ୍ଚଙ୍କୁ ଅଭିଯୋଗ କଲେ ମଧ ସେ କର୍ଣ୍ଣପାତ ନକରିବା ସାହିବାସୀଙ୍କ ଅସନ୍ତୋଷର ମୂଳ କାରଣ । ଅଭିଯୋଗରେ ସେମାନେ ଭୋଟ ପାଇ ସାରିବା ପରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନେ ସେମାନଙ୍କ ପ୍ରତି ଅଣଦେଖା କରିଥିବାର ଦର୍ଶାଇଛନ୍ତି । ଖାଲପାଳ ଗ୍ରାମ ବିଦ୍ୟାଳୟ ଠାରୁ ପ୍ରାୟ ଦୁଇ କିଲୋ ମିଟର ଦୀର୍ଘ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ନବୀକରଣର ଆବଶ୍ୟକତା ଥିବାବେଳେ ଉକ୍ତ ରାସ୍ତାରେ ପଞ୍ଚାୟତ ପକ୍ଷରୁ ମୋରୁମ୍ ଗଣ୍ଡେ ପଡ଼ି ପାରି ନଥିବାରୁ ରାସ୍ତାଟି ଖାଲଖମା ହୋଇ ଯାଇଛିଛ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ପଞ୍ଚାୟତ ସରପଞ୍ଚ ବାବୁଲି ସାହୁଙ୍କୁ ପଚାରିବାରେ ସେ ଲୋକଙ୍କ ସମସ୍ୟା ଆମ ସମସ୍ୟା ବୋଲି କହିବା ସହ ଉକ୍ତ ରାସ୍ତା ନିର୍ମାଣ ପାଇଁ ପ୍ରପୋଜାଲ ଦିଆଯାଇଛି ଅନୁମୋଦନ ମିଳିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି ସରପଞ୍ଚ ପ୍ରତିକ୍ରିୟା ଦେଇଛନ୍ତି । ତେବେ ବର୍ଷାଋତୁ ସରି ଶୀତଋତୁ ଆରମ୍ଭ ହୋଇଯାଇ ଥିଲେ ମଧ ରାସ୍ତା ପାଇଁ ଆପ୍ରୋଭାଲ ମିଳୁ ନଥିବାରୁ ଏଯାବ୍ କାମ ଆରମ୍ଭ ହୋଇ ପାରିନାହିଁ ।

## ହେରୋଇନ ସହ ନିଶା ବେପାରୀ ଗିରଫ

**ଜଗତସିଂହପୁର, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଥାନା ଅନ୍ତର୍ଗତ ମଣ୍ଡାସାହି ନିକଟସ୍ଥ ଜାହାନପୁର ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଞ୍ଚ ପରେ ତାଙ୍କ ପାଖରୁ ୧୩୨ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ରୟାଲ ଏନଫିଲ୍ଡ ମୋଟର ସାଇକେଲ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ଜାହାନପୁର ଗ୍ରାମର ପ୍ରଶାନ୍ତ କୁମାର ସ୍ୱାଇଁ ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇଥିଲା । ସବୁବେଳେ ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ନିରୀକ୍ଷକ ପ୍ରଭାସ କୁମାର ଚୌଧୁରୀଙ୍କ ନେତୃତ୍ୱର ଏକ ଟିମ୍ ଗଠନ ହୋଇଥିଲା । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରଶାନ୍ତ କୁମାର ସ୍ୱାଇଁଛ ଜବତ ହେରୋଇନ୍‌ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୧୩,୨୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ଏହି ଅଭିଯାନରେ ଅବକାରୀ ଉପନିରୀକ୍ଷିକା ଭାଗ୍ୟଲକ୍ଷ୍ମୀ ଦଳାଇ, ସହକାରୀ ଉପନିରିକ୍ଷିକ ସନ୍ତୋଷ ନାୟକ, ପିନାକୀ ରାଉତରାୟ, କନଷ୍ଟେବଳ ସବିତା ନାୟକ, ସୁକାନ୍ତ ମାଝୀ, ମହେନ୍ଦ୍ର ରାଉତ ପ୍ରମୁଖ ସାମିଲ ଥିଲେ । ଜଗତସିଂହପୁର ଅଞ୍ଚଳରେ ହେରୋଇନ୍ ବ୍ୟବସାୟକୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ୍ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ । ସେ କହିଛନ୍ତି ଅବକାରୀ ବିଭାଗ ମୂଳ ପର୍ଯ୍ୟନ୍ତ ଯିବ । ଅଭିଯୁକ୍ତ ଜଣଙ୍କ କେଉଁଠୁ ହେରୋଇନ୍ ଆଣୁଥିଲେ ଏବଂ ଏହାପଛରେ କାମ କରୁଥିବା ସିଣ୍ଡିକେଟ୍ ସହ ନିଶାବେପାରୀଙ୍କୁ ଜେଲ୍‌ରେ ପୂରାଇବାକୁ ଅଣ୍ଟାଭିଡ଼ିଛି ଅବକାରୀ ବିଭାଗ ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ, ୨୦।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଅନ୍ୟକୁ ଉଦ୍ଧାର କରିବାକୁ ଯାଇ ବ୍ରାହ୍ମଣୀ ନଦୀ ବୁଦ୍ଧେଶ୍ୱର ହିଙ୍ଗୁଳା ଘାଟରେ ଗାଧୋଇବା ବେଳେ ଜଣେ ଛାତ୍ର ନିଖୋଜ ହୋଇ ଯାଇଥିଲେ। ନିଖୋଜ ଛାତ୍ର ଜଣକ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର ୧୨ ଜଗନ୍ନାଥ ମଣ୍ଡପ ନିକଟସ୍ଥ ଦିଲ୍ଲିପ ପୋଥାଳଙ୍କ ପୁଅ ନରହରି ପୋଥାଳ। ନରହରି ଏକ ନାବାଳକକୁ ବଞ୍ଚାଇବାକୁ ଯାଇ ନିଜେ ଭୁଷାବାଲିରେ ଖସି ଯାଇଥିଲେ। ଭୁବନ ଅଗ୍ନିଶମବାହିନୀ ଖୋଜାଖୋଜି କରିବା ପରେ ବ୍ରାହ୍ମଣୀ ନଦୀ ପୁରୁଷୋତ୍ତମପୁର ବାଲି ଘାଟ ନିକଟରୁ ୨ ଦିନ ପୂର୍ବେ ନିଖୋଜ ଯୁବକଙ୍କ ଶବକୁ ଆଜି ଉଦ୍ଧାର କରିଛି । ନରହରି ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ୩ କଳାର ଛାତ୍ର ଅଟନ୍ତି । ନରହରି ଦିଲ୍ଲୀପଙ୍କ ଏକ ମାତ୍ର ପୁଅ । ନରହରିଙ୍କ ମୃତ୍ୟୁକୁ ନେଇ ସମଗ୍ର ଭୁବନ ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# ଦାବି ପରେ ବି ନିର୍ମାଣ ହେଉନି ରାସ୍ତା

**କେସିଙ୍ଗା, ୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



କଳାହାଣ୍ଡି ଜିଲା କସୃପଡ଼ା ପଞ୍ଚାୟତ ଅଧିନସ୍ଥ ସିଂହଝରଣ ଗ୍ରାମକୁ ସଂଯୋଗ ହୋଇଥିବା ରାସ୍ତା ଦୀର୍ଘବର୍ଷଠାରୁ ଶୋଚନୀୟ ଅବସ୍ଥାରେ ପଡ଼ିରହିଛି । ବହୁବାର ସ୍ଥାନୀୟ ସରପଞ୍ଚଠାରୁ ବ୍ଲକର ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ । ଜାତୀୟ ରାଜପଥ ୨୬ ଶ୍ରୀଅରବିନ୍ଦ ଛକଠାରୁ ସିଂହଝରଣ ଗ୍ରାମକୁ ସଂଯୋଗ ହୋଇଥିବା ପ୍ରାୟ ୫ କିମି ରାସ୍ତାକୁ ଦୀର୍ଘ ୨୫ ବର୍ଷ ତଳେ ଆରଡି ବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିଲା । ବଜ୍ରଗଡ଼ ଜଙ୍ଗଲ ଭିତର ଦେଇ ସିଂହଝରଣ ଗ୍ରାମକୁ ଏହି ରାସ୍ତା ଯାଇଥିବାରୁ ବିଭାଗୀୟ ପକ୍ଷରୁ ପୁନର୍ବାର ମରାମତି କରିବାକୁ ଚାହୁଁନାହାନ୍ତି । କାରଣ ଜଙ୍ଗଲ ରାସ୍ତା ଥିବାରୁ ପ୍ରଶାସନ ଗୁରୁତ୍ୱ ଦେଉନାହିଁ ।

ଏହି ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ, ବିଡିଓ ଏବଂ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବହୁବାର ଲିଖିତ ଅଭିଯୋଗ କରିଛନ୍ତି । ଜାତୀୟ ରାଜପଥ ୨୬ଠାରୁ ଗାଁକୁ ଯିବା ପାଇଁ ରହିଛି ଏକ ମାତ୍ର ରାସ୍ତା । ଯାହାର ଅବସ୍ଥା ନ କହିଲେ ଭଲ ପୂର୍ବରୁ ପିଚୁ ରାସ୍ତା ଥିଲା ବେଳେ ଟ୍ରାକ୍ଟର ଚାଲି ରାସ୍ତାକୁ ଖରାପ କରି ଦେଇଛି । ଜାଗା ଜାଗାରେ ବଡ଼ବଡ଼ ଖାଲ ହୋଇ, ପିଚୁ ଉଠି ଯାଇ ଚିହ୍ନ କେବଳ ଦେଖାଯାଉଛି । ଲୋକମାନେ ଚାଲି ଯିବାକୁ ପାଇଁ ମଧ ଅସୁବିଧା ଭୋଗୁଛନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଅନ୍ୟପକ୍ଷରେ ଅଞ୍ଚଳରେ କିଛି ସରକାରୀ ଜମି ରହିଥିବା ବେଳେ କେତେକ ଲୋକ ସେହି ସରକାରୀ ଜମିକୁ ଜବରଦଖଲ କରି ରଖିଛନ୍ତି । ସେହି ସରକାରୀ ଜାଗାଗୁଡ଼ିକୁ ମାପ କରି କରିବା ପାଇଁ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନକୁ ଜଣାଇଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଯଥାଶୀଘ୍ର ଏହି ରାସ୍ତା ନିର୍ମାଣ କରିବା ସହ ସରକାରୀ ଜାଗାକୁ ଉଚ୍ଛେଦ କରିବାକୁ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତ । ଏହି ସିଂହଝରଣ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ଶିକ୍ଷୟିତ୍ରୀମାନେ ଉକ୍ତ ରାସ୍ତା ଦେଇ ସ୍କୁଟିରେ ଯିବାବେଳେ ବହୁବାର ପଡ଼ି ଯାଉଛନ୍ତି । ଗ୍ରାମବାସୀ କସୃପଡ଼ା ପଞ୍ଚାୟତକୁ ଚାଉଳ, ମାଣ୍ଡିଆ, ପିଡିଏସ୍ ସାମଗ୍ରୀ ଆଣିବାକୁ ଗଲେ ବର୍ଷାଋତୁରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ବ୍ଲକ ଅଧକ୍ଷ ଚନ୍ଦନ ସେନାପତିଙ୍କୁ ପଚାରିବାରୁ ମୁଁ ସମିତି ମିଟିଂରେ ପ୍ରସ୍ତାବ ଦେଇଛି ବୋଲି କହିଛନ୍ତି । ଏ ସଂକ୍ରାନ୍ତରେ ଆରଡି ବିଭାଗର କନିଷ୍ଠଯନ୍ତ୍ରୀ ତପନ କୁମାର ବଡ଼ନାୟକଙ୍କୁ ପଚାରିବାରୁ ବାରମ୍ବାର ଏସିଙ୍କୁ ବଦଳି ହେବା ଯୋଗୁ କେସିଙ୍ଗା ଅଞ୍ଚଳ ବିଭିନ୍ନ ରାସ୍ତାର ସର୍ଭେ ଓ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେବାରେ ବ୍ୟାହତ ହେଉଛି ବୋଲି ପ୍ରକାଶ କରିଥିଲେ ।

## ବାଙ୍କୀ ଏନ୍‌ଏସି ଦୋକାନ ଘର ଭଡା ଖିଲାପକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ବାଙ୍କୀ, ୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**




ବାଙ୍କୀ ଏନ୍.ଏ.ସି ଦୋକାନଘର ଭଡା ନେଇ ଦୀର୍ଘ ଦିନ ଧରି ଭଡା ବାକି ରଖିଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଏନ୍.ଏ.ସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାରମ୍ବାର ନୋଟିସ୍ ସତ୍ତ୍ୱେ ଦୋକାନଘର ଭଡା ବାକି ରଖିଥିବା ବ୍ୟବସାୟୀମାନଙ୍କ ବିରୁଦ୍ଧରେ ଏନ୍.ଏ.ସି ପକ୍ଷରୁ ପୋଲିସ୍ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ଫଳରେ ୧୪ଜଣ ଦୋକାନୀଙ୍କ ଠାରୁ ୧ଲକ୍ଷ ୧୦ହଜାର ୧୫୨ଟଙ୍କା ବକେୟା ଆଦାୟ କରାଯାଇଛି। ଯେଉଁମାନେ କିଛି ଭଡା ଦେଇନଥିବା ଦୋକାନୀମାନଙ୍କ ୬ଗୋଟି ଦୋକାନ ଘରକୁ ପରିଷଦ ପକ୍ଷରୁ ସିଲ୍ କରାଯାଇଛି। କିଛି ଦୋକାନୀ ଶତକଡା ୫୦ଭାଗ ବକେୟା ଭଡା ଦେଇ ବାକି ଟଙ୍କା ଦେବା ପାଇଁ କିଛି ଦିନ ମହଲତ ନେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ସମୟରେ ପରିଷଦର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ସହକାରୀ ଜିଲ୍ଲାପାଳ ସୌମ୍ୟରଞ୍ଜନ ମହାପାତ୍ର, ଥାନା ଆରକ୍ଷୀ ନିରିକ୍ଷକ ଦିଲ୍ଲୀପ କୁମାର ସିଂହ ମର୍ଦ୍ଦରାଜଙ୍କ ସହ ପରିଷଦର କର୍ମଚାରୀମାନେ ସାମିଲ୍ ହୋଇଥିଲେ। କେତକ ଦୋକାନ ଘରଗୁଡିକ ଦୀର୍ଘ ଦିନ ଧରି ମରାମତି ହୋଇନଥିବା ଦୋକାନୀମାନେ ଅଭିଯୋଗ କରିଥିଲେ। ଏଥିପ୍ରତି ପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଇ ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ ।

୫୦ ବର୍ଷ ଆଗକୁ ନଜର ରଖି ସହରଗୁଡ଼ିକର ନକ୍ସା ପ୍ରସ୍ତୁତ କରିବାର ଯେଉଁ ପରାମର୍ଶ ପୂର୍ବ ମନ୍ତ୍ରୀ ଦେଇଛନ୍ତି ତାହା ନିତାନ୍ତ ସ୍ୱାଗତଯୋଗ କିନ୍ତୁ ସେଥିପାଇଁ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଅସଜଡ଼ା ନକ୍ସାକୁ ସଜାଡ଼ିବା ଏକ ଆହ୍ୱାନ ହେବ ନିଶ୍ଚିତ ଭାବରେ । ଅବୈଧ ନିର୍ମାଣକୁ ବୈଧ କରିବାର ସୁଯୋଗ ହିଁ ସହରର ନକ୍ସାକୁ ବିଗାଡ଼ି ଥାଏ । ବସ୍ତି ଗଢ଼ିଉଠିବାକୁ ସୁଯୋଗ ଦେଲେ ବସ୍ତି ଉଚ୍ଛେଦ ବେଳେ ଏହା ନିଶ୍ଚିତ ଭାବରେ ସମସ୍ୟା ସୃଷ୍ଟି କରିବ । ତେଣୁ ପ୍ରତିଟି ନିର୍ମାଣ ଯୋଜନାବଦ୍ଧ ଭାବରେ ହିଁ କରାଯିବାର ଆବଶ୍ୟକତା ରହିଛି ।



ଓଡ଼ିଶା ଏକ୍ସପ୍ରେସ୍

## ଦୂରଦୃଷ୍ଟି ସମ୍ପନ୍ନ ବିକାଶ ଏକ ଉତ୍ତମ ପରିକଳ୍ପନା

**ଦେ**ଶର ଆର୍ଥିକ ବିକାଶରେ ସହରୀକରଣର ପ୍ରମୁଖ ଭୂମିକା ରହିଛି । ତେଣୁ ଆଗାମୀ ୫୦ ବର୍ଷକୁ ନଜରରେ ରଖି ସହର ଗୁଡ଼ିକର ଯୋଜନାବଦ୍ଧ ନକ୍ସା ପ୍ରସ୍ତୁତ କରାଯିବା ଦରକାର ବୋଲି ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।

ଲୋକସେବା ଭବନ କନଭେନସନ ସେଣ୍ଟରରେ ଚାଲିଥିବା ଦୁଇଦିନିଆ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ଦ୍ୱିତୀୟ ଦିନର ଅଧିବେଶନରେ ଯୋଗଦେଇ ମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି ।

ଆଗାମୀ ୫୦ବର୍ଷକୁ ନଜରରେ ରଖି ସହରଗୁଡ଼ିକର ନକ୍ସା ପ୍ରସ୍ତୁତ କରାଯିବା ଦରକାର– ମନ୍ତ୍ରୀଙ୍କ ଏ ପରାମର୍ଶଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଆଗକୁ ଚିନ୍ତା ନ କରି ବିପର୍ଯ୍ୟସ୍ତ ଭାବରେ ନିର୍ମାଣ କରାଗଲେ ଏହା ପରବର୍ତ୍ତୀ ସମୟରେ ଯେ ସମସ୍ୟା ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ । ଅନେକ ନିର୍ମାଣକୁ ହୁଏତ ସେଥିପାଇଁ ଭାଙ୍ଗିବାକୁ ପଡ଼ିପାରେ ।

ଆମେ ଯଦି ଜାତୀୟ ରାଜପଥ କଥା ଦେଖିବା ତା'ହେଲେ ଜାଣିବା ଯୋଜନାବଦ୍ଧ ଭାବେ ଆଗକୁ ଚିନ୍ତା ନ କରି ରାସ୍ତା ନିର୍ମାଣ କରାଯାଇଥିବାରୁ ହିଁ ଜାତୀୟ ରାଜପଥ କାମ ଶେଷ ହେଉନାହିଁ । କେଉଁଠି ଅଣ୍ଡର ପାସ୍ କାମ ଚାଲିଛି ତ କେଉଁଠି ଫ୍ଲାଏ ଓଭର କାମ । ଯେଉଁଠି ଆବଶ୍ୟକତା ଦେଖାଦେଉଛି ସେଇଠି କାମ ଆରମ୍ଭ ହେଉଛି । ସବୁବେଳେ କେଉଁଠି ନା କେଉଁଠି କାମ ଚାଲିଛି । ଗାଡ଼ିଚାଳକମାନଙ୍କୁ ଡାଇଭରସନ ବା ଅସ୍ଥାୟୀ ରାସ୍ତାରେ ବର୍ଷ ବର୍ଷ ଧରି ଯିବାକୁ ପଡୁଛି । ଏଇ କାରଣରୁ ରାସ୍ତା ଦୁର୍ଘଟଣା ମଧ୍ୟ ବଢୁଛି, ସମୟ ମଧ୍ୟ ଅଧିକ ଲାଗୁଛି । ଯଦି କେଉଁ କେଉଁ ସ୍ଥାନରେ ଭବିଷ୍ୟତରେ ଫ୍ଲାଏ ଓଭର ଏବଂ ଅଣ୍ଡର ପାସ୍‌ର ଆବଶ୍ୟକତା ପଡ଼ିବ ଏକଥା ଚିନ୍ତା କରାଯାଇଥାନ୍ତା ତା'ହେଲେ ଏକାସାଙ୍ଗରେ ମଧ୍ୟ କାମ ଆରମ୍ଭ ହୋଇପାରିଥାନ୍ତା ।

ପ୍ରତିଦିନ ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ କଂକ୍ରିଟ ଜଙ୍ଗଲ ଗଢ଼ିଉଠୁଛି । ତେଣୁ ଫ୍ଲାଏଓଭରର ଆବଶ୍ୟକତା ଦେଖାଦେଉଛି । ସବୁବେଳେ ରାସ୍ତାକାମ ଲାଗି ରହିବା ଫଳରେ ଲୋକେ କେବେବି ଏକ ଗାଡ଼ି ଚଳାଇବା ଉପଯୋଗୀ ରାସ୍ତା ପାଇପାରୁନାହାନ୍ତି । ରାସ୍ତାକାମ ଏଇଭଳି ନିରନ୍ତର ଭାବରେ ଚାଲୁ ରହିଲେ ଜଣେ ହୁଏତ ତା' ଜୀବନକାଳ ମଧ୍ୟରେ ଏକ ଗାଡ଼ି ଚଳାଇବା ଉପଯୋଗୀ ପରିଚ୍ଛନ୍ନ ରାସ୍ତା ପାଇବନି ।

ଭବିଷ୍ୟତ କଥା ଚିନ୍ତା ନକରି ସହର ଭିତରର ମୂଲ୍ୟବାନ ଜାଗା ସବୁକୁ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଉଛି । କେଉଁଠି ଇଞ୍ଜିନିୟରିଂ କଲେଜ ପାଇଁ ତ କେଉଁଠି ପୁଣି ଘରୋଇ ହସ୍ପିଟାଲ ପାଇଁ । ଫଳରେ ଏମିତି ଦିନ ଆସିବ ସରକାର ନିଜ ନିର୍ମାଣ ପାଇଁ ଆଉ ହୁଏତ ଜାଗା ପାଇବେନି ସହର ଭିତରେ । ସରକାରୀ ସଂସ୍ଥାକୁ ସହର ବାହାରକୁ ନେବାକୁ ପଡ଼ିବ ।

ଯୋଜନାବଦ୍ଧ ନିର୍ମାଣ ଏବଂ ବିକାଶ ନହେବା କାରଣରୁ ହିଁ ଆଜିକାଲି ଭୁବନେଶ୍ୱର ସମେତ ପ୍ରତ୍ୟେକ ଛୋଟବଡ଼ ସହର ଗୁଡ଼ିକ ବର୍ଷାଦିନେ ପାଣିରେ ଉବୁଟୁବୁ ହେଉଛି । ଲୋକଙ୍କ ଘରେ ପାଣି ପଶୁଛି । ଜଳ ନିଷ୍କାସନ ହୋଇପାରୁନି । ସୁପରିକଳ୍ପିତ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ହିଁ ଏଭଳି ସମସ୍ୟା ଉପୁଜିଛି। ତେଣୁ ଏବେଠୁ ଆମକୁ ସଚେତନ ହେବାକୁ ପଡ଼ିବ ।

୫୦ ବର୍ଷ ଆଗକୁ ନଜର ରଖି ସହରଗୁଡ଼ିକର ନକ୍ସା ପ୍ରସ୍ତୁତ କରିବାର ଯେଉଁ ପରାମର୍ଶ ପୂର୍ବ ମନ୍ତ୍ରୀ ଦେଇଛନ୍ତି ତାହା ନିତାନ୍ତ ସ୍ୱାଗତଯୋଗ କିନ୍ତୁ ସେଥିପାଇଁ ପ୍ରବଳ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଅସଜଡ଼ା ନକ୍ସାକୁ ସଜାଡ଼ିବା ଏକ ଆହ୍ୱାନ ହେବ ନିଶ୍ଚିତ ଭାବରେ । ଅବୈଧ ନିର୍ମାଣକୁ ବୈଧ କରିବାର ସୁଯୋଗ ହିଁ ସହରର ନକ୍ସାକୁ ବିଗାଡ଼ି ଥାଏ । ବସ୍ତି ଗଢ଼ିଉଠିବାକୁ ସୁଯୋଗ ଦେଲେ ବସ୍ତି ଉଚ୍ଛେଦ ବେଳେ ଏହା ନିଶ୍ଚିତ ଭାବରେ ସମସ୍ୟା ସୃଷ୍ଟି କରିବ । ତେଣୁ ପ୍ରତିଟି ନିର୍ମାଣ ଯୋଜନାବଦ୍ଧ ଭାବରେ ହିଁ କରାଯିବାର ଆବଶ୍ୟକତା ରହିଛି ।

# ନବ ଉତ୍କଳ ନିର୍ମାତା ଡକ୍ଟର ହରେକୃଷ୍ଣ ମହତାବ



ଜିଜ୍ଞାସା

ନିରଞ୍ଜନ ଶତପଥୀ

ଆଜି ନଭେମ୍ବର ୨୧ ତାରିଖ । ଓଡ଼ିଶାର ଏକ ପବିତ୍ର ଦିନ । କାରଣ ଏହି ଦିନ ପ୍ରବାଦ ପୁରୁଷ, ନବଉତ୍କଳର ନିର୍ମାତା ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ଉତ୍କଳ ବା ଓଡ଼ିଶା ମାଟିକୁ ମୁଖରିତ କରି ମାତୃଗର୍ଭରୁ ଭୂମି ସ୍ପର୍ଶ କରିଥିଲେ । ସେ ଥିଲେ ଓଡ଼ିଶାର ପରମ ପୂଜ୍ୟ ଓ ପ୍ରଣମ୍ୟ। ସେବା, ତ୍ୟାଗ ଓ ନିଷ୍ଠା ବଳରେ ସେ ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଛନ୍ତି । ସେ ଥିଲେ ଜଣେ ଜାତୀୟ ସ୍ତର ନେତା । ସେ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରୁଥିଲେ । ସେ ନୀତିହୀନ ରାଜନୀତିକୁ ଘୃଣା କରୁଥିଲେ । ସେ ଓଡ଼ିଶାକୁ ପ୍ରାଣଭରି ଭଲ ପାଉଥିଲେ । ଗାନ୍ଧିଜୀଙ୍କ ନେତୃତ୍ୱରେ ସମଗ୍ର ଦେଶରେ ଚାଲୁଥିବା ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି କାରାବରଣ କରିଥିଲେ । ତାଙ୍କର ନେତୃତ୍ୱ ଓ ବ୍ୟକ୍ତିତ୍ୱ ଥିଲା ଅତି ମହାନ୍ । ସେ ସମଗ୍ର ଦେଶରେ ଜଣେ ସଚ୍ଚା ଦେଶ ସେବକ ଭାବେ ପରିଚିତ ଥିଲେ । ଆମ ଦେଶର ତୁଙ୍ଗ ନେତାମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ସେ ସ୍ଥାପନ କରିଥିଲେ । ସେ ଥିଲେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ । କେବଳ ଯେ ସେ ଜଣେ ଶ୍ରେଷ୍ଠ ରାଷ୍ଟ୍ରନୀତିଜ୍ଞ ଥିଲେ ତାହା ନୁହେଁ, ସେ ଥିଲେ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଓ ସୁସାହିତ୍ୟିକ। ନବ ଉତ୍କଳର ନିର୍ମାତା ଭାବରେ ମଧ୍ୟ ସେ ପରିଚିତ ଥିଲେ । ମର୍ଯ୍ୟାଦାଜନକ ଉପାଧୀ ଉତ୍କଳ କେଶରୀ ଉପାଧିରେ ସେ ବିଭୂଷିତ ହୋଇଥିଲେ । ସେ ଥିଲେ ଓଡ଼ିଶାର ଗର୍ବ ଓ ଗୌରବ ।

ପ୍ରବାଦ ପୁରୁଷ ଡକ୍ଟର ହରେକୃଷ୍ଣ ମହତାବ ସବୁବେଳେ ଓଡ଼ିଆ ଜାତି ଓ ଓଡ଼ିଶାର ବିକାଶ ପାଇଁ ସ୍ୱପ୍ନ ଦେଖୁଥିଲେ। ଜୀବନର ଘାତ ପ୍ରତିଘାତ ଭିତରେ ଦେଶ ମାତୃକାର ସେବା କରି ଚାଲିଥିଲେ । ସେ କହୁଥିଲେ ଏ ଜୀବନ ହେଉଛି ଏକ ବିରାଟ ସାଧନା । ସେ ତାଙ୍କ ରଚିତ 'ସାଧନାର ପଥେ' ପୁସ୍ତକରେ ଲେଖିଛନ୍ତି ପ୍ରତ୍ୟେକ ଜୀବନ ବାସ୍ତବିକ ତା' ପକ୍ଷରେ ସେ ନାନା ଅବସ୍ଥାର ତାଡ଼ନା ଭିତରେ ଗତି କରି ତା'ର ନିର୍ଦ୍ଦିଷ୍ଟ ସାଧନା ସେ ସମ୍ପାଦନ କରୁଛି।' ସେ ଥିଲେ ଜଣେ ସାରସ୍ୱତ ସାଧନାର ପ୍ରଜ୍ଞାପୁରୁଷ। ଆହୁରି ମଧ୍ୟ ସେ ଜଣେ ଶ୍ରେଷ୍ଠ ଐତିହାସିକ, ଔପନ୍ୟାସିକ, ପ୍ରାବନ୍ଧିକ, ଗାଳ୍ପିକ ଓ ନାଟ୍ୟକାର ଭାବେ ପରିଚିତ ଥିଲେ । ସେ ସାଧନାର ପଥେ, ଓଡ଼ିଶା ଇତିହାସ, ଅବ୍ୟାପାର, ଟାଉଟର, ନୂତନ ଧର୍ମ, ପ୍ରତିଭା, ଗାନ୍ଧିଜୀ ଓ ଓଡ଼ିଶା, ସ୍ୱର୍ଗରେ ଇମରଜେନ୍ସି ଓ ଗାଁ ମଜଲିସ୍ ଆଦି ପୁସ୍ତକ ଗୁଡ଼ିକ ରଚନା କରି ଆମ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସାଧନାର ପଥେ ପୁସ୍ତକରେ ତାଙ୍କ ଆତ୍ମ ଚରିତ ବିସ୍ତୃତ ଭାବରେ ସେ ବର୍ଣ୍ଣନା କରିଛନ୍ତି । ସେ ଗାଁ ମଜଲିସ ପୁସ୍ତକ ରଚନା କରି କେନ୍ଦ୍ର ସାହିତ୍ୟ ଏକାଡେମୀ ତରଫରୁ ପୁରସ୍କୃତ ହୋଇଛନ୍ତି । ସେ ଓଡ଼ିଶା ଇତିହାସରେ ଓଡ଼ିଶାର ଅତୀତ ଘଟଣାବଳୀଗୁଡ଼ିକୁ ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ସେ ଓଡ଼ିଶା ଇତିହାସର ଦ୍ୱିତୀୟ ଖଣ୍ଡ ପୁସ୍ତକରେ ମୋଗଲ ଓ ମରହଟ୍ଟା ଶାସନ କାଳରେ ଓଡ଼ିଶାର କବି ଓ ସାହିତ୍ୟ ବିଷୟରେ ଲେଖିଛନ୍ତି । '୧୫୬୮ ଖ୍ରୀଷ୍ଟାବ୍ଦରୁ ଓଡ଼ିଶା ନିଜର ସ୍ୱାଧୀନତା ହରାଇଥିଲେ ସୁଦ୍ଧା ସାହିତ୍ୟ କ୍ଷେତ୍ରରେ ଅଭିବୃଦ୍ଧି ବାଧାପ୍ରାପ୍ତ ହୋଇନଥିଲା । କ୍ଷୁଦ୍ର କ୍ଷୁଦ୍ର ରାଜାମାନଙ୍କର ପୃଷ୍ଠ ପୋଷକତା ହେତୁ କାବ୍ୟ, ଅଳଂକାର, ନାଟକ, ସଂଗୀତ ପ୍ରଭୃତି ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷତଃ ଗଡ଼ଜାତଗୁଡ଼ିକରେ ପୂର୍ଣ୍ଣ ବିକାଶ ଲାଭ କରିଥିଲା । ୧୬୦୦ ଖ୍ରୀଷ୍ଟାବ୍ଦରୁ ୧୮୦୩ ପର୍ଯ୍ୟନ୍ତ ଓଡ଼ିଶା ସଂଘର୍ଷ ଓ ସଂଗ୍ରାମ ଭିତରେ ଗତି କରୁଥିଲା । ତେଣୁ ରାଜନୈତିକ ବାୟୁମଣ୍ଡଳ ଶାନ୍ତ ନ ଥାଇ ସଦାସର୍ବଦା ଉତ୍ତେଜନାପୂର୍ଣ୍ଣ ଥିଲା । ଏହି ପ୍ରକାର ସଂଘର୍ଷମୟ ପରିସ୍ଥିତି ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ସାହିତ୍ୟ କ୍ଷେତ୍ରରେ ବୃଦ୍ଧି ସାଧନ ଦିଗରେ ବାଧା ସୃଷ୍ଟି କରିଥିଲେ ହେଁ ଅନେକ ସ୍ୱାଧୀନ ଚେତା ପ୍ରତିଭା ସମ୍ପନ୍ନ ବ୍ୟକ୍ତି ଉତ୍କଳର ସାହିତ୍ୟ ଭଣ୍ଡାରକୁ ସେମାନଙ୍କର ଅବଦାନ ଦ୍ୱାରା ପରିପୁଷ୍ଟ କରିଥିଲେ ।' ରାଜନୀତି ଅପେକ୍ଷା ସାମ୍ବାଦିକତା ଥିଲା ତାଙ୍କ ଜୀବନର ଅନ୍ୟ ଏକ ବୈଶିଷ୍ଟ୍ୟ । ଆହୁରି ମଧ୍ୟ ସେ ଥିଲେ ଜଣେ ସୁସମାଲୋଚକ, ମହାନ ବ୍ୟବସ୍ଥାପକ, କୂଟନୀତିଜ୍ଞ ଓ ନିର୍ଭୀକ କର୍ମୀ।

ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ଜୀବନ ରଚିତ ପୁସ୍ତକ ସାଧନାର ପଥେ ପୁସ୍ତକରେ ତାଙ୍କ ନିଜର ଜନ୍ମ ବିଷୟରେ ଲେଖିଛନ୍ତି, 'ମୋର ଜନ୍ମ ସନ ୧୩୦୭ ସାଲ, ବିଛା ୬ଦିନ ମଙ୍ଗଳ ବାର ଖ୍ରୀଷ୍ଟାବ୍ଦ ୧୮୯୯ ମସିହା ନଭେମ୍ବର ୨୧ ତାରିଖ ଏକ ପଲ୍ଲୀଗ୍ରାମ ନାମ ଅଗରପଡ଼ା, ଜିଲ୍ଲା ବାଲେଶ୍ୱରରେ ମୋର ଜନ୍ମ । ସେଦିନ ସପ୍ତଗ୍ରହ ଯୋଗ ହୋଇଥିଲା ଓ ସେଦିନ ମୋର ଜନ୍ମ ଯୋଗୁଁ ମୋର ଗ୍ରହ ଭାରି ଟାଣ ବୋଲି ପିଲାଦିନୁ ମୁଁ ଶୁଣି ଆସୁଛି । ମୋର ଜନ୍ମଦାତା ପିତା ସ୍ୱର୍ଗତ କୃଷ୍ଣଚରଣ ଦାସ ଜଣେ ଦରିଦ୍ର ପରିବାର ଲୋକ ଥିଲେ । ମାତ୍ର ସେ ଅତି ବୁଦ୍ଧିମାନ ନଥିଲେ ଓ ଦେଖିବାକୁ ଅତି ସୁନ୍ଦର ଥିଲେ । ଶିକ୍ଷା ବୋଲନ୍ତେ ଯାହା ବୁଝାଏ, ସେଥିରୁ ସେ କିଛି ହେଲେ ପାଇବାର ସୁବିଧା ପାଇନଥିଲେ ।' ସେ ନିଜ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ଶେଷ କରିବା ପରେ ଭଦ୍ରକ ହାଇସ୍କୁଲରେ ନାମ ଲେଖାଇ ଅଧ୍ୟୟନ କରିଥିଲେ । ପରେ କଟକଠାରେ ଥିବା ରେଭେନ୍ସା କଲେଜରେ ଅଧ୍ୟୟନ କରିବାର ସୌଭାଗ୍ୟ ଲାଭ କରିଥିଲେ । ସେ ୧୯୧୭ ମସିହାରେ ସୁଭଦ୍ରା ଦେବୀ ନାମକ ଏକ କନ୍ୟାକୁ ବିବାହ କରିଥିଲେ । ୧୯୨୧ ମସିହାରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ସମଗ୍ର ଦେଶରେ ଚାଲୁଥିବା ଅସହଯୋଗ ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ନୀଳକଣ୍ଠ ଦାସ ପ୍ରମୁଖ ନେତୃତ୍ୱ ନେଇ ଓଡ଼ିଶାରେ ଏହି ଆନ୍ଦୋଳନକୁ ତୀବ୍ର କରିବାରେ ଲାଗିଥାନ୍ତି । ସେହି ବର୍ଷ ଅର୍ଥାତ୍ ୧୯୨୧ ମସିହା ମାର୍ଚ୍ଚ ୨୨ ତାରିଖରୁ ୨୫ ତାରିଖ ମଧ୍ୟରେ ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସି କଟକ, ପୁରୀ, ଭଦ୍ରକ ଓ ବ୍ରହ୍ମପୁର ପ୍ରଭୃତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଅସହଯୋଗ ସଭାମାନଙ୍କରେ ଯୋଗଦାନ କରି ଅସହଯୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସ୍କୁଲ ଓ କଲେଜଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ର ଓ ଶିକ୍ଷକମାନେ ଶିକ୍ଷାନୁଷ୍ଠାନଗୁଡ଼ିକ ପରିତ୍ୟାଗ କରି ଏହି ଆନ୍ଦୋଳନ ରେ ଯୋଗଦାନ କରିଥିଲେ । ଠିକ୍ ସେହି ସମୟରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବ କଟକରେ ଥିବା ରେଭେନ୍ସା କଲେଜରେ ଅଧ୍ୟୟନ କରୁଥିଲେ । ଗାନ୍ଧିଜୀଙ୍କ ଆହ୍ୱାନରେ ଅନ୍ୟ ଛାତ୍ରମାନଙ୍କ ସହିତ କଲେଜ ପରିତ୍ୟାଗ କରି ଏହି ଅସହଯୋଗ ଆନ୍ଦୋଳନରେ ଯୋଗଦାନ କରିଥିଲେ ।

ଡକ୍ଟର ହରେକୃଷ୍ଣ ମହତାବ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କଲେ। ଛାତ୍ରାବସ୍ଥାରୁ ତାଙ୍କର ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା । ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ କରି ଦୀର୍ଘ ଦୁଇ ସପ୍ତାହ ପର୍ଯ୍ୟନ୍ତ କାରାବରଣ କରିଥିଲେ । ସମଗ୍ର ଓଡ଼ିଶାରେ ଅସହଯୋଗ ଆନ୍ଦୋଳନକୁ ବ୍ୟାପକ କରିବାକୁ ଉଦ୍ୟମ କରି ୧୯୨୧, ୧୯୨୭, ୧୯୩୦ ଓ ୧୯୪୨ ମସିହାରେ କାରାବରଣ କରିଥିଲେ । ତାଙ୍କର ରାଜନୈତିକ ଜୀବନର ପ୍ରଥମ ପାହାଚରେ ୧୯୪୨ ମସିହାରେ ବାଲେଶ୍ୱର ଜିଲ୍ଲା ପରିଷଦର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରି ପ୍ରଶଂସିତ ହୋଇଥିଲେ । ସେ ସମୟରେ ଗଡ଼ଜାତ ଅଞ୍ଚଳଗୁଡ଼ିକରେ ଚାଲୁଥିବା ଇଂରେଜ ସରକାରଙ୍କ ଅତ୍ୟାଚାର ସମ୍ପର୍କରେ ସତ୍ୟାସତ୍ୟ ଜାଣିବା ନିମନ୍ତେ ୧୯୩୭ ମସିହାରେ ଜାତୀୟ କଂଗ୍ରେସ ସହାୟତାରେ ଏକ ଅନୁସନ୍ଧାନ କମିଟି ଗଠନ ହୋଇଥିଲା । ଡକ୍ଟର ହରେକୃଷ୍ଣ ମହତାବ ଉକ୍ତ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିଲେ । ସେ ମଧ୍ୟ ୧୯୩୭ ମସିହାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭାବରେ ନିର୍ବାଚିତ ହୋଇ କାର୍ଯ୍ୟ କରିଥିଲେ । ୧୯୩୮ ମସିହାରେ ସେ ଭାରତୀୟ ଜାତୀୟ କଂଗ୍ରେସର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ । ୧୯୪୬ ମସିହାରେ ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାରେ ଏହି ମନ୍ତ୍ରିମଣ୍ଡଳ ୧୯୫୦ ମସିହା ପର୍ଯ୍ୟନ୍ତ ଚାଲିଥିଲା । ଏହି ମନ୍ତ୍ରିମଣ୍ଡଳ ଓଡ଼ିଶା ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲା । ଡକ୍ଟର ହରେକୃଷ୍ଣ ମହତାବ ୧୯୫୦ରୁ ୧୯୫୨ ମସିହା ପର୍ଯ୍ୟନ୍ତ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ବିଭାଗ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ଏହାଛଡ଼ା ୧୯୫୨ରୁ ୧୯୫୪ ମସିହା ପର୍ଯ୍ୟନ୍ତ ଜାତୀୟ କଂଗ୍ରେସର ସମ୍ପାଦକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ୧୯୫୫ରୁ ୧୯୫୬ ମସିହା ପର୍ଯ୍ୟନ୍ତ ବମ୍ବେର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ । ୧୯୫୬ରୁ ୧୯୬୧ ମସିହା ପର୍ଯ୍ୟନ୍ତ ସେ ଦ୍ୱିତୀୟଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦବୀ ଗ୍ରହଣ କରିଥିଲେ । ୧୯୬୨ ମସିହା ଲୋକସଭା ନିର୍ବାଚନରେ ନିର୍ଦ୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ କଂଗ୍ରେସ ପାର୍ଲାମେଣ୍ଟାରୀ ଦଳର ଉପଦେଷ୍ଟା ହୋଇଥିଲେ ।

ସମାଜ ଓ ସାହିତ୍ୟର ବିକାଶ ପାଇଁ ଦୈନିକ 'ପ୍ରଜାତନ୍ତ୍ର' ଖବର କାଗଜ ପ୍ରକାଶ କରି ପ୍ରଜାତନ୍ତ୍ର ପ୍ରଚାର ସମିତିର ସଭାପତି ଦାୟିତ୍ୱ ବହନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ । ତାଙ୍କର ଅସାଧାରଣ ନେତୃତ୍ୱ ଓ ବ୍ୟକ୍ତିତ୍ୱ ପାଇଁ ଓଡ଼ିଶା ଗର୍ବ ଅନୁଭବ କରୁଛି। ବାସ୍ତବରେ ସେ ଜଣେ ସାଧାରଣ ବ୍ୟକ୍ତି ନଥିଲେ, ସେଥିଲେ ଜଣେ ଅନୁଷ୍ଠାନ । ତାଙ୍କ ଶାସନ କାଳରେ ଆମ ଓଡ଼ିଶାରେ ବିକାଶଧାରା ଆରମ୍ଭ ହୋଇଥିଲା । ସେ କହିଥିଲେ, 'ଆତ୍ମବିଶ୍ୱାସ ଦୃଢ଼ ରହିଲେ ବିଜୟ ସୁନିଶ୍ଚିତ ହୋଇଥାଏ । ଉଦ୍ଦେଶ୍ୟରେ ଯଦି କୌଣସି ବ୍ୟକ୍ତିଗତ ସ୍ୱାର୍ଥ ନାହିଁ ଏହାପଛରେ ବିଶ୍ୱାସ ଓ ଉତ୍ସାହ ପୂର୍ଣ୍ଣମାତ୍ରାରେ ରହିଛି ଏବଂ ଏହା ସର୍ବସାଧାରଣଙ୍କ ଦ୍ୱାରା ଗୃହୀତ ହେବାର ଯୁକ୍ତିଯୁକ୍ତ କାରଣ ଅଛି, ତେବେ ସେ ଉଦ୍ଦେଶ୍ୟ ସାଧିତ ହେବା ସୁନିଶ୍ଚିତ।' ସେ ଦେଶ ଓ ରାଜ୍ୟ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ତାଙ୍କର ଜୀବନ ଥିଲା ଏକ ଉତ୍ସର୍ଗୀକୃତ ଜୀବନ । ବିଶେଷ କରି ଓଡ଼ିଶା ପାଇଁ ତାଙ୍କର ଦାନ ଅତୁଳନୀୟ। ଓଡ଼ିଶା ପ୍ରମୁଖ ରାଜନେତାମାନଙ୍କର ସେ ଥିଲେ ରାଜନୈତିକ ଗୁରୁ । ସେତେବେଳେ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ ଜଣାଉଥିଲେ। ଆମ ଓଡ଼ିଶା ଇତିହାସରେ ସେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିଲେ । ଓଡ଼ିଶାର ଲୋକମାନେ ତାଙ୍କୁ ସବୁଦିନ ପାଇଁ ମନେ ରଖିଥିବେ । ସେ ମରି ମଧ୍ୟ ଅମର ହୋଇରହିଛନ୍ତି । ଦେଶର ଓ ରାଜ୍ୟର ବିଭିନ୍ନ ଲୋକହିତକର କାର୍ଯ୍ୟ କରି ଶେଷରେ ଗତ ୧୯୮୭ ମସିହା ଜାନୁଆରୀ ମାସ ୨ ତାରିଖ ଦିନ ଏ ବିଶାଳ ଧରାପୃଷ୍ଠରୁ ଚୀରବିଦାୟ ନେଲେ ।

*କୁରୁଣ୍ଡି, ରାଜନଗର, କେନ୍ଦ୍ରାପଡ଼ା*
*ମୋ. ୮୯୧୭୨୧୩୦୭୩*

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତ୍ତା

■ ଡକ୍ଟର ସୁରେଶ କୁମାର ନାୟକ ■

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତ୍ତାର ପ୍ରମୁଖ ଭୂମିକା ରହିଛି । ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି। ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ। ସେମାନେ ଖେଳିବା ସମୟରେ ପରସ୍ପର ସହ ଥଟ୍ଟାମଜା କରନ୍ତି। ଏହାଦ୍ୱାରା ମଧ୍ୟ ତାଙ୍କର ମାନସିକ ସ୍ଥିତି ବ୍ୟତୀତ ବୁଦ୍ଧିମତ୍ତାର ବିକାଶ ଘଟିଥାଏ। ତେଣୁ ପାଠପଢ଼ା ବ୍ୟତୀତ ସେମାନେ କିଛି ସମୟ ଖେଳକୁଦରେ କଟାଇବା ଆବଶ୍ୟକ। ପିଲାଙ୍କ ବୁଦ୍ଧିମତ୍ତା ବଢ଼ାଇବାରେ ଖେଳ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ। ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ। ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ। ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତ୍ତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ।

ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ। ଉଦାହରଣ ସ୍ୱରୂପ କ୍ୟାରମ, ଲୁଡୁ, ଚେସ। ଏହି ପ୍ରକ୍ରିୟାରେ ପିଲା ଅନ୍ୟର ଭାବନାକୁ ବୁଝିବା, ଧୈର୍ଯ୍ୟ ରଖିବା ଏବଂ ଟିମ ଓ୍ୱର୍କ ସହଯୋଗ ବିଷୟରେ ଶିଖିଥାଏ। ଏପରିକି କି ଖେଳ ତାଙ୍କୁ ସହାନୁଭୂତି, ଅନ୍ୟ ସହିତ ତାଳମେଳର ଭାବନା ଶିଖାଇଥାଏ।

ବୁଦ୍ଧିମତ୍ତା ବଢ଼ାଇବାକୁ ହେଲେ ପଜଲ ଗେମ୍, ମେମୋରୀ ଗେମ୍ସ, ଷ୍ଟ୍ରାଟେଜି ଗେମ୍ସ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ। ପ୍ରତିଦିନ ଅତିକମରେ ୧୫– ୨୦ ମିନିଟ ଏସବୁ ଖେଳକୁ ସମୟ ଦେବା ଦ୍ୱାରା ପିଲାର ବୁଦ୍ଧିମତା କେତେକାଂଶରେ ବିକଶିତ ହୋଇଥାଏ। ଏହା ବ୍ୟତୀତ ଏହି ଖେଳ ପିଲାକୁ ଧ୍ୟାନ କେନ୍ଦ୍ରିତ କରିବା ଏବଂ ଯୋଜନା ପ୍ରସ୍ତୁତ କରିବା ମଧ୍ୟ ଶିଖାଇଥାଏ। ତେବେ ପିଲାଟି ଯେପରି ଏହା ବ୍ୟତୀତ ଅନ୍ୟ କୌଣସି ଗେମ୍ସ ପ୍ରତି ଆକୃଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଦେଖନ୍ତୁ।

ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତ୍ତୀ ହୁଅନ୍ତୁ ନାହିଁ। କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ। ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ'। ଯଥାର୍ଥରେ ବାଧ୍ୟବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ। ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ। ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି।

ଦିନରେ ଅତିକମରେ ଅଧଘଣ୍ଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ। ଫଳରେ ଏଥିରୁ ସେମାନେ ଟିମଓ୍ୱର୍କ ଏବଂ ସହଯୋଗ ଶିଖିଥାଆନ୍ତି। ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ। ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତ୍ତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ। ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ। ଖୁସି ମନରେ ସବୁବେଳେ ଖେଳିବା ଭଲ।

ମନେରଖନ୍ତୁ ପିଲାଟିର ବୁଦ୍ଧିମତ୍ତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇପାରିନଥାଏ। ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେହି କେହି ବୁଝନ୍ତି ଯେ ବୁଦ୍ଧିମତ୍ତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ। ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି। ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ। ଶ୍ରେଣୀ ସାରଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକ ପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ। ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,*
*ସେକ୍ଟର–୯, ସିଡିଏ, କଟକ*

# ଶୀତ ଓ କୁହୁଡ଼ା ଏପରି ପରିସ୍ଥିତି ସୃଷ୍ଟି କରୁଛି ଯେ ସମଗ୍ର ଦୃଶ୍ୟପଟ୍ଟ ଅସ୍ପଷ୍ଟ



ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

ଶୀତ ଆସିଲା ନାହିଁ ବୋଲି ଆମ ଓଡ଼ିଶାର ଲୋକମାନେ ବ୍ୟସ୍ତ ହେଉଥିଲେ । ଏବେ ଏକ ସପ୍ତାହ ଧରି ଏପରି ଶୀତ ପଡିଛି ଯେ ଅବସ୍ଥା ଅସମ୍ଭାଳ । ଶୀତକୁ ପ୍ରତିରୋଧ କରିବା ପାଇଁ କମ୍ବଳ ନାହିଁ, ଚଦର ନାହିଁ ଆଉ ଗରମ ଲୁଗା ନାହିଁ । ଶୀତ ଶରୀରକୁ ଜୋର ଜବରଦସ୍ତି ଆକ୍ରାନ୍ତ କରୁଛି । ହୁଏତ ଆଶା କରିବା ଶ୍ରୀପଞ୍ଚମୀ ଆସିଲା ବେଳକୁ ଶୀତ ଚାଲିଯିବ । ଏ ବର୍ଷ ନଭେମ୍ବରରୁ ଏତେ ଶୀତ, ପଚିଶ ବର୍ଷର ରେକର୍ଡ ଭାଙ୍ଗିଛି ।

ନୂଆପଡାରେ ଉପନିର୍ବାଚନ ହୋଇସାରିଛି । ନିର୍ବାଚନର ଫଳାଫଳ ପ୍ରକାଶ ପାଇଛି । କିଏ ଜିତିଛି, କାହିଁକି ଜିତିଛି, ସେ ବିଷୟରେ ନାନା ଟିପ୍ପଣୀ ହେଉଛି । ଯେଉଁମାନେ ପଛରେ ଅଛନ୍ତି, ସେମାନେ ଭାଙ୍ଗି ପଡିବା ଉଚିତ ନୁହେଁ । ସେମାନେ ଅଣ୍ଟା ଭିଡନ୍ତୁ, କିଛି ପରିବର୍ତ୍ତନ ଆସିପାରେ । ଜରୁରିକାଳୀନ ଅବସ୍ଥା ପରେ ନିର୍ବାଚନ ହେଲା । ନିର୍ବାଚନରେ ବିଜୟ ହାସଲକରି ଯେଉଁ ଦଳମାନଙ୍କର ମେଣ୍ଟ ହୋଇଥିଲା, ସେମାନେ ଭାବୁଥିଲେ ସେମାନେ ଅନେକଦିନ କ୍ଷମତାରେ ତିଷ୍ଠି ଯିବେ । ସେ କଥା ହେଲାନାହିଁ । ସରକାର ଭାଙ୍ଗିଗଲା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେଲା । ଯେଉଁ ଦଳ ସରକାର ଗଢିଥିଲା, ଦଳମାନଙ୍କର ମେଣ୍ଟର ନେତୃତ୍ୱ ନେଉଥିଲା, ସେ ପରାସ୍ତ ହୋଇଗଲା । ସଂସଦରେ ଲୋକସଭାରେ ୩/୪ ସିଟରେ ବିଜୟ ହାସଲ କଲା । ଏଇଠି ଭାରତୀୟ ଜନତାପାର୍ଟି ଏପରି ସଂଘର୍ଷ କଲା ଯେ ସେ '୩' ସଂଖ୍ୟାଟି ଏବେ ୨/୩ (ଦୁଇ ତୃତୀୟାଂଶ) ସ୍ଥାନ ଦଖଲ କରିଛି । ରାଜନୈତିକ ଦଳମାନଙ୍କ ପାଇଁ ଏହା ଆହ୍ୱାନ । ଭାଙ୍ଗି ପଡିବାର ନାହିଁ କି ଉଲ୍ଲସିତ ହେବାର ନାହିଁ । ନୂଆପଡାରେ ସବୁଦଳର ଲୋକମାନେ ସବୁ ଅଞ୍ଚଳକୁ ଯାଇଥିଲେ । ଯେତେବେଳେ ନିର୍ବାଚନ ପରେ ତାଙ୍କ ନିଜ ନିଜ ଅଞ୍ଚଳକୁ ଫେରିଲେ ଅନେକ କହୁଥିଲେ ସେଠି ଏକଥା ସବୁ ଘଟୁଥିଲା ଯେ ବିରୋଧୀ ଦଳମାନେ ଭାବୁଥିଲେ ସେମାନେ ଯାହା ଦେଖିଲେ ନୂଆପଡା ଜିଲ୍ଲା ପ୍ରତିଷ୍ଠା ହେଲାର ଏତେବର୍ଷ ହୋଇଥିଲେ ମଧ୍ୟ ଯେଉଁ ନ୍ୟୂନତମ ସୁବିଧା ଲୋକମାନଙ୍କୁ ମିଳିବା କଥା ମିଳିନାହିଁ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ କେତେବେଳେ ତା'ର ଉନ୍ନତି ଘଟିବ । ନିର୍ବାଚନରେ ଜିତିବା ହାରିବା ତ ଲାଗି ରହିବ, କିନ୍ତୁ ସେଠିକା ଲୋକମାନଙ୍କୁ ତ ସର୍ବନିମ୍ନ ସୁବିଧା ଦେବା ଆମର କର୍ତ୍ତବ୍ୟ ।

ଆଶା ଆଉ ଆକାଂକ୍ଷା, ଗାଜାରେ ଯୁଦ୍ଧ ବନ୍ଦ ହେବ । ଡୋନାଲ୍ଡ ଟ୍ରମ୍ପଙ୍କ ଆହ୍ୱାନରେ ରଷିୟା ଓ ୟୁକ୍ରେନରେ ଯୁଦ୍ଧ ବନ୍ଦ ହେବ । କିନ୍ତୁ ଏହା ହେଉନାହିଁ । ରଷିୟା ଶୁଣୁନାହିଁ । ୟୁକ୍ରେନରେ ବି ଯୁଦ୍ଧ ବନ୍ଦ ହୋଇଯିବ ବୋଲି ଶୁଣାଯାଉଛି, ବନ୍ଦ ତ ହେଉନାହିଁ ।

ପହଲଗାମରେ ଆତଙ୍କବାଦଙ୍କ ଆକ୍ରମଣ! କି ବର୍ବର ଆକ୍ରମଣ? ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କୀଙ୍କ ଆକ୍ରମଣକୁ ପ୍ରତିହିତ କରାଯାଇ ପାରିଥିଲା । କ'ଣ ଘଟିଲା ଲାଲକିଲା ରେଳଷ୍ଟେସନର ୧ ନମ୍ବର ଗେଟ ପାଖରେ । ଏକ୍ସପ୍ଲୋସନ ହେଲା । ମୃତକଙ୍କ ସଂଖ୍ୟା ୧୫ ଟପିଛି । ଯେତେବେଳେ ଏ.ଏନ.ଆଇ.ଏ. ଦ୍ୱାରା ଅନୁସନ୍ଧାନ କରାଯାଉଛି । ଏହା ଏତେ ଅଣଆୟତ୍ତ ଅବସ୍ଥାକୁ ନେଇଯାଇଛି ଯେ ଜଣେ କ'ଣ ମନ୍ତବ୍ୟ ଦେଇପାରିବ । ଅତି ଉଚ୍ଚପଦସ୍ଥ ଡାକ୍ତରମାନେ ଏହି ସନ୍ତ୍ରାସବାଦୀ ଆକ୍ରମଣରେ ଜଡିତ ହୋଇ ପଡିଛନ୍ତି । ଜାମ୍ମୁ–କାଶ୍ମୀରଠାରୁ ଆରମ୍ଭକରି ହିମାଚଳ ପ୍ରଦେଶ, ହରିୟାଣା, ଉତ୍ତରପ୍ରଦେଶ ସବୁଆଡକୁ ଚେର ବ୍ୟାପିଯାଇଛି । ଏଇ ବ୍ୟବସ୍ଥାର ମୂଳୋତ୍ପାଟନ କରିବାକୁ ହେବ।

ଜାମ୍ମୁ–କାଶ୍ମୀରରେ ଧାରା ୩୭୦ ବିଲୋପ ହେଲା । ସରକାର କ'ଣ କେତେବେଳେ କହୁଛନ୍ତି ଜଣାପଡୁନି । ସମୟରେ କହୁଛନ୍ତି ଏହା ୩୭୦ ଧାରା ଲୋକମାନେ ଚାହୁଁ ନଥିଲେ । ପୁଣି କହୁଛନ୍ତି ୩୭୦କୁ ପୁଣି ଫେରାଇ ଆଣିବା । ଏହା ନିର୍ବୋଧତା ହେବା କଥାଟି ଛିଣ୍ଡୁନାହିଁ । ତାହା ମୁଣ୍ଡବ୍ୟଥାର କାରଣ ।

ଆମ ରାଜ୍ୟ ଅନେକ ଖେଳରେ ଆଗୁଆ କିନ୍ତୁ ଯାହା ଏବେକାର ଅନୁଭବ ଯେ କ୍ରିକେଟରେ ଆମେ ପଛରେ । ଆମ ଖେଳାଳିମାନେ ରଣଜି ଟ୍ରଫି ମ୍ୟାଚମାନଙ୍କରେ ଯାହା ପ୍ରଦର୍ଶିତ କଲେ, ତାହା ଆମ୍ଭମାନଙ୍କୁ ଲଜ୍ଜିତ କଲା । ପ୍ରାଥମିକ ସ୍କୁଲ ସ୍ତରରୁ ସମସ୍ତେ କ୍ରିକେଟ ଖେଳୁଛନ୍ତି, କିନ୍ତୁ କାହିଁ ଆମର ପାରଦର୍ଶିତା?

ବୃତ୍ତିଟିଏ ପାଇବା ପାଇଁ, ଆମ ଯୁବକ ଯୁବତୀମାନେ, ଛାତ୍ର ଛାତ୍ରୀମାନେ ଅନେକ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଉଛନ୍ତି । ଦୁଃଖର କଥା ଅନେକ ପରୀକ୍ଷା ଠିକ ସମୟରେ ହୋଇପାରୁନି । ଠିକ ଭାବରେ ପରିଚାଳିତ ହୋଇପାରୁ ନାହିଁ ବୋଲି ଥରକୁ ଥର ବାତିଲ ହୋଇଯାଉଛି । ସେଥିରେ ଦୁର୍ନୀତିର ଗନ୍ଧ ବାରିହୋଇ ପଡୁଛି । ଆମ ରାଜ୍ୟ ବଡ଼, ଆମ ଦେଶ ବି ବଡ଼ । ଏମିତି କ'ଣ ସଂସ୍ଥା ନାହିଁ, ଯିଏ ପରୀକ୍ଷା ସବୁ ନିରପେକ୍ଷତାର ସହିତ କରିପାରିବ? ଆମ ବିଶ୍ୱ ବିଦ୍ୟାଳୟମାନେ ଏ ଦାୟିତ୍ୱ କାହିଁକି ନେଇପାରିବେ ନାହିଁ । ହଜାର ହଜାର, ସମୟରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉଚ୍ଚମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେଉଛନ୍ତି । ସେମିତି ବିଭିନ୍ନ ବୃତ୍ତି ପାଇଁ ପରୀକ୍ଷା ବିଶ୍ୱବିଦ୍ୟାଳୟମାନେ କରିପାରନ୍ତେ ।

ମୁଁ ଲକ୍ଷ୍ୟ କରିଛି ଛାତ୍ରଛାତ୍ରୀମାନେ ସେମାନଙ୍କର ଉଚ୍ଚଶିକ୍ଷା ଶେଷ କରିଲାପରେ ନିଜେନିଜେ କେଉଁଠି ବସି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାପାଇଁ ଲାଇବ୍ରେରୀ ଗୋଟିଏ ନାହିଁ । ନିଜ ଘରେ ପରିବାରର ଜଞ୍ଜାଳ ଭିତରେ ପଢିପାରିବେ ନାହିଁ । ଯେଉଁ ଲାଇବ୍ରେରୀ (ପାଠାଗାରାମାନଙ୍କରେ ପଠନ ଗୃହମାନ ଅଛି, ଏହା କେବଳ ସହରରେ ଅଛି) ସେଠିକୁ ଏହି ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଆସି ପାଠ ପଢୁଛନ୍ତି । ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ରହି ଭୋକହେଲେ କିଛି ଖାଇବାକୁ ନଥାଉ ପଛେ ପାଠ ପଢୁଛନ୍ତି । କେତେ ଜଣକୁ ପଚାରୁଥିଲି, ସେମାନେ କହିଲେ ଏହି ପାଠାଗାରାକୁ ଆସିବା ପାଇଁ ଟ ୫୦.୦୦ ଖର୍ଚ୍ଚ କରୁଛୁ । ଲାପଟପ ଗାଁରେ ଓ ଘରେ ଚଳାଇ ପାରିବେ ନାହିଁ ।

ଆଉ ଗୋଟିଏ କଥା ସବୁ ପରୀକ୍ଷା ପାଇଁ ଯେଉଁ ପରୀକ୍ଷା ଫିସ ଧାର୍ଯ୍ୟ ହୋଇଛି, ତାହା ଅତ୍ୟାଧିକ । ଯେଉଁମାନେ କିଛି ବି ଆୟ କରିପାରୁ ନାହାନ୍ତି, କୁଆଡୁ ପଇସା ପାଇବେ ଫିସ ଦେବାପାଇଁ । ସରକାର ଜନସାଧାରଣଙ୍କୁ ଅନେକ ସାହାଯ୍ୟ କରୁଛନ୍ତି । ପରୀକ୍ଷା ଫିସ ଖୁବ କମ ଆଦାୟ କରିଲେ ହୁଅନ୍ତା ନାହିଁ? ପରୀକ୍ଷା ଫିସ ବିଲକୁଲ ନନେଲେ ଭଲ ହୁଅନ୍ତା । ଏହି କଥାଟି ଜନକଲ୍ୟାଣ କଥା ଭିତରେ ଅନ୍ତର୍ଭୁକ୍ତ ହୋଇ ପାରନ୍ତା । ବର୍ଷଟିଏ ସରିଯିବ । ଅନେକ କଥାରେ କୁହୁଡା ଆମକୁ ସିଧାସଳଖ ଦେଖିବାର ଅନ୍ତରାୟ ସୃଷ୍ଟି କରୁଛି । ସିଧାସଳଖ ନ ଦେଖିଲେ ଲୋକଙ୍କର ଆଶା ଆକାଂକ୍ଷା କିପରି ରାଷ୍ଟ୍ରର ପାଖରେ କହିବା?

ଅତି ଦୁଃଖଦ ସମ୍ବାଦ । ବଙ୍ଗଳାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କର ଫାଶୀ ହେବ । ବଙ୍ଗଳାଦେଶର କୋର୍ଟ ଏପରି ନିଷ୍ପତ୍ତି ନେଇଛି । ଏପରି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ମଧ୍ୟ । ବଙ୍ଗଳାଦେଶର ବର୍ତ୍ତମାନର ଶାସନମୁଖ୍ୟ ୟୁନୁସ ଜଣେ ବିବେକହୀନ ବ୍ୟକ୍ତି । ସେ କେବଳ ଭାରତ ବିରୋଧୀ ବୋଲି ନିଜକୁ ପ୍ରତିପାଦିତ କରୁଛନ୍ତି । ଶେଖ ହସିନା ବର୍ତ୍ତମାନ ଭାରତବର୍ଷରେ ଅଛନ୍ତି । ସେଠିକାର ଦଣ୍ଡାଦେଶ ପ୍ରକାଶ ପାଇ ସାରିଲା । ପରେ ୨୦୧୩ ଭାରତ ଓ ବଙ୍ଗଳାଦେଶ ପ୍ରତ୍ୟାର୍ପଣ ଚୁକ୍ତି ଅନୁସାରେ ତାଙ୍କୁ ଭାରତ ଫେରାଇ ଦେଉବୋଲି ବଙ୍ଗଳାଦେଶ କହୁଛି । ଏପରି ପ୍ରତ୍ୟାର୍ପଣ ଅମାନବୀୟ ହେବ । ଚୁକ୍ତିରେ ମଧ୍ୟ ଅଛି ରାଜନୈତିକ କାରଣ ଦୃଷ୍ଟିରୁ ଯଦି କିଛି କାର୍ଯ୍ୟାନୁଷ୍ଠାନ ହୋଇଥାଏ ସେପରି ନିଷ୍ପତ୍ତି ଗ୍ରହଣୀୟ ନୁହେଁ । ଭାରତରେ ଜନସାଧାରଣ ଚାହିଁଛନ୍ତି ଯେ ଶେଖ ହସିନାଙ୍କ ଏପରି ଦଣ୍ଡାଦେଶ ଭାରତ ଗ୍ରହଣ ନକରୁ । ଶେଖ ହସିନାଙ୍କୁ କେହି ଭାରତରୁ ନ ନେଇଯାଉ ।

ହ୍ୟୁମାନ ସାଗର ଅକାଳରେ ବିଦାୟ ନେଇଗଲେ । ଜଣେ ସଂଗୀତକାର ଭାବରେ ସେ ରାଜ୍ୟବାସୀଙ୍କର ହୃଦୟରେ ଥିଲେ । ଶେଷ ମୁହୂର୍ତ୍ତରେ ସମସ୍ତ ଚିକିତ୍ସାର ସୁଯୋଗ ଲାଭ କରିପାରିଲେ ନାହିଁ । ଦୁଇବର୍ଷ ହେଲା ସେ ଅସୁସ୍ଥ ହୋଇଥିଲେ । ସେଇଦିନଠୁ ତାଙ୍କୁ କାହିଁକି ଆବଶ୍ୟକୀୟ ଚିକିତ୍ସା ପ୍ରଦାନ କରାଯାଇ ପାରିଲା ନାହିଁ ତାହା ଦୁଃଖଦାୟକ । ଅନେକ କଳାକାର ଏପରି ଦୁର୍ଦ୍ଦଶା ଭୋଗୁଛନ୍ତି । ସେମାନଙ୍କ ପାଇଁ ଗୋଟିଏ କଳାକାର ସଙ୍ଗଠନ ସରକାର ଗଢିବେ ବୋଲି ଆଶା କରିବା । ସେଇ ସଙ୍ଗଠନ କଳାକାରମାନଙ୍କର ସ୍ୱାସ୍ଥ୍ୟ ବିଷୟରେ ସତର୍କ ରହିବା ଆବଶ୍ୟକ । ସଂଧ୍ୟାରେ ଦର୍ଶକଙ୍କ ସମ୍ମୁଖକୁ ଆସିବ ଓ ସମସ୍ତଙ୍କର ହୃଦୟକୁ ଜାଣିବି, ଏହା ଭାବି ଯଦି ଦିନସାରା ସ୍ୱାସ୍ଥ୍ୟର ଯତ୍ନ ନିଆଯିବ ନାହିଁ, ହ୍ୟୁମାନଙ୍କ ଭାଗ ସମସ୍ତେ ଭୋଗିବେ । ହ୍ୟୁମାନ ସମସ୍ତଙ୍କର ହୃଦୟରେ ରହନ୍ତୁ । ପରଲୋକରେ ତାଙ୍କୁ ଭଗବାନ ଆଶୀର୍ବାଦ କରନ୍ତୁ । ତାଙ୍କ ମା' ଓ ପରିବାରକୁ ସେ ମଧ୍ୟ ସହାୟ ହୁଅନ୍ତୁ ।

*ଜେଲରୋଡ଼, ଖୋର୍ଦ୍ଧା,*
*ମୋ ୯୪୩୭୩୦୨୪୧୭*








ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୧ ନଭେମ୍ବର ୨୦୨୫ ଶୁକ୍ରବାର ପୃଷ୍ଠା ୫

ସାମାଜିକ ବ୍ୟବସ୍ଥାରେ ସମୟ ସହ ପରିବର୍ତ୍ତନର ଗୁରୁତ୍ୱ ରହିଛି । ପରିବର୍ତ୍ତନ ନହେଲେ ସୃଷ୍ଟି ଓ ସମୟ ସ୍ଥିର ହୋଇଯିବ । ସୃଷ୍ଟିରେ ନାରୀ ଓ ପୁରୁଷ ଉଭୟ ଉଭୟଙ୍କର ପରିପୂରକ । ଋକ ବେଦରେ ନାରୀକୁ ମାତା ତୁ ନିର୍ମାତ୍ରୀର ସମ୍ମାନ ଦିଆଯାଇଛି । ମାଆ ଓ ମାତୃଭୂମି ଭୂମିଷ୍ଠ ହେଉଥିବା ସନ୍ତାନମାନଙ୍କୁ ସୁଖ,ଶାନ୍ତି ଓ ସୌଭାଗ୍ୟ ପ୍ରଦାନ କରିବା ପାଇଁ ତିଳତିଳ ଯନ୍ତ୍ରଣା ସହିଥାଏ । ନିଜକୁ ବିପନ୍ନ କରି ସନ୍ତାନମାନଙ୍କ ପାଇଁ ଚିରକାଳ ଅଭୟ ଆଶ୍ରୟ ଦାତ୍ରୀ ହୋଇଥାଏ । ତେଣୁ କେଉଁ ଆବହମାନ କାଳରୁ ନାରୀ ବିଭିନ୍ନ ରୂପରେ ମର୍ଯ୍ୟଦା ପାଇ ଆସିଛି । ସମୟ ବଦଳିଛି । ଆଜି ନାରୀ କୌଣସି ଗୁଣରେ ପଛରେ ନାହିଁ । ନାରୀ ଆଜି ରୋଷେଇଶାଳରୁ ସଂସଦ, ପୃଥିବୀ ପୃଷ୍ଠରୁ ଚନ୍ଦ୍ରପୃଷ୍ଠ ସବୁଠି ବିଜୟ ବାନା ଉଡାଇଛି । ଶିକ୍ଷା, ବିଜ୍ଞାନ, ଚିକିତ୍ସା, ପାଣିପାଗ, କୃଷି ସବୁଠି ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ । ତଥାପି ନାରୀ ପ୍ରତି ଅବଳା ଦୁର୍ବଳାର ମାନସିକତା ଆମ ପୁରୁଷପ୍ରଧାନ ସମାଜରେ ରହି ଆସିଛି ।

# ସହାନୁଭୂତି ନୁହେଁ ସମ୍ମାନ ଲୋଡ଼ା




**ଗୋ**ଟିଏ ଜାତିର ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ପ୍ରଗତି ନାରୀ ଜାତିର ଉନ୍ନତି ବିନା ଅସମ୍ଭବ । ଆମ ପରମ୍ପରା ଆମକୁ ଶିକ୍ଷା ଦିଏ ଯେ ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ । ଅର୍ଥାତ ଯେଉଁଠାରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ ସେଠାରେ ଦେବତାମାନେ ଅବସ୍ଥାନ କରନ୍ତି । ଜୀବନର ପ୍ରତି ସୋପାନରେ ତଥା ସାମାଜିକ ବିକାଶର ପ୍ରତ୍ୟେକ ସ୍ତରରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସନ୍ତାନମାନଙ୍କୁ ସୁଖ, ଶାନ୍ତି ଓ ସୌଭାଗ୍ୟ ପ୍ରଦାନ ପାଇଁ ସେ ଜନ୍ମରୁ ଯୁଇ ଯାଏ ତିଳ ତିଳ ଯନ୍ତ୍ରଣା ସହିଥାଏ । କେତେବେଳେ ପୁରୁଷ ତ କେତେବେଳେ ସମାଜ ପୁଣି କେତେବେଳେ ନାରୀ ପାଇଁ ନିଜେ ନାରୀ ପ୍ରତିବନ୍ଧକ ସାଜେ । ପରିବାର, କର୍ମକ୍ଷେତ୍ର, ରାଜରାସ୍ତା ସବୁଠି ତା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ । ମୂଲ୍ୟବୋଧର ଅବକ୍ଷୟ,ଜାତୀୟ ଜୀବନରେ ବିଶୃଙ୍ଖଳା ଏବଂ ସାମାଜିକ ଜୀବନରେ ଉତ୍ତର ଦାୟିତ୍ୱର ଅଭାବ ଯୋଗୁ ମହିଳାମାନଙ୍କ ଉପରେ ଘଟୁଥିବା ନାନା ପ୍ରକାର ଅତ୍ୟାଚାରର ଯବନିକା ପଡୁନାହିଁ । ପ୍ରଚାର ସର୍ବସ୍ୱ ମାନସିକତା ଓ ପୁରୁଷମାନଙ୍କ ଅଧିକ ହସ୍ତକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନାରୀମାନଙ୍କୁ ଗୌଣ କରି ଦିଆଯାଉଛି । ସମସ୍ତେ ମନେରଖିବା ଉଚିତ ଦେଶ ଓ ସମାଜ ଗଠନରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହିଳାମାନେ ସଶକ୍ତ ହେଲେ ପରିବାର, ସମାଜ, ଦେଶ ଅଗ୍ରଗତି କରିବ ।

ପ୍ରକୃତିର ନିୟମ ଅନୁଯାୟୀ ଉଭୟ ପୁରୁଷ ଓ ନାରୀ ମଧ୍ୟରେ ସନ୍ତୁଳନ ରକ୍ଷା ଏକାନ୍ତ ଜରୁରୀ ହୋଇଥିବାବେଳେ ଭାରତରେ ନାରୀମାନଙ୍କର କ୍ରମାଗତ ସଂଖ୍ୟା ହ୍ରାସ ଘଟଣା ଏହି ନିୟମର ପରିପନ୍ଥି । କୌଣସି ଦେଶରେ ବା ରାଜ୍ୟରେ ପ୍ରତି ୧୦୦୦ ପୁଅଙ୍କ ତୁଳନାରେ ୯୫୨ ଜଣ ଝିଅ ଜନ୍ମ ନେଲେ ଏହାକୁ ସାଧାରଣ ଲିଙ୍ଗ ଅନୁପାତ ଭାବେ ବିବେଚନା କରାଯାଏ । ଗତ ୨୦୧୯ ମସିହାରେ ୧୦୦୦ ପୁଅଙ୍କ ତୁଳନାରେ ଦେଶରେ ୯୪୭ ଝିଅ ରହିଥିବା ଜଣାଯାଏ । କନ୍ୟାଭ୍ରୂଣ ହତ୍ୟା ସମାଜ ପାଇଁ ଏକ ବଡ ଚ୍ୟାଲେଞ୍ଜ । ଯେତେବେଳେ ପରିବାରକୁ ନୂତନ ଆଗନ୍ତୁକଟିଏ ଆସିବାର ସୂଚନା ମିଳେ ପରିବାରର ସଦସ୍ୟମାନେ ଖୁସିରେ ମସଗୁଲ ହୋଇ ଯାଆନ୍ତି । ଯଦି ଗର୍ଭସ୍ଥ ଭ୍ରୂଣଟିର ଲିଙ୍ଗ ପରୀକ୍ଷାରୁ କନ୍ୟା ଜଣାପଡ଼େ ସେତେବେଳେ ସବୁ ଖୁସି






ପାଣିରେ ମିଳାଇଯାଏ । ଝିଅର ଭବିଷ୍ୟତ କଥା ଚିନ୍ତା କରି ପିତାମାତା ବ୍ୟଗ୍ର ହୋଇଉଠନ୍ତି । ମାତୃ ଗର୍ଭରୁ କନ୍ୟା ସନ୍ତାନ ପ୍ରତି ହତାଦର ଆରମ୍ଭ ହୋଇଯାଏ । ପୃଥିବୀର ଆଲୋକ ସଂସ୍ପର୍ଶରେ ଆସିବା ପୂର୍ବରୁ ଅନେକ କନ୍ୟା ସନ୍ତାନକୁ ମା' ଗର୍ଭରୁ ହତ୍ୟା କରାଯାଏ । ସାମାଜିକ କୁସଂସ୍କାରରେ ବଶବର୍ତ୍ତି ହୋଇ ପୁତ୍ର ସନ୍ତାନମାନଙ୍କ ପ୍ରତି ଅହେତୁକ ମୋହ ଓ କନ୍ୟା ସନ୍ତାନ ଏକ ବୋଝ ମନେକରି କନ୍ୟାଭ୍ରୂଣ ହତ୍ୟା କରିବାକୁ ପିତାମାତା ପଛାଇନଥାନ୍ତି । ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୂଣ ହତ୍ୟା ଏକ ଅନୈତିକ କାର୍ଯ୍ୟ । ଝିଅମାନଙ୍କ ଭିତରେ ଭରପୂର ପ୍ରତିଭା ଓ ସାମର୍ଥ୍ୟ ରହିଥିଲେ ବି ଅନେକ ପରିବାରରେ ପୁଅମାନଙ୍କ ତୁଳନାରେ ଝିଅମାନଙ୍କୁ କମ ଶିକ୍ଷା ପାଇବାର ସୁବିଧା ମିଳିଥାଏ । ଏମାନେ ଯେତେବେଳେ ବିବାହ କରି ସନ୍ତାନ ଜନ୍ମ କରନ୍ତି ପ୍ରସବ ପୂର୍ବରୁ ଓ ପରେ ଆବଶ୍ୟକୀୟ ଖାଦ୍ୟ ଓ ଚିକିତ୍ସା ପାଇନଥାନ୍ତି । ଫଳରେ ସନ୍ତାନ ଜନ୍ମ ସମୟରେ ଓ ସନ୍ତାନ ଜନ୍ମ ପରେ ଅନେକ ସ୍ତ୍ରୀଲୋକ ଅବହେଳା ଯୋଗୁଁ ମୃତ୍ୟୁମୁଖରେ ପଡ଼ନ୍ତି । ସାମାଜିକ ଧାରାରେ ଅନେକ ପରିବର୍ତ୍ତନ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବେଶ ଉନ୍ନତି ସତ୍ତ୍ୱେ ଆଜିବି ବିଶ୍ୱର ବହୁ ମହିଳା ପ୍ରସବକାଳିନ ଅସ୍ୱାସ୍ଥ୍ୟକର ଅବସ୍ଥା ଯୋଗୁଁ ମୃତ୍ୟୁବରଣ କରୁଛନ୍ତି ।

ଗତ ୨୦୦୮ରୁ ୨୦୨୧ ବିଗତ ତେର ବର୍ଷ ମଧ୍ୟରେ ଭାରତରେ ଅନେକ କ୍ଷେତ୍ରରେ ପରିବର୍ତ୍ତନ ଘଟିଛି । ନାରୀର ଦାୟିତ୍ୱ ଓ କାର୍ଯ୍ୟଦକ୍ଷତା ବଢିଛି । ତଥାପି ଘରୋଇ ହିଂସାକୁ ସହିବାକୁ ବାଧ୍ୟ ହେଉଛି ସେ । ଘର ଚଳାଇବା ପାଇଁ ସବୁ କ୍ଷେତ୍ରରେ ପୁରୁଷକୁ ସହଯୋଗ ଦେଇ ମଧ୍ୟ ନାରୀ ଆଜି ନିର୍ଯାତିତା କାହିଁକି ବୋଲି ପ୍ରଶ୍ନଟିଏ ଉଙ୍କିମାରେ । କେବଳ ଗୃହିଣୀ ନୁହନ୍ତି କର୍ମଜୀବୀ ମହିଳା ମଧ୍ୟ ଘରୋଇ ହିଂସାର ଶିକାର ହେଉଛନ୍ତି । ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ଦେଶର ଦୁଇ ତୃତୀୟାଂଶ ମହିଳା ଘରୋଇ ହିଂସାର ଶିକାର ହେଉଛନ୍ତି । ଘରୋଇ ହିଂସା ପରିବାରରେ ପରିବାରର ସଦସ୍ୟଙ୍କ ଦ୍ୱାରା ହିଁ ହୋଇଥାଏ । ଶାରୀରିକ ନିର୍ଯାତନା ଠାରୁ ଆରମ୍ଭ କରି ମାନସିକ, ଅର୍ଥନୈତିକ ଓ ଯୌନ ନିର୍ଯାତନା ପର୍ଯ୍ୟନ୍ତ ବ୍ୟାପିଛି ପାରିବାରିକ ହିଂସାର ଦିଗ । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ ୧୫ରୁ୧୯ ବର୍ଷ ବୟସର ୫୬ ଶତାଂଶ ମହିଳା ଘରୋଇ ହିଂସାକୁ ନୀରବରେ ସହିନେବା ଠିକ ବୋଲି ମାନି ନିଅନ୍ତି । ଦେଶରେ ଘଟୁଥିବା ସମୁଦାୟ ମହିଳା ନିର୍ଯାତନାର ୭୫ ପ୍ରତିଶତ ମହିଳା ପରିବାରର ସମ୍ମାନ ବଜାୟ ରଖିବା ପାଇଁ ଘରୋଇ ହିଂସା ସୁରକ୍ଷା ଆଇନର ସହାୟତା ନିଅନ୍ତି ନାହିଁ ।

ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ ଯେଉଁଠାରେ କି ମହିଳାମାନେ ସବୁଠୁ ଅସୁରକ୍ଷିତ ଭାବେ ରହିଛନ୍ତି । ଓଡ଼ିଶାରେ ଗତ କିଛି ବର୍ଷ ମଧ୍ୟରେ ମହିଳାଙ୍କ ଉପରେ ଯେଉଁଭଳି ଅତ୍ୟାଚାର, ନିର୍ଯାତନା, ହତ୍ୟା, ଦୁଷ୍କର୍ମ ଭଳି ଅପରାଧ ଘଟଣା ଘଟିଛି ସେସବୁକୁ ଭଲ ଭାବରେ ନିରୀକ୍ଷଣ କଲେ କେବଳ ସାମାଜିକ ସ୍ଖଳନ ନୁହେଁ କୋହଳ ମହିଳା ସୁରକ୍ଷା ଆଇନ ପ୍ରତି ଅପରାଧୀଙ୍କର ଭୟ ରହୁନଥିବା ବାରି ହୋଇପଡୁଛି । ଜାତୀୟ ଅପରାଧ ଅନୁଧ୍ୟାନ ବ୍ୟୁରୋର ରିପୋର୍ଟ ଅନୁଯାୟୀ ଆମ ରାଜ୍ୟରେ ୨୦୧୫ ମସିହା ଠାରୁ କ୍ରମାଗତ ଭାବରେ ମହିଳା ନିର୍ଯ୍ୟାତନା ବୃଦ୍ଧି ଘଟୁଛି । ସାଇବର କ୍ରାଇମ, ବଳାତ୍କାର, ଯୌତୁକଜନିତ ହତ୍ୟା ହାର ବଢିଛି । ପ୍ରତିଦିନ ସାତଟି ବଳାତ୍କାର ମାମଲା ଥାନାକୁ ଆସୁଛି । ଶିକ୍ଷିତ ସମାଜରେ ଯୌତୁକ ପ୍ରଥାର ଶିକାର ହୋଇ ବହୁ ବିବାହିତା ବି ନିର୍ଯାତିତା ଓ କେତେକ ସ୍ଥଳରେ ମୃତ୍ୟୁବରଣ କରୁଛନ୍ତି । ଏହା କେବଳ ଗରିବ କି ମଧ୍ୟବିତ୍ତ ପରିବାରରେ ଘଟୁନାହିଁ, ଉଚ୍ଚଶିକ୍ଷିତ ପରିବାରରେ ବେଶୀ ଘଟୁଛି । ୨୦୨୦-୨୧ରେ ରାଜ୍ୟ ମହିଳା କମିଶନରେ ୪୯୩ଟି ଯୌତୁକ ଜନିତ ନିର୍ଯାତନା ମାମଲା ଦାୟର ହୋଇଛି ।







ମହିଳାଙ୍କ ସୁରକ୍ଷା ସହ ଦେଶର ପ୍ରକୃତ ସ୍ୱାଧୀନତା ଜଡିତ ବୋଲି ମହାତ୍ମା ଗାନ୍ଧୀ ଅନୁଭବ କରିଥିଲେ । ସେଥିପାଇଁ ସେ କହିଥିଲେ ଯେ ଯେଉଁଦିନ ଅର୍ଦ୍ଧରାତ୍ରୀରେ ଜଣେ ମହିଳା ରାଜପଥରେ ଏକାକୀ ଯାତାୟାତ କରିପାରିବ ସେଦିନ ଭାରତ ବାସ୍ତବ ସ୍ୱାଧୀନତା ହାସଲ କରିଛି ବୋଲି ମନେ ହେବ । ଭାରତ ସ୍ୱାଧୀନତା ଲାଭର ୭୫ ବର୍ଷକୁ ଆଜାଦିକା ଅମୃତ ମହୋତ୍ସବ ଭାବରେ ପାଳନ କରୁଛି । ଏହି ଅବସରରେ ଅବହେଳିତ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କରାଯାଉଥିଲେ ବି ପରିବାରରୁ ରାଜପଥ ପର୍ଯ୍ୟନ୍ତ ମହିଳାମାନେ ଦିନକୁ ଦିନ ଅସୁରକ୍ଷିତ ମନେ କରୁଛନ୍ତି ।

ମହିଳା ସଶକ୍ତକରଣ କେବଳ କହିଦେଲେ ହେବନାହିଁ ସେମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଆବଶ୍ୟକ । ନେତୃତ୍ୱ ନେବା ପାଇଁ ସେମାନଙ୍କୁ ସୁଯୋଗ ଦେବା ଆବଶ୍ୟକ । ଆମ ଲୋକ ସଂଖ୍ୟାର ଅର୍ଦ୍ଧେକ ହେଲେ ମହିଳା । ସଂସଦ ଓ ବିଧାନସଭାରେ ମହିଳା ସାଂସଦଙ୍କ ସଂଖ୍ୟା



ନଗଣ୍ୟ ରହୁଥିବାରୁ ସେମାନଙ୍କର ସମସ୍ୟା ଉପସ୍ଥାପିତ ହୋଇପାରୁନାହିଁ । ଓଡିଶାର ପଞ୍ଚାୟତରାଜ ବ୍ୟବସ୍ଥା ଓ ନଗରପାଳିକାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମହିଳାମାନଙ୍କ ମନରେ ନୂତନ ଅଶା ସଞ୍ଚାର କରିଛି । ବିକାଶ ପ୍ରକ୍ରିୟା ଏବଂ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କ ଯୋଗଦାନ ଗଣତନ୍ତ୍ରକୁ ଯେ ଅଧିକ ସୁଦୃଢ କରିବ ଏଥିରେ ସନ୍ଦେହ ନାହିଁ । ମହିଳାମାନଙ୍କ ପାଇଁ ସଂସଦ ଓ ବିଧାନସଭାରେ ୩୩ ପ୍ରତିଶତ ଆରକ୍ଷଣ ସକାଶେ ୧୯୯୬ ମସିହା ସେପ୍ଟେମ୍ବର ୧୨ ତାରିଖରେ ଲୋକସଭାରେ ଆଗତ ମହିଳା ସଂରକ୍ଷଣ ବିଲ ବହୁ ବାଦବିବାଦ ଭିତରେ ୨୦୧୦ ମସିହାରେ ରାଜ୍ୟସଭାରେ ଅନୁମୋଦିତ ହୋଇଥିଲେ ମଧ୍ୟ ରାଜନୈତିକ ଦଳମାନଙ୍କର ସହମତି ଅଭାବରୁ ଲୋକସଭାରେ ଏହା ଏପର୍ଯ୍ୟନ୍ତ ଗୃହୀତ ହୋଇପାରିନାହିଁ । ଯଦ୍ୱାରା ବର୍ତ୍ତମାନ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୭୮ରେ ସୀମିତ ରହିଥିବା ବେଳେ ରାଜ୍ୟସଭାରେ ଏହା ୨୭ ରହିଛି । ଯଦି ମହିଳା ସଂରକ୍ଷଣ ବିଲ ସଂସଦରେ ଗୃହୀତ ହେବ ତେବେ ଲୋକସଭାରେ ମହିଳା ସାଂସଦଙ୍କ ସଂଖ୍ୟା ୧୮୦ ଓ ରାଜ୍ୟ ସଭାରେ ଏହା ୮୧ ହୋଇପାରନ୍ତା । ଆମ ରାଜ୍ୟ ବିଧାନସଭାରେ ମହିଳା ବିଧାୟିକାଙ୍କ ସଂଖ୍ୟା ୧୫ ରହିଛି । ଏହି ବିଲ୍ କାର୍ଯ୍ୟକାରୀ ହେଲେ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ୪୮କୁ ବୃଦ୍ଧି ପାଇପାରନ୍ତା । ମହିଳାମାନେ ପରିବାର ଠାରୁ ଆରମ୍ଭ କରି ସମାଜ ଏବଂ ଦେଶର ବାସ୍ତବ ଶିଳ୍ପକାର । ରାଜନୈତିକ ସଶକ୍ତିକରଣର ଏକ ପ୍ରମୁଖ ମାଧ୍ୟମ ହେଉଛି ସଂସଦ,ବିଧାନସଭା ଆଦିରେ ଏମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବ । ତେଣୁ ତିନି ଦଶନ୍ଧି ଧରି ସଂସଦରେ ପଡି ରହିଥିବା ମହିଳା ସଂରକ୍ଷଣ ବିଲ କୁ କାର୍ଯ୍ୟକାରୀ କରି ମହିଳାମାନଙ୍କୁ ଅଧିକ ପ୍ରତିନିଧିତ୍ୱର ସୁଯୋଗ ଦେବାକୁ ସମସ୍ତ ରାଜନୈତିକ ଦଳ ସହମତ ହେବା ଉଚିତ ।



---



# ଶୀତରେ ସ୍ୱାସ୍ଥ୍ୟ



ଶୀତଦିନ ଏମିତିରେ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଅନୁକୂଳ । ମାତ୍ର ଆଜିକାଲି ଖାଦ୍ୟପାନୀୟ ଅଭ୍ୟାସରେ ପରିବର୍ତ୍ତନ ଯୋଗୁଁ ହୃଦ୍‌ଘାତ, ପକ୍ଷାଘାତ, ହୃତ୍‌ସ୍ପନ୍ଦନ ସମସ୍ୟା, ନିମୋନିଆ, ଫ୍ଲୁ ଆଦି ସମସ୍ୟା ଦେଖାଯାଉଛି ଏ ଋତୁରେ । ଏଥିସହ ବ୍ଲଡପ୍ରେସର ଓ ଡାଇବେଟିସ୍ ମଧ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଏସବୁ ସମସ୍ୟା ନହେବା ପାଇଁ କ'ଣ କରିବେ ଜାଣନ୍ତି କି ?





**ଶୀ**ତ ଆରମ୍ଭ ହୋଇଯାଇଛି । ପ୍ରତିଥର ପରି ଏଥର ବି ଶୀତ ଥଣ୍ଡା-କାଶ ନେଇଆସିଛି । ତେଣୁ ସବୁଠାରେ ଏବେ କାଶ-ଛିଙ୍କର ଶବ୍ଦ ଶୁଣାଯାଉଛି । ତେଣୁ ନିଜକୁ ଓ ପରିବାରଙ୍କୁ ସୁରକ୍ଷିତ ରଖିବା ଖୁବ୍ ଜରୁରୀ । ଅବଶ୍ୟ ଏଥିପାଇଁ ଡାକ୍ତରଙ୍କ ପାଖକୁ ଯିବା ଜରୁରୀ ନୁହେଁ । ଆପଣଙ୍କ ରୋଷେଇ ଘରେ ଥିବା ଅନେକ ଜିନିଷ ଆପଣଙ୍କୁ ଶୀତରେ ଉଷ୍ମତା ଦେବ, ସୁସ୍ଥ ରଖିବ ।

★ଖଣ୍ଡେ ଅଦା, ଏକ ଚାମଚ ଜୁଆଣି, ୩ଟା ଲବଙ୍ଗ, ଗୋଲମରିଚ, ମେଥି ଏକ ଚାମଚ, ତୁଳସୀ ଓ ପୋଦିନା ପତ୍ର ୧୦ଟି ଲେଖାଏଁକୁ ଭଲ ଭାବରେ ଫୁଟାଇ ଦିନରେ ଦୁଇଥର ପିଇଲେ ଆରାମ ମିଳେ ।

★କିସ୍‌ମିସ୍‌କୁ ପାଣିରେ ବାଟି ଏଥିରେ ଚିନି ମିଶାଇ ଫୁଟାନ୍ତୁ ଓ ଥଣ୍ଡା କରି ରଖନ୍ତୁ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଚାମୁଚେ ଲେଖାଏଁ ଖାଇଲେ ସର୍ଦ୍ଦି-କାଶରୁ ଆରାମ ମିଳିବ ।

★ଅଦାରସକୁ ପାଣିରେ ଫୁଟାଇ ଦିନରେ ତିନିଥର ଦୁଇ-ତିନି ଚାମଚ ଲେଖାଏଁ ପିଇଲେ ଥଣ୍ଡା ଛାଡିଯିବ ।

★ନାକ ବନ୍ଦ ଥିଲେ ଡାଳଚିନି, ଗୋଲମରିଚ, ଅଳେଇଚ ଓ ଜୀରା ସମାନ ପରିମାଣରେ ନେଇ ସୁତା କପଡ଼ାରେ ବାନ୍ଧି ବାରମ୍ବାର ଶୁଙ୍ଘନ୍ତୁ । ଏହା ଛିଙ୍କ କରାଇବ ଓ ଆପଣଙ୍କ ବନ୍ଦ ଥିବା ନାକ ଖୋଲିଯିବ ।

★୧୦ ଗ୍ରାମ ରସୁଣକୁ ଏକ କପ୍ ଦୁଧରେ ଅଧା ହେବା ପର୍ଯ୍ୟନ୍ତ ଫୁଟାନ୍ତୁ । ରାତିରେ ଶୋଇବା ପୂର୍ବରୁ କିମ୍ବା ପ୍ରାତଃ ଭୋଜନ ପୂର୍ବରୁ ପିଅନ୍ତୁ, ଥଣ୍ଡା କମ୍ ହେବ ।

★ଥଣ୍ଡା ଜ୍ୱର ଆଦିରେ ତୁଳସୀ ଖୁବ୍ ଉପଯୋଗୀ, ତେଣୁ ଦିନକୁ ୫-୭ଟି ତୁଳସୀ ପତ୍ର ଚୋବାଇ ଖାଆନ୍ତୁ କିମ୍ବା ତୁଳସୀ ପତ୍ରକୁ ଫୁଟାଇ ଗରମ ଗରମ ପିଅନ୍ତୁ, ଉଭୟେ ଲାଭକାରୀ ।

★ଗୋଲମରିଚରୁ ଧୂଆଁ ଶୁଙ୍ଘିଲେ ବନ୍ଦ ନାକ ଖୋଲିଯାଏ ।

★ଭେଣ୍ଡିକୁ ପାଣିରେ ଫୁଟାଇ ୫୦ମିଲି ଲେଖାଏଁ ଦିନରେ ତିନିଥର ନେଲେ ତଣ୍ଟି ଖିଚଖିଚ୍ ହେବା ଓ ଶୁଖିଲା କାଶରୁ ମୁକ୍ତି ମିଳେ ।

★ଖଜୁରିକୁ ଦୁଗ୍ଧରେ କିଛି ସମୟ ଫୁଟାଇ ପିଅନ୍ତୁ, ଥଣ୍ଡାରୁ ମୁକ୍ତି ମିଳିବ

★ଗ୍ଲାସେ ଗରମ ପାଣିରେ ଚିମୁଟାଏ ଲୁଣ ଓ ଖାଇବା ସୋଡା ମିଶାଇ ଦିନରେ ଦୁଇଥର ଗାର୍ଗଲିଂ କଲେ ଗଳାର ଯନ୍ତ୍ରଣା ଦୂର ହେବ ।

★ହଳଦୀ ଓ ଶୁଣ୍ଠିଚୁନା ପାଣିରେ ଗୋଳେଇ କପାଳରେ ଲଗାଇଲେ ଥଣ୍ଡା କମ୍ ହେବ ।

★ଗୋଟେ ଗ୍ଲାସ ଗରମ ପାଣିରେ ଫାଳେ ଲେମ୍ବୁରସ ସହ ଚାମଚେ ଲେମ୍ବୁ ମିଶାଇ ପିଇଲେ ଶରୀରର ପ୍ରତିରୋଧକ କ୍ଷମତା ବଢ଼ିବା ସହ ଥଣ୍ଡା କାଶ ଆଦି ହେବ ନାହିଁ ।

★ ଚାମଚେ ପିଆଜ ରସରେ ସମାନ ପରିମାଣର ମହୁ ମିଶାଇ ଦିନରେ ତିନିଥର ପିଅନ୍ତୁ ।

★ମହୁ ଓ ଅଦାରସ ସକାଳ ଓ ସନ୍ଧ୍ୟାରେ ଖାଇଲେ ଥଣ୍ଡାରୁ ରକ୍ଷା ମିଳେ ।

★ ଗରମ କ୍ଷୀରରେ ହଳଦୀ ମିଶାଇ ପିଇଲେ କଫ ବାହାରିଯାଏ ଓ ଥଣ୍ଡାରୁ ମୁକ୍ତି ମିଳେ ।

➢ ଶୀତଦିନେ ଖାଦ୍ୟରେ ଲୁଣ ପରିମାଣ କମ୍ କରନ୍ତୁ, ଲୁଣ ରକ୍ତଚାପ ବଢାଏ ।

➢ ସାଧାରଣତଃ ଶୀତଦିନେ ଲୋକେ ଘିଅ ଓ ମଇଦା ଖାଦ୍ୟ ଅଧିକ ଖାଆନ୍ତି ଯାହାକି ହୃଦ୍ ସମସ୍ୟା ବଢାଏ । ଏ ଅଭ୍ୟାସ ବଦଳାନ୍ତୁ ।

➢ ଶୀତଦିନେ ଧୂମପାନ ସବୁଠାରୁ ହାନିକାରକ । ଏ ଅଭ୍ୟାସ ଛାଡ଼ି ଦିଅନ୍ତୁ, ନହେଲେ କମ୍ କରିଦିଅନ୍ତୁ । ଧୂମପାନ ହୃତ୍‌ପିଣ୍ଡରେ ଥିବା 'ବ୍ଲକେଜ'କୁ ଅଚାନକ ଫଟେଇ ଦେଇପାରେ । ଏହା ହୃଦ୍‌ଘାତ ବା କାର୍ଡିଆକ୍ ଡେଥ୍‌ର କାରଣ ହୋଇପାରେ ।

➢ ଶୀତଦିନେ ଆଲ୍‌କୋହଲ ଉପରେ ନିୟନ୍ତ୍ରଣ ରଖନ୍ତୁ । ଘଣ୍ଟାରେ ଦୁଇ ପେଗ୍ ଏବଂ ଦିନରେ ୬ ପେଗ୍‌ରୁ ଅଧିକ ଆଲ୍‌କୋହଲ ବିପଜ୍ଜନକ ହୋଇପାରେ ।

➢ ହୃଦ୍‌ରୋଗୀମାନେ ଶୀତଦିନେ ହୃଦ୍ ବିଶେଷଜ୍ଞଙ୍କ ପରାମର୍ଶ ବିନା କାମୋଦ୍ଦୀପକ ଔଷଧ ଖାଇବା ଅନୁଚିତ ।

➢ ଅଧିକ ମାତ୍ରାରେ ଚା' ଓ କଫି ମଧ୍ୟ ଏଡାଇବା ଉଚିତ ଏ ଦିନରେ । କାରଣ ଏହା ହୃଦ୍‌ସ୍ପନ୍ଦନ ଓ ରକ୍ତଚାପ ବଢାଇଥାଏ ।

➢ ଯେଉଁମାନଙ୍କର ରକ୍ତଚାପ ଖରାଦିନ ତୁଳନାରେ ଶୀତଦିନରେ ବଢିଯାଏ ସେମାନେ ଶୀତଦିନେ ଔଷଧ ବଦଳାଇବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରିପାରନ୍ତି ।

➢ ରାତିରେ ପାର୍ଟିରେ ଅଧିକ ଖାଇବା ଓ ଖାଇବା ପରେ ଡ୍ୟାନ୍ସ କରିବାକୁ ଏଡାନ୍ତୁ, ଏହା ହୃଦ୍‌ଘାତର କାରଣ ହୋଇପାରେ ।

➢ ହୃଦ୍ ସମସ୍ୟା ଥିଲେ ନିୟମିତ ଭାବରେ ଚାଲନ୍ତୁ ।

➢ ଆପଣ ଥଣ୍ଡାରୋଗୀ ହୋଇଥିଲେ ୬୫ ବର୍ଷ ପର୍ଯ୍ୟନ୍ତ ପ୍ରତି ପାଞ୍ଚବର୍ଷରେ ଥରେ ନିମୋନିଆ ଟିକା ନିଅନ୍ତୁ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ନଭେମ୍ବର ୨୦୨୫ । ଶୁକ୍ରବାର


## ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ବୃଦ୍ଧା

**ଜଳେଶ୍ୱର,୨୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ବ୍ଲକ,ରାଇବଣିଆ ଅଞ୍ଚଳର କାଳିକ ପଞ୍ଚାୟତର ୩ନଂ ୱାର୍ଡର ଉପରତୋଟ ଗାଁର ଶ୍ୟାମ ମାରାଣ୍ଡିଙ୍କ ଧର୍ମପତ୍ନୀ କାପୁରା ମାରାଣ୍ଡି (୭୩) ବୟସ ହୋଇ ଥିଲେ ମଧ ବାର୍ଦ୍ଧକ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ବିଧାନସଭା ଲିଷ୍ଟରେ କାପୁରାଙ୍କ ବୟସ କମ ଥିବାରୁ ଭତ୍ତା ପାଇବାରୁ ସେ ବଞ୍ଚିତ ହୋଇ ଦୁଃଖ ଦୁର୍ଦ୍ଦଶାରେ କାଳାତିପାତ କରୁଛି। ୧୦ ବର୍ଷ ଧରି ଦାୟିତ୍ୱରେ ଥିବା ଶିକ୍ଷକଙ୍କୁ ସଂଶୋଧନ କରିବାକୁ ନିବେଦନ କରି ପରିବାର ଲୋକ ନିରାଶ ହୋଇଛନ୍ତି। ଏପଟେ କାପୁରାଙ୍କ ସାନ ଭଉଣୀ ସେହି ଗ୍ରାମର ବିବାହ କରିଥିବା ବେଳେ ବାର୍ଦ୍ଧକ୍ୟ ଭତ୍ତା ସହାୟତା ପାଉଛନ୍ତି। ସେପଟେ କାପୁରା ଦୀର୍ଘ ପାଞ୍ଚ ବର୍ଷ ହେବ ଅଜଣା ରୋଗରେ ଶଯ୍ୟାଶାୟୀ ହୋଇ ଜୀବନ ଦୁର୍ବିସହ ହୋଇ ପଡ଼ିଛି। ସେମାନେ ଅତି ଗରିବ ହୋଇ ଥିବାରୁ କାପୁରାଙ୍କୁ ଚିକିତ୍ସା କରିବା ଘୋର ବାଧା ସାଜିଛି। ଯଥା ଶୀଘ୍ର କାପୁରାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ସହ ହ୍ୟୁଲ ଚେୟାର ଯୋଗାଇ ଦେବାକୁ ସାଧାରଣରେ ନିବେଦନ କରାଯାଇଛି।

## ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ମେଳା

**ରାଜନଗର,୨୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ଉଚ୍ଚବିଦ୍ୟାଳୟ ପରିସରରେ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟକର ଖାଦ୍ୟ ମେଳାରେ ମୁଖ୍ୟଅତିଥି ଭାବେ ରାଜନଗର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଶିବ ପ୍ରସାଦ ବେହେରା ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ କ୍ଷିରୋଦ କୁମାର ମଲ୍ଲିକ, ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳ ଯୋଗଦେଇ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରଦର୍ଶନୀର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀମାନେ ଘରୁ ପ୍ରସ୍ତୁତ କରି ଆଣିଥିବା ବିଭିନ୍ନ ଖାଦ୍ୟର ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଜ୍ଞାନରଞ୍ଜନ ଛାଟୋଇ, ବରିଷ୍ଠ ଶିକ୍ଷକ ଅମୂଲ୍ୟ କୁମାର ଦାସ, ପର୍ଯ୍ୟଟନ ଶିକ୍ଷକ ପ୍ରକାଶ ସେଠୀ ଆୟୋଜକ ଭାବେ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ସ୍ୱାସ୍ଥ୍ୟକର ଖାଦ୍ୟ ମେଳାକୁ ସଫଳ କରିବାରେ ସହଯୋଗ କରିଥିଲେ।

## ପ୍ରଜ୍ଞା ଯୋଗ ଏବଂ ସ୍ୱାସ୍ଥ୍ୟ ପ୍ରବନ୍ଧନ

**କେନ୍ଦ୍ରାପଡା,୨୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ବାରିମୁଳ ସ୍ଥିତ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଜ୍ଞା ଯୋଗ ଏବଂ ସ୍ୱାସ୍ଥ୍ୟ ପ୍ରବନ୍ଧନ ଶିବିର ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଓଡିଶା ଯୋଗା ଶୃଜେତା ମହୋତ୍ସବ ସମିତିର ନିର୍ଦ୍ଦେଶନାରେ ଏବଂ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର, ଶାନ୍ତିକୁଞ୍ଜ, ହରିଦ୍ୱାରଙ୍କ ମାର୍ଗଦର୍ଶନାରେ ଆୟୋଜିତ କରାଯାଇଥିଲା । ଏହି ଶିବିରରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଉତ୍ସାହର ସହ ଯୋଗାସନ କରିଥିଲେ। ସେଥିରେ ମୂଳ ଯୋଗାଭ୍ୟାସ, ଶ୍ୱାସପ୍ରଶ୍ୱାସ ପ୍ରକ୍ରିୟା ଏବଂ ସମଗ୍ର ମାନସିକ ଶାରୀରିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ଅଭ୍ୟାସରେ ଗୁରୁତ୍ୱ ଦିଆଯାଇଥିଲା। ସରବରାହକ ବ୍ୟକ୍ତିମାନେ ଯୋଗର ଗୁରୁତ୍ୱ ଶାରୀରିକ ଫିଟନେସ୍, ମାନସିକ ସାନ୍ତ୍ୱନା ଏବଂ ଭାବନାତ୍ମକ ସମତୋଳନ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଶିବିରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୁସ୍ଥ ଜୀବନଶୈଳୀ ପ୍ରତି ସଚେତନତା ସୃଷ୍ଟି କରିଥିଲା। ଶେଷରେ ସେମାନେ ଦିନକର ଜୀବନରେ ଯୋଗ ଓ ସକାରାତ୍ମକ ଜୀବନଶୈଳୀକୁ ଅନୁଶୀଳନ କରିବା ପାଇଁ ଏକ ସଙ୍କଳ୍ପ ଗ୍ରହଣ କରି ବୃତ୍ତିଦେଲେ।

## ଶିଶୁ ଶ୍ରମ ପ୍ରଥାର ବିଲୋପ ପାଇଁ କର୍ମଶାଳା

**କେନ୍ଦ୍ରାପଡା,୨୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁ ଶ୍ରମ ପ୍ରଥାର ବିଲୋପ ପାଇଁ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଭାରତ ଅନୁଷ୍ଠାନଠାରେ ଅନୁଷ୍ଠିତ ହୋଇଯାଇଛି। ଜୟ ଭାରତୀ ସାଥି ସମାଜର ସଂପାଦକ ନିରଂଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ କ୍ୟାମ୍ପେନ ଏଗେନଷ୍ଟେ ଚାଇଲ୍ଡ ଲେବରର ଆବାହକ ନକୁଳ ଚନ୍ଦ୍ର ସ୍ୱାଇଁ ଓ ଭାରତର ନିର୍ଦ୍ଦେଶକ ଉଦୟନାଥ ବେହେରା ଯୋଗଦାନ କରି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଶିଶୁ ଶମର ବିଲୋପ ପାଇଁ ଆଗାମୀ କାର୍ଯ୍ୟାବଳୀ, ଜିଲ୍ଲାସ୍ତରୀୟ ଟ୍ୟାକ୍ସଫୋର୍ସ ଗଠନ, ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଅଭିଯାନରେ ସାମିଲ କରିବା ଓ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ନେଇ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ସେୟାରର ମୁଖ୍ୟ କିଶୋର କୁମାର ସ୍ୱାଇଁ, ପଲ୍ଲୀଶ୍ରୀ ମହିଳା ସମିତିର ସିଇଓ ଶ୍ରୀକାନ୍ତ ନାୟକ, କାଡ଼ର ସଂପାଦକ ଶରତ କୁମାର ରାଉତ,ଆରକେୱାଇପିର ସଂପାଦକ ସୁଶାନ୍ତ କୁମାର ଦାସ, ଶାନ୍ତି ମୈତ୍ରୀର ସଂଯୋଜକ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାରେ ଶିଶୁ ଶ୍ରମ ପ୍ରଥା ବିଲୋପ ଅଭିଯାନର ଆବାହକ ଭାବେ ଉଦୟ ନାଥ ବେହେରା, ସହ ଆବାହକ ଭାବେ କିଶୋର କୁମାର ସ୍ୱାଇଁ ଓ ପରାମର୍ଶଦାତା ଭାବେ ଶ୍ରୀକାନ୍ତ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଶେଷରେ ନଟବର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସୂର୍ଯ୍ୟ ମନ୍ଦିର ବୁଲିଲେ କେନ୍ଦ୍ର ଇସ୍ପାତମନ୍ତ୍ରୀ

**କୋଣାର୍କ,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ଗୁରୁବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟ ମନ୍ଦିରରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାର ସ୍ୱାମୀ ପରିଦର୍ଶନ କରିଥିବା ଜଣାପଡିଛି। କୋଣାର୍କ ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ବୁଲି ଦେଖିବା ସହ ଉଚ୍ଚପ୍ରଶଂସା କରିଥିଲେ। ସୂଚନା ଅନୁଯାୟୀ ଗୁରୁବାର ପୂର୍ବାହ୍ନରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍‌ଡି କୁମାର ସ୍ୱାମୀ ତାଙ୍କ ପତ୍ନୀଙ୍କ ସହ କୋଣାର୍କ ମନ୍ଦିର ବୁଲି ଦେଖିଥିଲେ। ସ୍ୱୀକୃତି ପ୍ରାପ୍ତ ଗାଇଡ ବିସେଶ୍ୱର ଦାଶ ତାଙ୍କୁ ସୂର୍ଯ୍ୟମନ୍ଦିର ସମ୍ପର୍କରେ ସବୁକିଛି ବୁଝାଇଥିଲେ। ମନ୍ତ୍ରୀ ଓଡ଼ିଶାର କଳା, ସ୍ଥାପତ୍ୟ ଓ ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ ବ୍ଲାକ ପୋଗୋଡ଼ାକୁ ବୁଲି ଦେଖିଥିଲେ। ପରିଶେଷରେ ବ୍ୟାଖ୍ୟାନ କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରମନ୍ତ୍ରୀ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପୋଲିସ ପ୍ରଶାସନ ପକ୍ଷରୁ ମନ୍ତ୍ରୀଙ୍କ ଗସ୍ତ ସମୟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର କିସ୍ତି ପ୍ରଦାନ



**ସାକ୍ଷୀଗୋପାଳ,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ସତ୍ୟବାଦୀ କୃଷି ବିଜ୍ଞାନ କେନ୍ଦ୍ର ଠାରେ ପ୍ରଧାନମନ୍ତ୍ରୀ ପିଏମ୍ କିଷାନ ସମ୍ମାନ ନିଧି ଯୋଜନାର ତାମିଲନାଡୁ କୋଏମ୍ବଟୁରରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍ କିଷାନର ୨୧ତମ କିସ୍ତି ଲୋକାର୍ପଣ ଉପଲକ୍ଷେ ତାହାର ସିଧା ପ୍ରସାରଣ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସାଂସଦ ସମ୍ବିତ ପାତ୍ର କହିଛନ୍ତି, ଏତଦ୍ୱାରା କୃଷକ କଲ୍ୟାଣକାରୀ ଯୋଜନା ରୂପେ ସମସ୍ତ, ଯୋଗ୍ୟ କୃଷକମାନଙ୍କୁ ସହାୟତା, ସିଧାସଳଖ, ବ୍ୟାଙ୍କ୍ ଖାତାକୁ ପ୍ରଦାନ କରାଯାଇଛି। ପୁରୀ ଜିଲ୍ଲାରେ,୧,୫୮,୩୪୯ ଉର୍ଦ୍ଧ୍ୱ କୃଷକ ଉପକୃତ ହୋଇଛନ୍ତି। ମୁଖ୍ୟବକ୍ତା, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଏହି ସହାୟତା ପ୍ରଦାନ ଦ୍ୱାରା କୃଷକ ଭାଇ ଓ ଭଉଣୀ ତଥା କୃଷି ପରିବାର, ଗୁଡିକ ଅର୍ଥର ବିନିଯୋଗ କରି, ଅଧିକ ଫସଲ ଅମଳ ଓ ଉତ୍ତମ ପାରିଶ୍ରମିକ ହାସଲ କରି ମନୋବଳ, ସୁଦୃଢ଼ କରିବା, ସହିତ, ଆର୍ଥିକ ସ୍ୱଚ୍ଛତା ଲାଭ କରିବେ। ପୁରୀ ଜିଲ୍ଲାର ୧୧ଟି ବ୍ଲକର ଯୋଗ୍ୟା ହିତାଧିକାରୀମାନେ ସହାୟତା ରାଶି ପ୍ରଦାନ ଦ୍ୱାରା କୃଷକମାନେ ବିଶେଷ ଉପକୃତ ହୋଇଛନ୍ତି। ସ୍ୱାଗତ ଭାଷଣ ପୁରୀ ଜିଲ୍ଲା କୃଷି ଅଧିକାରୀ ସତ୍ୟନାରାୟଣ କର, ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନାର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏକ କୃଷକ କଲ୍ୟାଣକାରୀ, ଭାବେ ବିନିଯୋଗ ଦ୍ୱାରା ସମସ୍ତେ କୃଷକମାନଙ୍କୁ ମୁଖ୍ୟ ସ୍ରୋତରେ ମିଶାଇବାର ଲକ୍ଷ ରଖିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ, ସଫଳ ଯୋଜନା ହୋଇ ପାରିଛି। ଫେବୃଆରୀ ୨୦୧୯, ଠାରୁ କାର୍ଯ୍ୟକାରୀ ହୋଇପାରିଛି। ବର୍ଷକୁ ୩ ଥର,୨୦୦୦ କରି, ସହାୟତା ରାଶି ପ୍ରଦାନ କରାଯାଇ ଆସୁଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ା ସୂର୍ଯ୍ୟ ନାରାୟଣ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର, କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ସତ୍ୟବାଦୀ ବ୍ଲକ ବିଡ଼ିଓ ଦେବାଶିଷ ନାୟକ, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁ ପ୍ରିୟା ବରାଳ, କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟ ବିଭାଗର ବୈଜ୍ଞାନିକ ଉପସ୍ଥିତି ରହି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ, ସାହାଯ୍ୟ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ ଯଥା, ରାଜେଶ କୁମାର ମହାପାତ୍ର, ଗୋପାଳ କୃଷ୍ଣ ଓଝା, ଶୁଭମ୍ ସାଗର ନାୟକ, ବିଭୁ ପ୍ରସାଦ ଦାଶ, ଏହି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ନିଖିଳ ଭାରତ ସମବାୟ ସପ୍ତାହ




**ଯାଜପୁର,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୁଧବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ୭୨ତମ ଅଖିଳ ଭାରତ ସମବାୟ ସପ୍ତାହ ଗୌତମ ବୁଦ୍ଧ ସଂସ୍କୃତି ଭବନ ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ କହିଲେ ସମବାୟ ହେଉଛି ଗ୍ରାମ ଅର୍ଥନୀତିର ମୂଳ ଭିତ୍ତି, ଯାହା ମାଧ୍ୟମରେ ଚାଷୀ, ମହିଳା ଗୋଷ୍ଠୀ, ଉଦ୍ୟୋଗୀ ଏବଂ ଛୋଟ ଉତ୍ପାଦକମାନେ ସୁଦୃଢ଼ ଭାବେ ଆଗେଇଯାଇପାରନ୍ତି। ସେ କହିଥିଲେ ଯେ ଜିଲ୍ଲା ପ୍ରଶାସନ ସହକାରୀ ସଂଘମାନଙ୍କ ଶକ୍ତିକରଣ ପାଇଁ ନିରନ୍ତର ଭାବରେ ସହଯୋଗ କରି ଆସୁଛି। ଅର୍ଥନୀତି ସୁଦୃଢ଼ୀକରଣରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି। କୃଷକମାନଙ୍କୁ ବିବିଧ ସରକାରୀ ଯୋଜନାରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଉକ୍ତ ଦିବସରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁସୂଦନ ଇନଷ୍ଟିଚ୍ୟୁଟ ଅଫ କୋପରେଟିଭ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଦିଲୀପ କୁମାର ଦାସ କହିଲେ ସମବାୟ ଆନ୍ଦୋଳନ ଆମ ଦେଶରେ କେବଳ ଅର୍ଥନୈତିକ ଶକ୍ତିକୁ ବଳଶାଳୀ କରୁନି, ବରଂ ଗ୍ରାମୀଣ ଅର୍ଥନୀତିକୁ ସଚଳ କରିବାରେ, ଛୋଟ ଚାଷୀ, ଶ୍ରମିକ ଓ ମହିଳାମାନଙ୍କ ଆତ୍ମନିର୍ଭରତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସମବାୟୀ ସଂଗଠନମାନେ ଯେପରି ସମୟ ସାପେକ୍ଷ ହୋଇ ପରିବର୍ତ୍ତନକୁ ସ୍ୱୀକାର କରୁଛନ୍ତି, ପ୍ରଶାସନୀୟ କାର୍ଯ୍ୟରେ ପାରଦର୍ଶିତା ଆଣୁଛନ୍ତି, ସଦସ୍ୟମାନଙ୍କ ଭଲପାଇଁ ଯାହା କରୁଛନ୍ତି, ସେସବୁ ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ। ଆଜିର ଏହି ସମୟରେ ସମବାୟ ହେଉଛି ଜନସାଧାରଣଙ୍କ ଅର୍ଥନୈତିକ ମୁକ୍ତି ଓ ସମାଜିକ ନ୍ୟାୟର ଏକ ପ୍ରମୁଖ ଅସ୍ତ୍ର। ସମବାୟର ମୂଳ ଅର୍ଥ ହେଉଛି ସହଯୋଗ। ଯଦି ସମବାୟରେ ପାରଦର୍ଶିତା, ଦୃଢ଼ ପ୍ରଶାସନ ଓ ସଦସ୍ୟମାନଙ୍କ ସକ୍ରିୟ ଅଂଶଗ୍ରହଣ ବଢ଼ିବ, ତେବେ ଏହା ଆମ ଜିଲ୍ଲାର ଅର୍ଥନୈତିକ ସମୃଦ୍ଧିର ଭିତ୍ତିସ୍ତମ୍ଭ ହୋଇପାରିବ। ଆଜିର ଏହି ଦିବସରେ ଜିଲ୍ଲା ଉପ ନିବନ୍ଧକ ସମବାୟ ସମିତି ସମୂହ, ଅମୂଲ୍ୟ କୁମାର ସେଠୀ ସଭାପତିତ୍ୱ କରିଥିଲେ। ଉକ୍ତ ଦିବସରେ ସମ୍ମାନିତ ଅତିଥି ଭାବେ କଟକ ସେଣ୍ଟ୍ରାଲ କୋପରେଟିଭ ବ୍ୟାଙ୍କ୍‌ର ପରିଚାଳକ ଦୁଶାସନ ସାହୁ, କେଶବ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ସାହୁ ଏବଂ ଅବସର ପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ସମବାୟ ସମିତିର ପରିଚାଳକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ରାଜ୍ୟସ୍ତରୀୟ ସମବାୟ ଜନସଚେତନତା



**କଟକ,୨୦।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସମବାୟ ସୁରକ୍ଷା ସଂଘର ମୁଖପତ୍ର ପାକ୍ଷୀକ ସମ୍ବାଦପତ୍ର ସମବାୟିକାର ୧୯ତମ ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ୨୦ତମ ରାଜ୍ୟସ୍ତରୀୟ ସମବାୟ ଜନସଚେତନତା ସମାରୋହ ଓ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଉଦଘାଟକ ଭାବେ ସମାଜର ପୂର୍ବତନ ସମ୍ପାଦକ ତଥା ଲୋକସେବକ ମଣ୍ଡଳ ଦିଲ୍ଲୀର ଉପାଧ୍ୟକ୍ଷ ଡ଼ଃ ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ଉଦଘାଟନ କରିଥିବା ବେଳେ ମୁଖ୍ୟଅତିଥି ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ସମ୍ମାନିତ ଅତିଥି ରାଜ୍ୟ ସମବାୟ ସମିତି ସମୂହର ଯୁଗ୍ମ ନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି, କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ୱତିରଂଜନ ଦେଓ, ସମବାୟ ସମିତି ସମୂହ କଟକ ମଣ୍ଡଳର ଉପ ନିବନ୍ଧକ ସୁପ୍ରିୟା ସ୍ୱାଇଁ, ବାଲେଶ୍ୱର କୋ-ଅପରେଟିଭ ଅର୍ବାନ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବଟିକୁ ଉଦଘାଟନ କରିଥିଲେ। ସଭା କାର୍ଯ୍ୟକୁ ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ପାଢୀ ପରିଚାଳନା କରିଥିବା ବେଳେ ରମାକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡିଶା ସମବାୟ ସୁରକ୍ଷା ସଂଘର ପାକ୍ଷିକ ସମ୍ବାଦ ପତ୍ରର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। କଟକ ସହର, ସଦର, ବାଙ୍କି, ଆଠଗଡ, କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର, ଢେଙ୍କାନାଳ ଓ ବାଲେଶ୍ୱର ଜିଲ୍ଲାରୁ ସମବାୟ ଆନ୍ଦୋଳନରେ ଅଣୁପ୍ରାଣିତ ହୋଇ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ପ୍ରତିଭାଧାରୀ ଓ ଅନୁଷ୍ଠାନକୁ ସମବାୟ ସୁରକ୍ଷା ସମ୍ମାନ, ଆଦର୍ଶ ସମ୍ମାନ, ସହଯୋଗୀ ସମ୍ମାନ, ପ୍ରତିଭା ସମ୍ମାନ, ସେବା ସମ୍ମାନ, କଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଓଡିଶାର ଅର୍ଥନୈତିକ ବିକାଶରେ ସମବାୟ ଆନ୍ଦୋଳନ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାର୍ଥୀ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସତ୍ୟବ୍ରତ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରୋଚକ ପରିସ୍ଥିତିରେ ନିମାପଡା ରାଜନୀତି

**ଗୋପ,୨୦।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ବହୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀଟି ହେଉଛି ନିମାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ। ଏହା ତ ୪୬ଟି ପଞ୍ଚାୟତ ଓ ଗୋଟିଏ ବିଜ୍ଞାପିତ ପରିଷଦ ଅଞ୍ଚଳକୁ ନେଇ ଗଠିତ। ଉକ୍ତ ନିର୍ବାଚନ ମଣ୍ଡଳୀର ପ୍ରମୁଖ ବ୍ଲକଟି ହେଉଛି ଗୋପ ବ୍ଲକ ଏହାର ପଞ୍ଚାୟତର ସଂଖ୍ୟା ହେଲା ୩୧ ସେଥିମଧ୍ୟରୁ ୧୪ଟି ପଞ୍ଚାୟତ ଗୋପ ବ୍ଲକରେ ରହିଛି। ଉକ୍ତ ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ଦୁଇଟି ନେତୃତ୍ୱଙ୍କ ଦ୍ୱାରା ପରିଚାଳିତ ହେଉଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସମୀର ରଞ୍ଜନ ଦାଶ ଓ ପ୍ରଭାତୀ ପରିଡା ପରସ୍ପର ବିରୋଧି ଭୂମିକାରେ ନିଜ ନିଜ କ୍ଷେତ୍ରରେ ବେସ ପ୍ରସିଦ୍ଧି ଲାଭ କରିଛନ୍ତି। ସବୁଠୁ ବଡ଼ ରୋଚକ ପରିସ୍ଥିତି ଦେଖିବାକୁ ମିଳିଥିଲା ବୁଧବାର ଗୋଟିଏ ବ୍ଲକରେ ଦୁଇଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାହାକୁ ନେଇ ବର୍ତ୍ତମାନ ବେଶ ସରଗରମ ପାଲଟିଛି ନିମାପଡା ନିର୍ବାଚନ ମଣ୍ଡଳୀର ଗୋପ ବ୍ଲକ ରାଜନୀତି। ଯଦିଓ ପାଗଟି ଶୀତୁଆ ଅନୁଭବ ହେଉଛି ସତ କିନ୍ତୁ ଦୁଇଟି କାର୍ଯ୍ୟକ୍ରମକୁ ଦେଖି ସାମାନ୍ୟ ଉଷ୍ଣତା ଅନୁଭବ ମଧ୍ୟ ଲାଗୁଚି। ଘଟଣା ହେଲା ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ବେଦପୁର ପଞ୍ଚାୟତର ବଳରାମ ଗାଦି ପୀଠରେ ବେଦପୁର ପଞ୍ଚାୟତର ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଆୟୋଜନ ହୋଇଥିଲା। ଆଗାମୀ ଦିନରେ ସଂଗଠନକୁ କିପରି ଆହୁରି କ୍ରିୟାଶୀଳ କରାଯିବ ସେଥିପାଇଁ ଗୁରୁମନ୍ତ୍ର ଦେଉଥିଲେ ଶ୍ରୀଯୁକ୍ତ ଦାଶ। ଅପର ପକ୍ଷରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ପୂର୍ବନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାଇ ଏକାଧିକ ପ୍ରକଳ୍ପର ଶିଳାନ୍ୟାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଯଦିଓ ଉଭୟ ନେତା ଓ ନେତ୍ରୀ ଶାସକ ଦଳର ସକ୍ରିୟ ଓ ପ୍ରତିଷ୍ଠିତ ନେତୃତ୍ୱ ଭୂମିକା ଗ୍ରହଣ କରୁଛନ୍ତି ସତ କିନ୍ତୁ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଶୁଣିବାକୁ ମିଳୁଛି।


**AFFIDAVIT**

By Virtue of an affidavit sworn before Executive Magistrate, Kendrapara, on Dt. 30.10.2025. I, Karunakar Sahoo Aged 53, S/o- Pitambar Sahoo, Resident of Village-Baburampatana, Po-Kusiapal, PS-Kendrapara Sadar, Dist- Kendrapara, affirm that: My real name is Karunakar Sahoo as mentioned in my Resident Certificate Vide mise case No E-RES/2025/2449452 & also Uco Bank Pass Book. But in my Aadhaar Card Vide Sl No 3010 5686 5627 my name has been wrongly mentioned as Sahoo Karunakar and address PL-17, Vijayanagar-2, Udana, Budia, Surat, Gujurat instead of my correct name Karunakar Sahoo. In fact Karunakar Sahoo and Sahoo Karunakar is one and same person in the said village Baburampatana. This affidavit has to be produced before the concerned authority for all purpose.

Sd/-
Karunakar Sahoo

**AFFIDAVIT**

By virtue of affidavit sworn before Executive Magistrate, Rajnagar, vide affidavit No-5878 dt.17-11-2025, I Shakuntala Swain, W/O-Nityananda Swain, Vill.-Manapara, P.O.Kurunti, P.S-Rajnagar, Dist-Kendrapara, State - Odisha, PIN-754225, declare that, I have changed my name from Shankutala Swain to Shakuntala Swain . Henceforth, I shall be known as Shakuntala Swain for all purposes.

S/d-
Shakuntala Swain.

**NORTH EASTERN DEVELOPMENT FINANCE CORPORATION LTD**
NEDFi House, G.S. Road, Dispur, Guwahati – 781006, Ph: 91 361 222 22 00, Fax: +91 361 223 77 33 / 223 77 34

**NOTICE FOR INVOCATION OF PERSONAL GUARANTEE**
Under rule 7(1) of the Insolvency and Bankruptcy (Application to Adjudication Authority for Insolvency Resolution Process of Personal Guarantors to Corporate Debtors) Rules, 2019]

**To,** **Date: 13.11.2025**

**SRI BASUDEV NAYAK, Personal Guarantor to NAYAK INFRASTRUCTURE PRIVATE LIMITED**
(Son of Late Dinabandhu Nayak) Maitrivihar, Chandrashekharpur, Bhubaneswar, Orissa-751023

| Alternative Address | Alternative Address |
|---|---|
| **SRI BASUDEV NAYAK** Ntrust Giri Nivas, Kharghuli, Guwahati-781004, District-Kamrup(Metro), Assam. | **SRI BASUDEV NAYAK**, Unit 3B, MD Shah Road, Paltan Bazaar, Guwahati, Assam Pin: 781008. |

**Subject: Notice of Invocation of Personal Guarantee.**
Dear Sir/Madam,
This notice is to formally inform you that as a personal guarantor for the loan facilities provided by NORTH EASTERN DEVELOPMENT FINANCE CORPORATION LIMITED (NEDFi), NEDFi House, Dispur, G.S. Road, Guwahati-781006, District-Kamrup (M), Assam to **M/S Nayak Infrastructure Private Limited,** we are hereby invoking the personal guarantees you executed on 09.10.2014 as per terms and conditions of the said Guarantee Agreements.

We have not received the outstanding amount from the Principal/Corporate Debtor, **M/S Nayak Infrastructure Private Limited,** despite our efforts. Therefore, under the terms of the guarantee agreement, we are demanding full payment from you for the outstanding debt.

**Details of the debt: Total debt as on 13.11.2025 in WCTL-I stands at Rs.4,28,00,236/- (Rupees Four Crores Twenty-Eight Lakhs Two Hundred and Thirty Six only) with interest (Principal: Rs.1,05,56,676/- and Interest: Rs.3,22,43,560/-).**

Original loan/facility details: The Corporate/ Principal Debtor had availed a WCTL (Working Capital Term Loan) of Rs. 500.00 Lakhs vide Sanction Letter dated 11.09.2014.

**Date of default: 29.02.2020 (classified as NPA)**

**Amount of default: Rs.1,46,86,690/- (Rupees One Crore Forty-Six Lakhs Eighty-Six Thousand Six Hundred and Ninety only).**

Original guarantee agreement: Guarantee Agreement dated 09.10.2014 for Rs. 500.00 Lakhs.

We require full payment of the outstanding amount of **Rs.4,28,00,236/- (Rupees Four Crores Twenty-Eight Lakhs Two Hundred and Thirty Six only) as on 13/11/2025** within 7 (Seven) days from the date of this notice. Please remit the payment to the following account: **Name: North Eastern Development Finance Corporation Limited**
**Bank: State Bank of India Branch: GMC Branch, Guwahati, Account no.: 10055610554, IFSC: SBIN0007700 with further interest, cost and charges.**

Failure to adhere to the terms and conditions of the above mentioned Guarantee Agreements and to make the payment within the stipulated time will result in further legal action being taken against you to recover the amount due, which may include the initiation of insolvency proceedings under the Insolvency and Bankruptcy Code, 2016.

**You may contact SHRI SATYAJIT NATH, Assistant General Manager (Legal), Stressed Assets Management Department, NEDFi] at 98540 28205 and or in his Email address: satyajit@nedfi.com for any clarifications or to discuss payment arrangement.**

**S/d- Asst. General Manager (Legal)**
**Stress Asset management Department (SAMD)**

**NORTH EASTERN DEVELOPMENT FINANCE CORPORATION LTD**
NEDFi House, G.S. Road, Dispur, Guwahati – 781006, Ph: 91 361 222 22 00, Fax: +91 361 223 77 33 / 223 77 34

**NOTICE FOR INVOCATION OF PERSONAL GUARANTEE**
Under rule 7(1) of the Insolvency and Bankruptcy (Application to Adjudication Authority for Insolvency Resolution Process of Personal Guarantors to Corporate Debtors) Rules, 2019]

**To,** **Date: 13.11.2025**

| | |
|---|---|
| **SRI ANANTA CHARAN NAYAK** **Personal Guarantor to NAYAK INFRASTRUCTURE PRIVATE LIMITED**, (Son of Sri Basudev Nayak) Swarupananda Road, Lumding, District: Hojai, Assam-782447. | **Alternative Address** **SRI ANANTA CHARAN NAYAK** Ntrust Giri Nivas, Kharghuli, Guwahati-781004, District-Kamrup(Metro), Assam. |
| **Alternative Address** **SRI ANANTA CHARAN NAYAK**, C/o M/s Shivanya, Construction, House No.91, Ramsa Hills, Kharghuli, Guwahati-781004, District-Kamrup(Metro), Assam | **SMT RENU DEVI NAYAK** **Personal Guarantor to NAYAK INFRASTRUCTURE PRIVATE LIMITED**, (Wife of Sri Ananta Charan Nayak), Swarupananda Road, Lumding, District: Nagaon, Assam-782447. |
| **Alternative Address** **SMT RENU DEVI NAYAK**, Ntrust Giri Nivas, Kharghuli, Guwahati-781004, District-Kamrup(Metro), Assam. | **Alternative Address** **SMT RENU DEVI NAYAK**, C/o M/s Shivanya Construction, House No.91, Ramsa Hills, Kharghuli, Guwahati-781004, District-Kamrup (Metro), Assam. |

**Subject: Notice of Invocation of Personal Guarantee.**
Dear Sir/Madam,
This notice is to formally inform you that as a personal guarantor for the loan facilities provided by NORTH EASTERN DEVELOPMENT FINANCE CORPORATION LIMITED (NEDFi), NEDFi House, Dispur, G.S. Road, Guwahati-781006, District-Kamrup (M), Assam to **M/S Nayak Infrastructure Private Limited,** we are hereby invoking the personal guarantees you executed on 09.10.2014 and 30.03.2017 as per terms and conditions of the said Guarantee Agreements.

We have not received the outstanding amount from the Principal/Corporate Debtor, **M/S Nayak Infrastructure Private Limited,** despite our efforts. Therefore, under the terms of the guarantee agreement, we are demanding full payment from you for the outstanding debt.

**Details of the debt: Total debt as on 13.11.2025 in WCTL-I and WCTL-II stands at Rs.16,23,62,287/- (Rupees Sixteen Crores Twenty-Three Lakhs Sixty Two Thousand Two Hundred and Eighty Seven only) with interest (Principal: Rs.6,09,93,215/- and Interest: Rs.10,13,69,072/-).**

Original loan/facility details: The Corporate/ Principal Debtor had availed a WCTL (Working Capital Term Loan) of Rs. 500.00 Lakhs vide Sanction Letter dated 11.09.2014 and also another WCTL (Working Capital Term Loan) of Rs. 600.00 Lakhs vide Sanction Letter dated 28.03.2017.

**Date of default: 29.02.2020 (classified as NPA)**

**Amount of default: Rs.7,85,33,566/- (Rupees Seven Crores Eighty-Five Lakhs Thirty Three Thousand Five Hundred and Sixty Six only)**

Original guarantee agreement: Guarantee Agreement dated 09.10.2014 for Rs. 500.00 Lakhs and Guarantee Agreement dated 30.03.2017 for Rs. 600.00 Lakhs

We require full payment of the outstanding amount of **Rs.16,23,62,287/- (Rupees Sixteen Crores Twenty-Three Lakhs Sixty Two Thousand Two Hundred and Eighty Seven only)** as on 13/11/2025 within 7 (Seven) days from the date of this notice. Please remit the payment to the following account: **Name: North Eastern Development Finance Corporation Limited,**
**Bank: State Bank of India, Branch: GMC Branch, Guwahati, Account no.: 10055610554, IFSC: SBIN0007700 with further interest, cost and charges.**

Failure to adhere to the terms and conditions of the above mentioned Guarantee Agreements and to make the payment within the stipulated time will result in further legal action being taken against you to recover the amount due, which may include the initiation of insolvency proceedings under the Insolvency and Bankruptcy Code, 2016.

**You may contact SHRI SATYAJIT NATH, Assistant General Manager (Legal), Stressed Assets Management Department, NEDFi] at 98540 28205 and or in his Email address: satyajit@nedfi.com for any clarifications or to discuss payment arrangement.**

**S/d- Asst. General Manager (Legal)**
**Stress Asset management Department (SAMD)**

**ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ, ଘଟଗାଁ, କେନ୍ଦୁଝର**

ନୋଟିସ୍ ନଂ- ୩୧୩ ତା.୧୯.୧୧.୨୫

**ଟେଣ୍ଡର ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛିକି ୨୦୨୫-୨୬ ବର୍ଷ (ତା.୨୧.୧୨.୨୦୨୫ରିଖଠାରୁ ତା.୨୦.୧୨.୨୦୨୬ରିଖ ପର୍ଯ୍ୟନ୍ତ) ପାଇଁ ନିମ୍ନଲିଖିତ ଜଉମୁଦ ଟେଣ୍ଡର ପ୍ରକ୍ରିୟା ତିନୋଟି ପର୍ଯ୍ୟାୟରେ କରାଯିବ। ଏଣୁ ଇଚ୍ଛୁକ ବ୍ୟକ୍ତି ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟରୁ ନିୟମାବଳୀ ଯୁକ୍ତ ଆବେଦନ ଫର୍ମ କ୍ରୟ ବାବଦକୁ ଟ.୧୫୦୦/-(ଏକ ହଜାର ପାଞ୍ଚ ଶହ) ଟଙ୍କା ନଗଦ ଦାଖଲ କରି ନିୟମାବଳୀ ଅନୁଯାୟୀ ନିର୍ଦ୍ଧାରିତ ତାରିଖ ସୁଦ୍ଧା ଏହି ଟେଣ୍ଡରରେ ଅଂଶ ଗ୍ରହଣ କରିପାରିବେ। ସମସ୍ତ କାର୍ଯ୍ୟ ଦିବସରେ ପ୍ରଥମ ପର୍ଯ୍ୟାୟ ପାଇଁ ଦିବା ୧୧ଘ. ଠାରୁ ଦିବା ୧ଘ. ଓ ଦିବା ୫ଘ. ଠାରୁ ସନ୍ଧ୍ୟା ୬ଘ. ମଧ୍ୟରେ ତା.୨୩.୧୧.୨୦୨୫ରିଖ ଠାରୁ ତା.୩୦.୧୧.୨୦୨୫ରିଖ ସୁଦ୍ଧା ଟେଣ୍ଡର ଫର୍ମ କ୍ରୟ କରିପାରିବେ। ଟେଣ୍ଡର ସମ୍ବନ୍ଧୀୟ ନିୟମାବଳୀ ଓ ଅନ୍ୟାନ୍ୟ ତଥ୍ୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟକୁ ଆସି ବୁଝିପାରିବେ। ହେବାକୁଥିବା ଟେଣ୍ଡର ମଧ୍ୟରୁ ଯେଉଁ ଟେଣ୍ଡର ପାଇଁ ପ୍ରଥମ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ୍ କରାଯାଇଥିବ ସେହି ଟେଣ୍ଡର ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆବେଦନ ହୋଇନଥିବ ବା ଆବେଦନ ହୋଇଥିବା ଟେଣ୍ଡର ନାକଚ୍ କରାଯାଇଥିବ ସେହି ଟେଣ୍ଡର ପାଇଁ ତୃତୀୟ ପର୍ଯ୍ୟାୟରେ ଆବେଦନ କରିପାରିବେ। ପରିଚାଳନା କମିଟି ଚାହିଁଲେ ବିନାକାରଣରେ ଏହି ଟେଣ୍ଡର ନାକଚ୍ ବା ପରିବର୍ତ୍ତନ କରିପାରିବେ। ପ୍ରଥମ ପର୍ଯ୍ୟାୟ ପାଇଁ କ୍ରୟ କରି ଥିବା ଟେଣ୍ଡର ଫର୍ମ ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପାଇଁ କ୍ରୟ କରି ଥିବା ଟେଣ୍ଡର ଫର୍ମ ତୃତୀୟ ପର୍ଯ୍ୟାୟରେ ଗ୍ରହଣ ଯୋଗ୍ୟ ନୁହେଁ। ଏହି ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ www.maatarini.co.in ୱେବ୍‌ସାଇଟ୍‌ରେ ଦେଖିପାରିବେ।

| ଟେଣ୍ଡର ପର୍ଯ୍ୟାୟ | ଟେଣ୍ଡର ଗ୍ରହଣ ତାରିଖ ଓ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଓ ସମୟ |
|---|---|---|
| ପ୍ରଥମ ପର୍ଯ୍ୟାୟ | ତା.୦୧.୧୨.୨୫ରିଖ ୧୧ ଘଟିକା | ତା.୦୧.୧୨.୨୫ରିଖ ଘ. ୧୨ ଘଟିକା |
| ଦ୍ୱିତୀୟ ପର୍ଯ୍ୟାୟ | ତା.୦୮.୧୨.୨୫ରିଖ ୧୧ ଘଟିକା | ତା.୦୮.୧୨.୨୫ରିଖ ଘ. ୧୨ ଘଟିକା |
| ତୃତୀୟ ପର୍ଯ୍ୟାୟ | ତା.୧୫.୧୨.୨୫ରିଖ ୧୧ ଘଟିକା | ତା.୧୫.୧୨.୨୫ରିଖ ଘ. ୧୨ ଘଟିକା |

| କ୍ର.ନଂ. | ଟେଣ୍ଡରର ନାମ | ଧାର୍ଯ୍ୟ ମୂଲ୍ୟ | ଅମାନତ ଦେୟ |
|---|---|---|---|
| ୧ | ପୂଜାସାମଗ୍ରୀ ଦୋକାନ ନଂ-୧ (ସ୍ଥାନ- ମୁଖଶାଳା ଡାହାଣ ପାର୍ଶ୍ୱ) | ଟ.୨୯,୨୫,୫୫୪/- | ଟ.୨,୯୨,୫୫୫/- |
| ୨ | ପୂଜାସାମଗ୍ରୀ ଦୋକାନ ନଂ-୨ (ସ୍ଥାନ- ଚୁଲପକା ମଣ୍ଡପ ପାର୍ଶ୍ୱ) | ଟ.୨୨,୫୬,୭୧୦/- | ଟ.୨,୨୫,୬୭୧/- |
| ୩ | ପୂଜାସାମଗ୍ରୀ ଦୋକାନ ନଂ-୩ (ସ୍ଥାନ- ଗାଡି ପୂଜା) | ଟ.୨୫,୯୪,୮୮୮/- | ଟ.୨,୫୯,୪୮୮/- |
| ୪ | ଚୁଲପକା | ଟ.୪୮,୬୮,୧୪୩/- | ଟ.୪,୮୬,୮୧୪/- |
| ୫ | ତେଜରାତି ସାମଗ୍ରୀ ଯୋଗାଇବା | | ଟ.୧,୯୯,୬୫୦/- |
| ୬ | ସିକ୍ୟୁରିଟି ଗାର୍ଡ ଯୋଗାଇବା | | ଟ.୧,୭୬,୦୦୦/- |

କାର୍ଯ୍ୟନିର୍ବାହୀ ଅଧିକାରୀ
ମା' ତାରିଣୀ ଠାକୁରାଣୀ ମନ୍ଦିର ଟ୍ରଷ୍ଟ,
ଘଟଗାଁ, କେନ୍ଦୁଝର।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୧ ନଭେମ୍ବର ୨୦୨୫ ● ଶୁକ୍ରବାର

## ଜେନେରେଟର ଚୋରି ଘଟଣାରେ ଜଣେ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଇଟାଭାଟିରୁ ଜେନେରେଟର ଚୋରି ଅଭିଯୋଗରେ କଟକ ସଦର ଥାନା ପୋଲିସ ୨ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ବାଲିଅନ୍ତା ଥାନା ଅନ୍ତର୍ଗତ ଭୁବନପୁର ଗ୍ରାମର ରାଜା ଦାସ (୧୯) ଏବଂ ବାଲିଅନ୍ତା ଥାନା ଅନ୍ତର୍ଗତ କୋଥା ସାହିର ବଗୁଲା ଓରଫ ଦୀପକ ଭୋଇ (୨୧) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଗୋଟିଏ ଜେନେରେଟର, ଗୋଟିଏ ମୋବାଇଲ ଫୋନ ଓ ଗୋଟିଏ ପଲସର ମଟରସାଇକେଲ (ଓଡ଼ି୦୨ଡିସି୨୬୩୭) ଜବତ କରିଛି । ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ପୋଲିସ ସୂଚନା ମୁତାବକ, ସତ୍ୟ ଶଙ୍କର ଶତପଥି ନାମକ ଜଣେ ବ୍ୟକ୍ତି ଗତ ଅକ୍ଟୋବର ୯ ତାରିଖରେ କଟକ ସଦର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ସତ୍ୟ ଶଙ୍କର ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ସଦର ଥାନା ଅଧୀନସ୍ଥ ଆରୋଡ଼ା ମଉଜାରେ ତାଙ୍କର ଏକ ଇଟାଭାଟି ଅଛି । ତାଙ୍କ ଇଟା ଭାଟି କାରଖାନାକୁ ବିଦ୍ୟୁତ ଯୋଗାଣର କୌଣସି ବ୍ୟବସ୍ଥା ନାହିଁ । ତେଣୁ ସେ ଇଟା ଭାଟିକୁ ବିଦ୍ୟୁତ ଯୋଗାଣ ପାଇଁ ଏକ ଜେନେରେଟର ବ୍ୟବହାର କରୁଥିଲେ । ଗତ ସେପ୍ଟେମ୍ବର ୨୬ ତାରିଖରେ କୌଣସି ଦୁର୍ବୃତ୍ତ ତାଙ୍କ କାରଖାନାରୁ ଜେନେରେଟରକୁ ଚୋରି କରି ନେଇ ଯାଇଥିବା ସେ ଏତଲାରେ ଦର୍ଶାଇଥିଲେ । ଏହି ଅଭିଯୋଗକୁ ଆଧାର କରି କଟକ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଛାନଭିନ ଆରମ୍ଭ କରିଥିଲା । ଶେଷରେ ପୋଲିସ ଜେନେରେଟର ଚୋରି ଘଟଣାରେ ୨ ଅଭିଯୁକ୍ତ ରାଜା ଓ ଦୀପକଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବାଲି ବ୍ୟବସାୟୀଙ୍କ ଘରେ ଇଡି ଚଢ଼ଉ

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲା ଅଧୀନ ବଡ଼ସାହି ତହସିଲରେ ହୋଇଥିବା ବହୁ ଚର୍ଚ୍ଚିତ ବେଆଇନ ବାଲି ଉତ୍ତୋଳନ ମାମଲାରେ ଛନ୍ଦି ହୋଇଥିବା ବୈଶିଙ୍ଗା ଥାନା ଅଧୀନ ଡାହିସାହି ଅଞ୍ଚଳର ପ୍ରଦୀପ ବିନ୍ଧାଣିଙ୍କ ଘରେ ଗୁରୁବାର ଦିନ ତମାମ ଇଡି ଚଢ଼ାଉ କରିଛି। ତାଙ୍କ ଘର ସମେତ ଦୁଇଟି ଦେଶୀ ମଦଭାଟିରେ ମଧ ଚଢ଼ାଉ କରାଯାଇ ଯାଞ୍ଚ କରାଯାଉଛି। ପୂର୍ବରୁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍‌ରେ ପ୍ରଦିପ ଏକ ବାଲି ସୈରାତକୁ ଲିଜ ଆକାରରେ ସରକାରଙ୍କ ଠାରୁ ନେଇ ବ୍ୟବସାୟ କରୁଥିଲେ। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ନେଇଥିବା ଲିଜ ଅନୁପାତ ଠାରୁ ଯଥେଷ୍ଟ ଅଧିକ ପରିମାଣରେ ବାଲି ଉତ୍ତୋଳନ ହୋଇଥିବା ନେଇ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲରେ ଏକ ମାମଲା ରୁଜୁ କରାଯାଇଥିଲା। ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ ଲିଜଧାରୀ ପ୍ରଦିପ ବିନ୍ଧାଣିଙ୍କୁ ୧୮ କୋଟି ଟଙ୍କାର ଫାଇନ ଆଦାୟ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲା। ତେବେ ଲିଜଧାରୀ ପ୍ରଦିପ ଏକ ନେଇ କୋର୍ଟର ଆଶ୍ରୟ ନେଇଥିଲେ। ମାମଲା ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ଯାଇଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାଇ ଆଜି ଇଡିର ଚଢ଼ାଉ ପରେ ଏହି ଫାଇଲ ଖୋଲିଥିବା ନେଇ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉ କି ଏହି ବହୁଚର୍ଚ୍ଚିତ ବେଆଇନ ବାଲି ଉତ୍ତୋଳନ ମାମଲାରେ ତତ୍କାଳୀନ ବଡ଼ସାହି ତହସିଲଦାର ନିଲମ୍ବିତ ହୋଇଥିଲେ। ତେବେ ଇଡି ପକ୍ଷରୁ ଚଢ଼ାଉ ଜାରିରହିଥିବାରୁ ଏବାବଦରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

## ଗାଁକୁ ପଶି ପାରୁନି ଆମ୍ବୁଲାନ୍ସ: ହ୍ୱିଲ ଚେୟାରରେ ବୁହା ହେଉଛନ୍ତି ରୋଗୀ

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗାଁ ଭିତର ରାସ୍ତା ପଞ୍ଚାୟତ ପୋଖରୀ ଗାର୍ଡୱାଲ ନିର୍ମାଣ ଓ ପୁନରୁଦ୍ଧାର ବେଳେ ବୁଶୁଡ଼ି ପଡ଼ିଛି। ଫଳରେ ଗାଁ ଭିତରକୁ ୧୦୮ ଆମ୍ବୁଲାନ୍ସ, କିମ୍ବା ଅଗ୍ନିଶମ ଗାଡି ପଶିପାରୁ ନାହିଁ। ଯାହାଫଳରେ ରଣପୁର ଓ ସରକଣା ଉପରମୁଣ୍ଡ ସାହି ଏବେ ବାହ୍ୟ ଜଗତରୁ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ଏହା କୌଣସି ନିପଟ ମଫସଲର ସମସ୍ୟା ନୁହେଁ ବରଂ ଖୋଦ ରାଜଧାନୀ ଉପକଣ୍ଠର ଦୟନୀୟ ଅବସ୍ଥା ହୋଇଥିଲେ ପ୍ରଶାସନର ସ୍ଥାଣୁତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଡ କଥା ହେଉଛି ରଣପୁର ଓ ସରକଣା ଉପରମୁଣ୍ଡ ସାହି ଲୋକ ଏ ସଂପର୍କରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଧାୟକ ନବ କିଶୋର ମଲ୍ଲିକ ଓ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ନିକଟରେ ଜଣାଇଛନ୍ତି। ହେଲେ ରାସ୍ତା ନିର୍ମାଣ କରି ଯାତାୟାତ ସମସ୍ୟା ସୁଧାରିବା ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାଫଳରେ ସମୂହ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ପୂର୍ତ୍ତ ବିଭାଗ ବ୍ରାହ୍ମଣଷଡଙ୍ଗୀ ରାସ୍ତାରୁ ରଣପୁର ଗାଁ ଭିତରକୁ ପଞ୍ଚାୟତ ରାସ୍ତା ଯାଇଛି। ପଞ୍ଚାୟତ ରାସ୍ତା ପୋଖରୀ ହୁଡାରେ କଂକ୍ରିଟ ଗାର୍ଡ ୱାଲ କରି ନିର୍ମାଣ କରାଯାଇଥିଲା। ପୋଖରୀରେ ବର୍ଷାଦିନେ ଆବର୍ଜନା ପାଣି ନପଶିବା ପାଇଁ ୨ ପାର୍ଶ୍ୱରେ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲା। ପୋଖରୀର ବେହେରା ସାହି ଓ ସେନାପତି ସାହି ପାର୍ଶ୍ୱ କାମ ବାକିଥିଲା। ନିକଟରେ ବେହେରା ସାହି ପାର୍ଶ୍ୱ ୧୦୦ ଫୁଟ କଂକ୍ରିଟ ଗାର୍ଡ ବ୍ଲକ ପ୍ରଶାସନ ପକ୍ଷରୁ କରାଯାଉଥିଲା। କାମ ଡିପୋର୍ଟ ତରଫରୁ କରାଯାଉଥିବାରୁ ସହକାରୀ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିଲା। କଂକ୍ରିଟ ଗାର୍ଡ ୱାଲ ନିର୍ମାଣ ନେଇ ପାଣି ଭର୍ତ୍ତି ହୋଇ ରହିଥିବା ପୋଖରୀରୁ ମଟର ଲଗାଇ ପାଣି ଶୁଖା ଯାଇଥିଲା। ହେଲେ ଦୁର୍ବଳ ହୋଇପଡିଥିବା ପୋଖରୀ ହୁଡା ରାସ୍ତା ଗାରଡ ୱାଲ ରାସ୍ତା ସହ ୧୦୦ ଫୁଟ ପୋଖରୀ ଭିତରକୁ ୫ ଫୁଟ ଭୁଶୁଡି ପଡିଥିଲା। ଯାହାଫଳରେ ରଣପୁର ଗାଁରୁ ବର୍ତ୍ତମାନ ଯୋଗାଯୋଗ ସଂପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ରଣପୁର ଗ୍ରାମର ଧର୍ମାନନ୍ଦ ପରିଡା ନାମକ ଜଣେ ବରିଷ୍ଠ ନାଗରିକ ଜ୍ୱରରେ ପୀଡିତ ହେବାରୁ ଅସୁସ୍ଥ ହୋଇପଡିଥିଲେ। ଭଣଜା ସୁବାସ ପ୍ରଧାନ ମାମୁଙ୍କୁ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ନେଇ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ଆସିଲା। ହେଲେ ରାସ୍ତା ଭାଙ୍ଗି ଯାଇଥିବାରୁ ଗାଁ ଭିତରକୁ ପଶିପାରିଲାନି। ଭଜଣା, ସୁବାସ, ରମେଶ, ପ୍ରଭାସ ଓ ପୁଅ ମାଧବାନନ୍ଦ ଓ ମହେଶ୍ୱର ହ୍ୱିଲ ଚେୟାର ଯୋଗେ ଧର୍ମାନନ୍ଦଙ୍କୁ ମୁଖ୍ୟ ରାସ୍ତାରେ ଅଟକିଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ସେଠାରୁ ମେଡିକାଲ ପଠା ଯାଇଥିଲା। ଜନ ପ୍ରତିନିଧି ଓ ପ୍ରଶାସନ ରାସ୍ତା ନିର୍ମାଣ ନେଇ ଅବହେଳା କରୁଥିବାରୁ ଲୋକ ଅସନ୍ତୋଷ ବଢ଼ିବାରେ ଲାଗିଛି। ଦାବି ହାସଲ କରିବା ନେଇ ଦରକାର ପଡିଲେ ମାନବ ଅଧିକାର କମିଶନରେ ଅଭିଯୋଗ କରିବେ ବୋଲି ଗ୍ରାମବାସୀ ଜଣାଇଛନ୍ତି। ଅପରପକ୍ଷରେ ଏସଂପର୍କର ବିଡିଓ ରଶ୍ମିତା ନାଥଙ୍କୁ ପଚାରିବାରେ ରାସ୍ତା ସମସ୍ୟା ସଂପର୍କରେ ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ କନିଷ୍ଠ ଯନ୍ତ୍ରୀ ଅଶୋକ ମିଶ୍ରଙ୍କ ସହିତ ସେ ଆଲୋଚନା କରିଥିବା ବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଇଫକୋ ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର




**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପାରାଦୀପସ୍ଥିତ ବିଶ୍ୱର ସର୍ବବୃହ ଫସଫେଟିକ୍ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍‌କୁ କଳିଙ୍ଗ ସୁରକ୍ଷା ଉତ୍କର୍ଷ ପୁରସ୍କାର(ପ୍ଲାଟିନମ୍ ବର୍ଗ)ହାସଲ କରିଛି। ଭୁବନେଶ୍ୱର ଠାରେ ଅନୁଷ୍ଠିତ ୧୬ତମ ଜାତୀୟ ସୁରକ୍ଷା ସମ୍ମିଳନୀ-୨୦୨୫ରେ ଇଫକୋ ପାରାଦୀପ ୟୁନିଟ୍‌କୁ ଏହା ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉତ୍କର୍ଷ ପୁରସ୍କାର (ପ୍ଲାଟିନମ୍ ବର୍ଗ) ହାସଲ କରି ପୁର୍ନବାର ଶିଳ୍ପ ଉତ୍କର୍ଷତାର ଏକ ମାନଦଣ୍ଡ ସ୍ଥାପନ କରିଛି। ଭୁବନେଶ୍ୱରର ଗୁଣବତ୍ତା ଏବଂ ପରିବେଶ ପରିଚାଳନା ସେବା ପ୍ରତିଷ୍ଠାନ ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ପାରଦୀପ ୟୁନିଟ୍‌ର ଉଦାହରଣ ସଫଳତାକୁ ସ୍ୱୀକୃତି ଦିଏ, ଯାହା ପ୍ଲାଣ୍ଟ ପରିଚାଳନାରେ ସର୍ବୋତ୍ତମ ଶ୍ରେଣୀର ସୁରକ୍ଷା ଅଭ୍ୟାସ ପ୍ରତି ଏହାର ଦୃଢ଼ ପାଳନକୁ ପ୍ରତିଫଳିତ କରେ। ଇଫକୋ ପାରାଦୀପ ୟୁନିଟ ବୃହତ ଶିଳ୍ପ ବର୍ଗ ଏବଂ ସମସ୍ତ ପ୍ରମୁଖ ଦୁର୍ଘଟଣା ବିପଦ ଶିଳ୍ପ ମଧ୍ୟରେ ସର୍ବୋଚ୍ଚ ସ୍ତରର ସୁରକ୍ଷା ମାନଦଣ୍ଡ ପ୍ରଦର୍ଶନ କରିଛି। ୟୁନିଟ୍ ହେଡ୍ ତଥା ପ୍ଲାଣ୍ଟ ମୁଖ୍ୟ ପି.କେ. ମହାପାତ୍ରଙ୍କ ବଳିଷ୍ଠ ମାର୍ଗଦର୍ଶନରେ ଏହି ସଫଳତା ହାସଲ କରି ପାରିଛି ପାରାଦୀପ ୟୁନିଟ୍। ନଭେମ୍ବର ମାସ ୧୯ ତାରିଖ ଦିନ ଭୁବନେଶ୍ୱରଠାରେ ଅନୁଷ୍ଠିତ କନକ୍ଲେଭରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀଙ୍କ ଠାରୁ ଇଫକୋ ଯୁଗ୍ମ ମହାପ୍ରବନ୍ଧକ(ଅଗ୍ନି ଏବଂ ସୁରକ୍ଷା) ରଂଜିତ କୁମାର ସ୍ୱାଇଁ, ଡକ୍ଟର ରବିନାରାୟଣ ବେହେରାଙ୍କ ଉପସ୍ଥିତିରେ ଏହି ସମ୍ମାନ ଗ୍ରହଣ କରିଥିଲେ।

## ପ୍ରେସକ୍ଲବ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ପ୍ରଥମ ବୈଠକ

**ଚଣ୍ଡିଖୋଲ:ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲାର ସର୍ବ ପୁରାତନ ପଞ୍ଜିକୃତ ପ୍ରେସ କ୍ଲବ ଭାବେ ପରିଚିତ ପ୍ରେସ କ୍ଲବ ଚଣ୍ଡିଖୋଲର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ବୈଠକ ପ୍ରେସ ସଭା ଗୃହରେ ସଭାପତି ବେଣୁଧର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ହେମଶ କୁମାର ଜେନା ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଭ୍ୟଙ୍କୁ ସ୍ୱାଗତ ଜଣାଇଥିଲେ। ପ୍ରେସ କ୍ଲବ ଚଣ୍ଡିଖୋଲ ସଂଘ ପ୍ରତି ଭରସା ଓ ବିଶ୍ୱାସ ରଖି କିଛି ନୂତନ ସାମ୍ବାଦିକ ଭାଇମାନେ କ୍ଲବର ସଭ୍ୟ ହେବା ପାଇଁ ଦରଖାସ୍ତ ଆହ୍ୱାନ କରିଥିଲେ। ଏହା ଉପରେ ଆଲୋଚନା କରାଯାଇ ସମସ୍ତ ଦରଖାସ୍ତକାରିଙ୍କୁ ସଭ୍ୟଭାବେ ଗ୍ରହଣ କରିବାକୁ ସ୍ଥିର କରାଯାଇଥିଲା। ପ୍ରେସ କ୍ଲବ ଉପର ଅଧା ଗଢ଼ା ଗୃହ ବିଧାୟକଙ୍କ ହାତ ପାଣ୍ଠିରୁ ଆସିଥିବା ଅନୁଦାନ ରାଶି ଓ ସ୍ଥାନୀୟ ସରପଞ୍ଚଙ୍କ ଅନୁଦାନ ରାଶିର କିପରି ସୁବିନିଯୋଗ ହୋଇ ପୂର୍ଣ୍ଣାଙ୍ଗ ହେବ, ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅତୀତରେ ସଂଘ ବହୁ ସାମାଜିକ କାର୍ଯ୍ୟକ୍ରମ କରିଥିବାବେଳେ କୋଭିଡ ପରେ ତାହା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏବେ ପୁଣି ଉକ୍ତ କାର୍ଯ୍ୟକ୍ରମ ହେବା ସହ ଏକ ସଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଗଲା ଶେଷରେ ଅନୁଦାନ ଦେଇଥିବା ବିଧାୟକ ଓ ସ୍ଥାନୀୟ ସରପଞ୍ଚଙ୍କୁ କୃତଜ୍ଞତା ଜଣାଯାଇଥିଲା। ଏହି ବୈଠକରେ ଆବାହକ ସଂଜୟ କୁମାର ସ୍ୱାଇଁ, କାର୍ଯ୍ୟକାରି ସଭାପତି ଦିଲ୍ଲିପ ମହାନ୍ତି, ଉପସଭାପତି, ପ୍ରଶାନ୍ତ ଜେନା, ସାଂକୃତିକ ସମ୍ପାଦକ ସୁରେନ୍ଦ୍ର ସାମଲ, ସହ ସମ୍ପାଦକ ସେକ ସବିରଉଦ୍ଦିନ କୋଷାଧକ୍ଷ ପ୍ରସନ୍ନ ବିଶ୍ୱାଳ, ଉପଦେଷ୍ଟା ସଭ୍ୟ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ନରେନ୍ଦ୍ର ରାଉତ, ଶିବରାମ ସାହୁ, କାର୍ଯ୍ୟକାରୀ ସଭ୍ୟ ମୋହନ ଖୀଲାର, ମସିର ଆଲ୍ଲାମ, ଦିଲ୍ଲିପ କୁମାର ସାହୁ, ବସନ୍ତ ପଲାଇ, ମନୋଜ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କାର୍ଯ୍ୟକାରି ସଭ୍ୟ ପ୍ରତାପ ରାଉତରାୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଦ୍ୱାରା ହିନ୍ଦୋଳ ରୋଡ୍ ଷ୍ଟେସନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ




**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ୨୦ ନଭେମ୍ବର ୨୦୨୫ (ଗୁରୁବାର) ସକାଳେ ହିନ୍ଦୋଳ ରୋଡ୍ ରେଳ ଷ୍ଟେସନ ଠାରେ ଏକ ପୂର୍ଣ୍ଣ-ମାତ୍ରା ବିପର୍ଯ୍ୟୟ ପରିଚାଳନା ମକ୍ ଡ୍ରିଲ୍ ଆୟୋଜନ କରିଥିଲା ଯାହା ଦ୍ୱାରା ଟ୍ରେନ୍ ଦୁର୍ଘଟଣା ପରିଚାଳନା ପାଇଁ ପ୍ରସ୍ତୁତି ମୂଲ୍ୟାଙ୍କନ ସହ ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ପୁନରୁଦ୍ଧାର, ପ୍ରଭାବଶାଳୀ ଯାତ୍ରୀ ସହାୟତା ଏବଂ ଟ୍ରେନ ପରିଚାଳନାର ଶୀଘ୍ର ସ୍ୱାଭାବିକୀକରଣ ସୁନିଶ୍ଚିତ କରିବା ପାଇଁ ଧ୍ୟାନ ଦିଆଯାଇଥିଲା।

ଭାରତୀୟ ରେଳବାଇ ନିୟମିତ ଭାବରେ ଏହାର ସମସ୍ତ ରେଳମଣ୍ଡଳ ମାନଙ୍କରେ ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରିଥାଏ । ଏହି ମକ୍ ଡ୍ରିଲରେ ଲାଇନଚ୍ୟୁତ, ଯାତ୍ରୀ ଉଦ୍ଧାର, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ଭିଡ଼ ପରିଚାଳନା, ଡାକ୍ତରୀ ଦଳ ନିୟୋଜିତ, ପୁନରୁଦ୍ଧାର ପାଇଁ ଭାରୀ ଯନ୍ତ୍ରପାତି ଚଳାଚଳ ଏବଂ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥା ମାନଙ୍କ ମଧ୍ୟରେ ସମନ୍ୱୟ ସହିତ ଏକ ବାସ୍ତବବାଦୀ ରେଳ ଦୁର୍ଘଟଣା ପରିସ୍ଥିତି ଗୁଡିକର ଅବସ୍ଥା ଇତ୍ୟାଦିର ଛଳନା କରାଯାଇଥିଲା। ଏହି ଅଭ୍ୟାସର ଲକ୍ଷ୍ୟ ଥିଲା ଟ୍ରେନ ଟ୍ରାଫିକକୁ ଦକ୍ଷତାର ସହିତ ପୁନଃସ୍ଥାପିତ କରିବା ପାଇଁ ଏକ ସଂରଚିତ ଏବଂ ସମୟସୀମାବଦ୍ଧ ପ୍ରତିକ୍ରିୟା ଯୋଜନା ସୁନିଶ୍ଚିତ କରିବା ଓ ଯାତ୍ରୀ ମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି ଏହି ମକଡ୍ରିଲ ଅଭ୍ୟାସର ନେତୃତ୍ୱ ନେଇ ଭୂମିଗତ କାର୍ଯ୍ୟ ବା ତଳସ୍ତରର କାର୍ଯ୍ୟ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ତଦାରଖ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ମଧ ସାମଗ୍ରିକ ଯୋଜନା, ଲଜିଷ୍ଟିକ୍ସ ଏବଂ କାର୍ଯ୍ୟାନ୍ୱୟନ ତଦାରଖ କରିଥିଲେ ଯାହା ସୁନିଶ୍ଚିତ କରିଥିଲା ଯେ ସମସ୍ତ ୟୁନିଟ୍ ଅଭ୍ୟାସ ସମୟରେ ସମ୍ପୂର୍ଣ୍ଣ ସମନ୍ୱୟରେ କାର୍ଯ୍ୟ କରୁଛନ୍ତି। ରେଳ ସୁରକ୍ଷା ବଳ, ସିଭିଲ୍ ଡିଫେନ୍ସ, ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ, ଏନଡିଆରଏଫ, ଓଡ୍ରାଫ, ସ୍ଥାନୀୟ ପୋଲିସ, ଜିଲ୍ଲା ପ୍ରଶାସନ, ବେସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଂଶୀଦାରଙ୍କ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ସିଭିଲ ଇଞ୍ଜିନିୟରିଂ, ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ, ସିଗନାଲ ଏବଂ ଟେଲିକମ୍ୟୁନିକେସନ୍ ଇଞ୍ଜିନିୟରିଂ, ନିରାପତ୍ତା ଓ ସୁରକ୍ଷା ବିଭାଗ କର୍ମଚାରୀ, ଅପରେଟିଙ୍ଗ, କମରସିଆଲ ଏବଂ ଚିକିତ୍ସା ବିଭାଗ ସମେତ ବିଭିନ୍ନ ଦଳ ଅଂଶଗ୍ରହଣ କରିଥିଲେ। ଅଭ୍ୟାସକୁ ସର୍ବାଧିକ ବାସ୍ତବବାଦ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ର ଉଦ୍ଧାର ଉପକରଣ, ଦୁର୍ଘଟଣା ସହାୟତା ଉପକରଣ ଏବଂ ପୁନରୁଦ୍ଧାର ଯନ୍ତ୍ରପାତି ନିୟୋଜିତ କରାଯାଇଥିଲା।

## ସାଇବର ଅପରାଧ ନିରାକରଣ ଓ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**




ଛତ୍ରପୁରସ୍ଥିତ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ସାଇବର ଅପରାଧ ନିରାକରଣ ଓ ଏହାର ନିରାପତ୍ତା, ସଚେତନତା, ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେଶରେ ମହିଳା ଓ କିଶୋରୀମାନଙ୍କୁ ସଶକ୍ତିକରଣ କରିବା ଓ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାର ଶିକ୍ଷା କ୍ଷେତ୍ରରେ, ସ୍ୱାସ୍ଥ୍ୟ କ୍ଷେତ୍ରରେ, ଆର୍ଥିକ କ୍ଷେତ୍ରରେ ଓ ରାଜନୈତିକ କ୍ଷେତ୍ରରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି ଏହି ତାଲିମ୍ ଶିବିରରେ ଅଧକ୍ଷତା କରି କହିଥିଲେ। ଶିଶୁ କନ୍ୟାମାନଙ୍କ ଶିକ୍ଷା, ମହିଳାମାନଙ୍କୁ ନିଜ ଅଧିକାର ଏବଂ ସୁବିଧା ସୁଯୋଗ, ସାଇବର ଅପରାଧ ଓ ଏହାର ନିରାକରଣ ଉପରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ତାଲିମ୍ ଶିବିରର ମୂଳ ଉଦ୍ଦେଶ୍ୟ। ଏହି ତାଲିମ୍ ଶିବିର କାର୍ଯ୍ୟକ୍ରମରେ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସୋରେନ୍ ଯୋଗଦେଇ କହିଥିଲେ ଯେ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ମହିଳା ସଶକ୍ତିକରଣ ହବ୍, ସମାଜରେ ମହିଳାଙ୍କ ପ୍ରତି ହେଉଥିବା ହିଂସାକୁ ଦୂର କରିବା ପାଇଁ ସମସ୍ତଙ୍କୁ ସଚେତନ କରାଇଥିଲେ।

ଛତ୍ରପୁର ସାଇବର ସେଲ୍ ସହକାରୀ ସବ୍ ଇନିସ୍ପେକ୍ଟର କିରଣ ଚନ୍ଦ୍ର ପାତ୍ର ଯୋଗଦେଇ ସାଇବର ଅପରାଧର ମାଧମ ଓ ଏହାର ନିରାକରଣ, ପ୍ରକାରଭେଦ ଓ ଏଥିରୁ କିପରି ନିଜର କଷ୍ଟଲବ୍ଧ ସଞ୍ଚିତ ଅର୍ଥକୁ ସୁରକ୍ଷିତ ରଖିପାରିବେ ସେବିଷୟରେ ସୁବିସ୍ତୃତ ବୁଝାଇଥିଲେ। ପ୍ରାରମ୍ଭରେ ଜିଲ୍ଲା ମହିଳା ସଶକ୍ତି କରଣ ହବ୍‌ର ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ ଏହି ତାଲିମ୍ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ବୁଝାଇବା ସହ ପରିଚାଳନା କରିଥିଲେ। ଶେଷରେ ବେଟି ବଚାଓ ବେଟି ପଢ଼ାଓ ସ୍କିମ୍‌ର ଲକ୍ଷ୍ୟ ଓ ଏହାର ଉଦ୍ଦେଶ୍ୟ ବିଷୟରେ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଜିଲ୍ଲାର ଜଣାଶୁଣା କଳାକାର ତଥା ଶିକ୍ଷକ ପ୍ରତିରଞ୍ଜନ ପ୍ରଧାନ ସାଇବର ଠକେଇ ବିଷୟରେ ଆଲୋକପାତ କରିଥିଲେ। ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନା ଅଧିନରେ ଜିଲ୍ଲା ସ୍ତରରେ ଡିଜିଟାଲ୍ ଚମ୍ପିୟନ ହୋଇଥିବାରୁ ରଙ୍ଗେଇଲୁଣ୍ଡା ବ୍ଲକ୍‌ର ମିସ୍ ପ୍ରିୟାଂଶୀ ପାଢ଼ୀ, ମିସ୍ ଶିବାଙ୍ଗୀ ପ୍ରଧାନ (ମାଙ୍କେ), ପୁରୁଷୋତ୍ତମପୁର ବ୍ଲକ୍‌ର ମିସ୍ ଶିବାନୀ ପ୍ରଧାନ ଓ ହିଞ୍ଜିଳିକାଟୁ ବ୍ଲକ୍‌ର ମିସ୍ ସ୍ନେହାରାଣୀ ଗୌଡଙ୍କୁ ସମ୍ମାନୀତ କରାଯାଇଥିଲା। ବୈଠକରେ ସମସ୍ତ ଉପଖଣ୍ଡ ସ୍ତରୀୟ ପ୍ରୋଗ୍ରାମ୍ ଅଫିସର, ଜିଲ୍ଲା ଲିଙ୍ଗ ବିଶେଷଜ୍ଞ ସମ୍ବଳ, ସାମର୍ଥ୍ୟ ଓ ଆର୍ଥିକ ସାକ୍ଷରତା, ଶିକ୍ଷା ବିଭାଗର ସହକାରୀ ଶିକ୍ଷାଧିକାରୀ, ଜିଲ୍ଲା ମୁଖ୍ୟଚିକିତ୍ସାଳୟ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଜିଲ୍ଲା ସ୍ତରୀୟ ଓ ଛତ୍ରପୁର ବ୍ଲକ୍ ସ୍ତରୀୟ ଅଧିକାରୀ ଗଣ, ସମସ୍ତ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଗଣ, ପିଆରଆଇ ମେମ୍ବର୍ସ, ଶିକ୍ଷକଗଣ, ସରପାକରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତଥା ବାଲ୍ୟ ବିବାହ ନିଷେଧ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମହିଳା ସଶକ୍ତିକରଣ ହବ୍‌ର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା।

## ପାରାଦୀପ ବନ୍ଦରକୁ ଅନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ହାସଲ କରିଛି ପାରାଦୀପ ବନ୍ଦର। ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ୍‌ଠାରେ ଅନୁଷ୍ଠିତ ଏକ ସମାରୋହରେ ପାରାଦୀପ ବନ୍ଦରକୁ ଚଳିତ ବର୍ଷ ନିମନ୍ତେ ଦ୍ୱାଦଶ ଆନ୍ତର୍ଜାତୀୟ ସମୁଦ୍ର ମନ୍ଥନ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କ ସାମୁଦ୍ରିକ କ୍ଷେତ୍ରରେ କାର୍ଗୋ ପରିବହନ, ପରିଚାଳନାଦକ୍ଷତା ଏବଂ ସେବା ପ୍ରଦାନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ହାସଲ କରିବା ପରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ କହିଛନ୍ତି ପାରାଦୀପ ବନ୍ଦର ଏହି ମାନ୍ୟତା ପାଇବା ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରି ଆସୁଛି। ଏହା ଗ୍ରାହକ କେନ୍ଦ୍ରିକ କାର୍ଯ୍ୟ ପ୍ରତି ବନ୍ଦରର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପିପିଏର ଟ୍ରାଫିକ ମ୍ୟାନେଜର ଜି. ଏଡିସନ୍ ସଂଗଠନ ପକ୍ଷରୁ ପୁରସ୍କାର ଗ୍ରହଣ କରିଛନ୍ତି। ମିଜୋରାମର ରାଜ୍ୟପାଳ ଏହି ସମ୍ମାନ ପ୍ରଦାନ କରିଥିଲେ। ଭାରତର ବର୍ଦ୍ଧିତ ସାମୁଦ୍ରିକ ବାଣିଜ୍ୟକୁ ସମର୍ଥନ କରିବାରେ ସାହାଯ୍ୟ କରି ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ପ୍ରଯୁକ୍ତିବିଦ୍ୟା ଉନ୍ନତି, ଉନ୍ନତ ଲଜିଷ୍ଟିକ୍ସ ଏବଂ କାର୍ଯ୍ୟଦକ୍ଷତା ଉପରେ ନିରନ୍ତର ଧ୍ୟାନ ଦେଇ ଏହାର କ୍ଷମତାକୁ ସୁଦୃଢ଼ କରି ଚାଲିଛନ୍ତି।


### NORTH EASTERN DEVELOPMENT FINANCE CORPORATION LTD

NEDFi House, G.S. Road, Dispur, Guwahati – 781006, Ph: 91 361 222 22 00, Fax: +91 361 223 77 33 / 223 77 34

**NOTICE FOR INVOCATION OF PERSONAL GUARANTEE**

Under rule 7(1) of the Insolvency and Bankruptcy (Application to Adjudication Authority for Insolvency Resolution Process of Personal Guarantors to Corporate Debtors) Rules, 2019]

**To,** **Date: 13.11.2025**

| | |
|---|---|
| **SRI BISWAJIT NAYAK**<br>**Personal Guarantor to NAYAK INFRASTRUCTURE PRIVATE LIMITED,** (Son of Sri Basudev Nayak), Swarupananda Road, Lumding, District: Nagaon, Assam-782447. | **Alternative Address**<br>**SRI BISWAJIT NAYAK**<br>Ntrust Giri Nivas, Kharghuli, Guwahati-781004, District-Kamrup(Metro), Assam. |
| **Alternative Address**<br>**SRI BISWAJIT NAYAK,** C/o M/s Shivanya Construction, House No.91, Ramsa Hills, Kharghuli, Guwahati-781004, District-Kamrup(Metro), Assam. | **Alternative Address**<br>**SRI BISWAJIT NAYAK,** Maitrivihar, Chandrashekharpur, Bhubaneswar, Orissa-751023. |

**Subject: Notice of Invocation of Personal Guarantee.**

Dear Sir/Madam,

This notice is to formally inform you that as a personal guarantor for the loan facilities provided by NORTH EASTERN DEVELOPMENT FINANCE CORPORATION LIMITED (NEDFi), NEDFi House, Dispur, G.S. Road, Guwahati-781006, District-Kamrup (M), Assam to **M/S Nayak Infrastructure Private Limited,** we are hereby invoking the personal guarantees you executed on 09.10.2014 and 30.03.2017 as per terms and conditions of the said Guarantee Agreements.

We have not received the outstanding amount from the Principal/Corporate Debtor, **M/S Nayak Infrastructure Private Limited,** despite our efforts. Therefore, under the terms of the guarantee agreement, we are demanding full payment from you for the outstanding debt.

**Details of the debt: Total debt as on 13.11.2025 in WCTL-I and WCTL-II stands at Rs.16,23,62,287/- (Rupees Sixteen Crores Twenty-Three Lakhs Sixty Two Thousand Two Hundred and Eighty Seven only) with interest (Principal: Rs.6,09,93,215/- and Interest: Rs.10,13,69,072/-).**

Original loan/facility details: The Corporate/ Principal Debtor had availed a WCTL (Working Capital Term Loan) of Rs. 500.00 Lakhs vide Sanction Letter dated 11.09.2014 and also another WCTL (Working Capital Term Loan) of Rs. 600.00 Lakhs vide Sanction Letter dated 28.03.2017.

**Date of default: 29.02.2020 (classified as NPA)**

Amount of default: Rs.7,85,33,566/- (Rupees Seven Crores Eighty-Five Lakhs Thirty Three Thousand Five Hundred and Sixty Six only).

Original guarantee agreement: Guarantee Agreement dated 14.10.2014 for Rs. 500.00 Lakhs and Guarantee Agreement dated 30.03.2017 for Rs. 600.00 Lakhs.

We require full payment of the outstanding amount of **Rs.16,23,62,287/- (Rupees Sixteen Crores Twenty-Three Lakhs Sixty Two Thousand Two Hundred and Eighty Seven only) as on 13/11/2025** within 7 (Seven) days from the date of this notice. Please remit the payment to the following account: **Name: North Eastern Development Finance Corporation Limited Bank: State Bank of India, Branch: GMC Branch, Guwahati, Account no.: 10055610554, IFSC: SBIN0007700 with further interest, cost and charges.**

Failure to adhere to the terms and conditions of the above mentioned Guarantee Agreements and to make the payment within the stipulated time will result in further legal action being taken against you to recover the amount due, which may include the initiation of insolvency proceedings under the Insolvency and Bankruptcy Code, 2016.

**You may contact SHRI SATYAJIT NATH, Assistant General Manager (Legal), Stressed Assets Management Department, NEDFi] at 98540 28205 and or in his Email address: satyajit@nedfi.com for any clarifications or to discuss payment arrangement.**

**S/d- Asst. General Manager (Legal)**
**Stress Asset management Department (SAMD)**



### AFFIDAVIT

I, JAIBUN NISHA (formerly called Jayabun Nisha) W/o- SK Nijamudin, permanent resident of Qtr. No- IIR1, Raj Bhawan Colony, Unit-8, PS-Capital, Dist- Khordha, Pin-751008, do hereby solemnly affirm and declare by this Affidavit No. 77AA 454954, Dated: 20.11.2025, I am the deponent of this affidavit. That, for and on behalf of myself I wholly renounce, relinquish and abandon the use of my former name of Jayabun Nisha and in place thereof do assume from the date hereof the name of JAIBUN NISHA and as that I may thereafter be called, known and distinguished not by my former name of Jayabun Nisha but by my assumes name of JAIBUN NISHA. That, I expressly authorise and request all persons at all times to designate and address me and my wife/husband and children and remoter issue by such assumed name of JAIBUN NISHA accordingly. That, all the facts stated above are true to the best of my knowledge and belief. That, I am the deponent of this affidavit.


## ଭାଗବତ ସପ୍ତାହ ଉଦ୍‌ଯାପିତ

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା ବ୍ଲକ ଅନ୍ତର୍ଗତ ଖେଲାର ନିକଟସ୍ଥ ମଣି ମହାବୀରଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଗଶୀରମାସ ଗୁରୁବାର କୃଷ୍ଣନବମୀ ଗତ ୧୩ ତାରିଖ ଠାରୁ ଶ୍ରୀମଦ୍ ଭାଗବତ ସପ୍ତାହ ଆରମ୍ଭ ହୋଇ ଦେବ ଦୀପାବଳୀ ୧୯ ତାରିଖଦିନ ସମାପିତ ହୋଇଯାଇଛି । ପ୍ରବକ୍ତା ଶିକ୍ଷାବିତ୍ ଶିବଶଙ୍କର ଦାସ ଯୋଗଦେଇ ପ୍ରଥମ ସ୍କନ୍ଧରୁ ଦ୍ୱାଦଶସ୍କନ୍ଧ ପର୍ଯ୍ୟନ୍ତ ପାରାୟଣ ପାଠ କରାଯିବା ସହିତ ଭାଗବତ କଥାମୃତ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ତରଫରୁ ପ୍ରବକ୍ତା ଶ୍ରୀ ଦାସଙ୍କୁ "ମଣି ମହାବୀର ସେବା ସମ୍ମାନ"ରେ ବାବା ବୈକୁଣ୍ଠ ନାଥ ଦାସ ମହାରାଜଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା । ହରିଦ୍ୱାରରୁ ଆସିଥିବା ବେଦଗୁରୁ ଅଭିନନ୍ଦନ ମିଶ୍ର ଆଶ୍ରିବଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ ଯୋଗଦେବା ସହ ଶ୍ରୀଶ୍ରୀ ରଘୁନାଥ ସେବାଶ୍ରମ କମିଟ ସଦସ୍ୟମାନେ ପରିଚାଳନା କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେଇ ଭାଗବତମୃତ ପାନ କରିଥିଲେ ।


### NORTH EASTERN DEVELOPMENT FINANCE CORPORATION LTD

NEDFi House, G.S. Road, Dispur, Guwahati – 781006, Ph: 91 361 222 22 00, Fax: +91 361 223 77 33 / 223 77 34

**NOTICE FOR INVOCATION OF PERSONAL GUARANTEE**

Under rule 7(1) of the Insolvency and Bankruptcy (Application to Adjudication Authority for Insolvency Resolution Process of Personal Guarantors to Corporate Debtors) Rules, 2019]

**To,** **Date: 13.11.2025**

| | |
|---|---|
| **SRI UMESH SENAPATI**<br>**Personal Guarantor to NAYAK INFRASTRUCTURE PRIVATE LIMITED**<br>(Son of Sri Naba Kishore Senapati) Swarupananda Road, Lumding, District: Nagaon, Assam-782447. | |
| **Alternative Address**<br>**SRI UMESH SENAPATI,** Maitri Vihar, D 47 , Bhubaneswar, Sikh Temple, PS: Maitri Vihar. | **Alternative Address**<br>**SRI UMESH SENAPATI,** Unit 3B, MD Shah Road, Paltan Bazaar, Guwahati, Assam, Pin: 781008. |

**Subject: Notice of Invocation of Personal Guarantee.**

Dear Sir/Madam,

This notice is to formally inform you that as a personal guarantor for the loan facilities provided by NORTH EASTERN DEVELOPMENT FINANCE CORPORATION LIMITED (NEDFi), NEDFi House, Dispur, G.S. Road, Guwahati-781006, District-Kamrup (M), Assam to **M/S Nayak Infrastructure Private Limited,** we are hereby invoking the personal guarantees you executed on **14.10.2014** as per terms and conditions of the said Guarantee Agreements.

We have not received the outstanding amount from the Principal/Corporate Debtor, **M/S Nayak Infrastructure Private Limited,** despite our efforts. Therefore, under the terms of the guarantee agreement, we are demanding full payment from you for the outstanding debt.

**Details of the debt: Total debt as on 13.11.2025 in WCTL-I stands at Rs.4,28,00,236/- (Rupees Four Crores Twenty-Eight Lakhs Two Hundred and Thirty Six only) with interest (Principal: Rs.1,05,56,676/- and Interest: Rs.3,22,43,560/-).**

Original loan/facility details: The Corporate/ Principal Debtor had availed a WCTL (Working Capital Term Loan) of Rs. 500.00 Lakhs vide Sanction Letter dated 11.09.2014.

**Date of default: 29.02.2020 (classified as NPA)**

**Amount of default: Rs.1,46,86,690/- (Rupees One Crore Forty Six Lakhs Eighty-Six Thousand Six Hundred and Ninety only).**

Original guarantee agreement: Guarantee Agreement dated 14.10.2014 for Rs. 500.00 Lakhs.

We require full payment of the outstanding amount of **Rs.4,28,00,236/- (Rupees Four Crores Twenty-Eight Lakhs Two Hundred and Thirty Six only) as on 13/11/2025** within 7 (Seven) days from the date of this notice. Please remit the payment to the following account: **Name: North Eastern Development Finance Corporation Limited, Bank: State Bank of India, Branch: GMC Branch, Guwahati, Account no.: 10055610554, IFSC: SBIN0007700 with further interest, cost and charges.**

Failure to adhere to the terms and conditions of the above mentioned Guarantee Agreements and to make the payment within the stipulated time will result in further legal action being taken against you to recover the amount due, which may include the initiation of insolvency proceedings under the Insolvency and Bankruptcy Code, 2016.

**You may contact SHRI SATYAJIT NATH, Assistant General Manager (Legal), Stressed Assets Management Department, NEDFi] at 98540 28205 and or in his Email address: satyajit@nedfi.com for any clarifications or to discuss payment arrangement.**

**S/d- Asst. General Manager (Legal)**
**Stress Asset management Department (SAMD)**


## କୃତ୍ରିମ ବୁଦ୍ଧିମତ୍ତା ପାଇଁ ଲୋଡ଼ା ନୀତିଗତ ନିୟମାବଳୀ

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ହାଇବ୍ରିଡ୍ ଇଣ୍ଟେଲିଜେନ୍ସ ସମ୍ମିଳନୀ 'ହିଟା-୨୦୨୫'

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ମାନବ ବୁଦ୍ଧିମତ୍ତା ଓ କୃତ୍ରିମ ବୁଦ୍ଧିମତ୍ତା ପରସ୍ପର ପରିପୂରକ। ତେବେ ଏହାକୁ ଅସତ୍ କାମରେ ବ୍ୟବହାର ନ କରି ସମାଜର ସାମୂହିକ କଲ୍ୟାଣରେ ବ୍ୟବହାର କରିବା ଉଚିତ୍। କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଗୁରୁବାର ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ "ହାଇବ୍ରିଡ୍ ଇଣ୍ଟେଲିଜେନ୍ସ, ଥିଓରିଜ୍ ଆଣ୍ଡ ଆପ୍ଲିକେସନ୍ସ" ବା ହିଟା-୨୦୨୫ ସମ୍ମିଳନୀ ଉଦଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପକ୍ଷରୁ ନଭେମ୍ବର ୨୦ ଓ ୨୧ ତାରିଖ ଦୁଇଦିନ ଧରି ଏହି ସମ୍ମିଳନୀ ଆୟୋଜିତ ହେଉଛି। ଏଥିରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର କିଭଳି କରାଯିବ, ସେ ସମ୍ପର୍କରେ ଆଲୋଚନା କରାଯିବା ସହ ଏଥିପାଇଁ କୌଣସି ଏଥିକ୍ସ ବା ନୀତି ନିର୍ଦ୍ଧାରଣ ହୋଇ ନ ଥିବାରୁ କିପରି ବିଧିବଦ୍ଧ ଭାବରେ ସେଥିପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ହେବା ଆବଶ୍ୟକ, ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଏଥିସହ ୨୦ ତାରିଖଠାରୁ 'ସ୍ମାର୍ଟ ଡ୍ରୋନ୍: ଅଟୋନମି, ସେନସିଂ ଆଣ୍ଡ୍ ଆପ୍ଲିକେସନ୍' ନାମକ ଏକ ପାଞ୍ଚଦିନିଆ ବୁଟ୍ କ୍ୟାମ୍ପ ମଧ ଆୟୋଜନ କରାଯାଇଛି।

କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ସମ୍ବୋଧିତ କରିଥିଲେ। ଏନ୍‌ଆଇଟି ଜଳନ୍ଧରରୁ ଆସିଥିବା ପ୍ରଫେସର ଡ଼ଃ ଓ.ପି. ବର୍ମା ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କିଭଳି ଯାନ୍ତିକ ବୁଦ୍ଧିମତ୍ତା (ଏମ୍‌ଆଇ)କୁ ଏବଂ ଯାନ୍ତିକ ବୁଦ୍ଧିମତ୍ତା କିଭଳି ସମାଜର ହିତ ସାଧନ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି, ସେକଥା ବୁଝାଇ କହିଥିଲେ। ହିଟା-୨୦୨୫ ପକ୍ଷରୁ ଡ଼ଃ ତରୁଣ କୁମାର ଶର୍ମା ଏ.ଆଇ. ଟେକ୍ନୋଲୋଜିର ବିବିଧତା ସମ୍ପର୍କରେ ବ୍ୟାଖ୍ୟା କରିବାକୁ ଯାଇ କହିଥିଲେ, ମାନବ ବୁଦ୍ଧିମତ୍ତା ଓ କୃତ୍ରିମ ବୁଦ୍ଧିମତ୍ତା ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି, ପରସ୍ପର ସହାୟକ। ଆଇଟ୍ରିପଲ୍‌ଇ-କମ୍ପ୍ୟୁଟର ସୋସାଇଟି ଅଫ୍ ଇଣ୍ଡିଆର ଅଧକ୍ଷ ଡ଼ଃ ଏଚ୍. କେ. ରଥ ସାଧାରଣ କୃତ୍ରିମ ବୁଦ୍ଧିମତ୍ତା (ଏଜିଆଇ), ଅଗମେଣ୍ଟେଡ୍ ଏ.ଆଇ, ଟୁଲ୍ସ ଆଣ୍ଡ ପଲିସିଜ୍ ଅଫ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଦିକୁ ନେଇ ସାରଗର୍ଭକ ଅଭିଭାଷଣ ରଖିଥିଲେ । ଏଥିସହ କୃତ୍ରିମ ବୁଦ୍ଧିମତ୍ତାକୁ କନେକ୍ଟ-କୋଲାବରେଟ୍-ଇନୋଭେଟିଭ୍ (ସିସିଆଇ) କ୍ଷେତ୍ରରେ ବହୁଳ ବ୍ୟବହାର କରିବା ସପକ୍ଷରେ ମତ ରଖିଥିଲେ। ଆଇଆଇଟି, ଭୁବନେଶ୍ୱରର ପ୍ରଫେସର ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ସମ୍ମିଳନୀର ବିଷୟବସ୍ତୁ କିଭଳି ଯୁଗୋପଯୋଗୀ ହୋଇପାରିଛି, ସେକଥା ବର୍ଣ୍ଣନା କରିବା ସହ ଆଲଗୋରିଦମ୍ ମାନବ ମସ୍ତିଷ୍କକୁ କବଳିତ କରି ନ ବସୁ ବୋଲି ଆଶଙ୍କା ପ୍ରକଟ କରିଥିଲେ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼ଃ ତେଜପ୍ରତାପ ଶିକ୍ଷାକ୍ଷେତ୍ରରେ କିଭଳି କୃତ୍ରିମ ବୁଦ୍ଧିମତ୍ତା ଜାଲ ସଦୃଶ ଛାଇଗଲାଣି, ସେକଥା କହିବାକୁ ଯାଇ ଉଦାହରଣ ଛଳରେ ଗୋଟିଏ ଗୋଟିଏ ଥେସିସ୍ ପେପରରେ କିଭଳି ୯୭ ପ୍ରତିଶତ ପର୍ଯ୍ୟନ୍ତ ପ୍ଲାଗିଆରିଜିମ୍ ରହୁଛି, ସେକଥା କହି କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର ଓ ଏହାର ମାରାତ୍ମକ କୁପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ।




ପ୍ରାରମ୍ଭରେ ଫ୍ୟାକଲ୍ଟି ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ବିଭାଗର ଡିନ୍ ପ୍ରଫେସର ଡ଼ଃ ଆର୍. ଏନ୍. ଶତପଥୀ ଅତିଥି ବକ୍ତାମାନଙ୍କୁ ସ୍ୱାଗତ କରିଥିଲେ। ଏଭଳି ଏକ ଅଭିନବ ଆୟୋଜନର ସଫଳତା ପାଇଁ ବିଭାଗୀୟ ଆସୋସିଏଟ୍ ପ୍ରଫେସର ତଥା କାର୍ଯ୍ୟକ୍ରମର ଆବାହକ ଡ. ସତ୍ୟଜିତ ପଟ୍ଟନାୟକ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଭଳି ସମୟୋପଯୋଗୀ ସମ୍ମିଳନୀର ଆୟୋଜନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଆୟୋଜକମାନଙ୍କ ସହ ଛାତ୍ରଛାତ୍ରୀଙ୍କୁ ଭୂୟସୀ ପ୍ରଶଂସା

ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 21st November, 2025 Friday | RNI Regd. No. ODIODI/2009/28880

## ଅଙ୍ଗୁଳି ଉପାଖ୍ୟାନ

ହେଲ୍‌ଥ



ଟନିକ୍

ପୁରୁଷ ବିରୋଧୀ ମହିଳା ସଂଘର ବାର୍ଷିକ ଉତ୍ସବରେ ଜଣେ ଯୁବତୀ ଉଚ୍ଚ ସ୍ୱରରେ ଭାଷଣ ଦେଉଥାନ୍ତି- ଭଉଣୀ ଆଉ ନୁହେଁ। ଏହି ଏକତରଫା ଆନନ୍ଦରେ ଆମେ ଆଉ ସାମିଲ ହୋଇପାରିବୁ ନାହିଁ। ଆମକୁ ସେମାନେ ବିଛଣାର କଣ୍ଢେଇ ବୋଲି ଭାବୁଛନ୍ତି। ଯେତେବେଳେ ଇଚ୍ଛା ଉପଭୋଗ କର ତା'ପରେ ଫୋପାଡ଼ିଦିଅ। ପୁରୁଷର ସୁଖ ପାଇଁ ଆମେ କାହିଁକି ଜୀବନକୁ ବରବାଦ କରିବା ? ସେମାନେ ଆନନ୍ଦ କରୁଛନ୍ତି, ଆମେମାନେ ଅପବାଦ ମୁଣ୍ଡେଇ ବୁଲୁଛୁ। ଏବେଠୁ ବିରୋଧ କରନ୍ତୁ। ଏହି ଏକତରଫା ଆନନ୍ଦରେ ଝାସ ଦିଅନ୍ତୁ ନାହିଁ। ଆମ ସଂଘରେ ସାମିଲ ହୋଇ ପୁରୁଷମାନଙ୍କ ଏହି ଭୋଗୀ ମନୋଭାବର ଦୃଢ଼ ବିରୋଧ କରନ୍ତୁ।

ଉକ୍ତ ମହିଳାଙ୍କ ଭାଷଣ ଚାଲିଥିବା ବେଳେ ସେହି ବାଟ ଦେଇ ଯାଉଥିବା ଜଣେ ଯୁବ ସନ୍ନ୍ୟାସୀଙ୍କ କାନରେ ଏହି ଯୁବତୀଙ୍କ ଭାଷଣ ଯେମିତି ବାଜିଛି ସେ ଯୁବତୀଙ୍କ ଭାଷଣ ସରିବା ପରେ ମଞ୍ଚ ଉପରକୁ ଉଠିଗଲେ। ମାଇକ୍ ସାମ୍ନାରେ କିଛି ସମୟ ଠିଆ ହୋଇ ତଳେ ବସିଥିବା ମହିଳାଙ୍କ ଉପରେ ଦୃଷ୍ଟି ପକାଇଲେ। ଦେଖିଲେ ଆଗଧାଡ଼ିରେ ଜଣେ ସୁନ୍ଦରୀ ବସି କାନ କୁଣ୍ଡାଉଛନ୍ତି। ସନ୍ନ୍ୟାସୀ ସେ ମହିଳାଙ୍କୁ ମଞ୍ଚ ଉପରକୁ ଆସିବାକୁ କହିଲେ। ସୁନ୍ଦରୀ ମଞ୍ଚ ଉପରକୁ ଆସିବା ପରେ ସନ୍ନ୍ୟାସୀ ତାଙ୍କୁ ପଚାରିଲେ- ଭଉଣୀ, କିଛି ସମୟ ପୂର୍ବରୁ ତମେ କ'ଣ କରୁଥିଲ ?

ଯୁବତୀ ସହଜରେ କହିଲେ- କାନ କୁଣ୍ଡାଉଥିଲି।

- କେଉଁଥିରେ କୁଣ୍ଡାଉଥିଲ ?

- ମୋ କାଣି ଆଙ୍ଗୁଠି ସାହାଯ୍ୟରେ।

ଏବେ ସନ୍ନ୍ୟାସୀ ପଚାରିଲେ- କାନ କୁଣ୍ଡାଇବାବେଳେ ତମ କାନରେ କଷ୍ଟ ହେଉଥିଲା କି ?

ଯୁବତୀ ଅଳ୍ପ ହସି କହିଲେ- କାନକୁ କଷ୍ଟ ହେବ କାହିଁକି ? ବରଂ ଭଲ ଲାଗୁଥିଲା।

ସନ୍ନ୍ୟାସୀ ଏବେ ଉପସ୍ଥିତ ମହିଳାମାନଙ୍କୁ ଚାହିଁ କହିଲେ- ମା'ମାନେ ଦେଖିଲେ ତ ? ଆଙ୍ଗୁଠିର କିଛି ପ୍ରାପ୍ତି ନାହିଁ। ସେ ତା'ର କେବଳ କର୍ତ୍ତବ୍ୟ ସଂପାଦନ କରୁଛି। କାନ ହିଁ ଅସଲରେ ଆଙ୍ଗୁଠିର ଆଚରଣରେ ଖୁସି ହେଉଛି। ଏହି ଏକତରଫା ଆନନ୍ଦରେ ଭାଗିଦାର କିଏ ? କାନ ନା ଆଙ୍ଗୁଠି ?

ସମବେତ ମହିଳା ଉଚ୍ଚସ୍ୱରରେ କହିଲେ- କାନ।

ସନ୍ନ୍ୟାସୀ ମିଠା ହସି ପଚାରିଲେ- ଏ କାନ କିଏ ?

ସମସ୍ତେ ନିରୁତ୍ତର। ସଭାସ୍ଥଳରେ ଅଖଣ୍ଡ ନିରବତା।

# ଜିଲ୍ଲାସ୍ତରୀୟ ଅଭିଯୋଗର ଫଏସଲା ୩୦ଦିନରେ ନିଶ୍ଚିତ କରିବା ବାଧ୍ୟତାମୂଳକ

ଭୁବନେଶ୍ୱର,୨୦।୧୧: ତଥ୍ୟ

ସାଧାରଣ ଲୋକେ ଓ ସରକାରୀ କର୍ମଚାରୀମାନେ ସେମାନଙ୍କ ସୁବିଧା ଅସୁବିଧା ସଂକ୍ରାନ୍ତରେ କର୍ତ୍ତୃପକ୍ଷଙ୍କ ନିକଟରେ ଆଣୁଥିବା ଅଭିଯୋଗଗୁଡିକ ଉପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ କରାଗଲେ ରାଜ୍ୟରେ ମାମଲା ସଂଖ୍ୟା ହ୍ରାସ ପାଇବ। ଏକଥା ଓଡିଶା ସରକାର ତାଙ୍କର ମାମଲା ନୀତିରେ ସ୍ପଷ୍ଟ କରିଦେଇଛନ୍ତି।

କେବଳ ସେତିକି ନୁହେଁ, କେଉଁ ସ୍ତରରେ କେତେଦିନ ଭିତରେ ଅଭିଯୋଗର ଫଏସଲା ହେବ ତାହାର ମଧ୍ୟ ସୀମା ନିର୍ଦ୍ଧାରଣ କରାଯିବା ସହିତ ରାଜ୍ୟ ସରକାରଙ୍କ ଜନଶୁଣାଣି ପୋର୍ଟାଲକୁ ଅଧିକ ସୁଦୃଢ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ଅଭିଯୋଗଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଯେଉଁସବୁ ଦପ୍ତରକୁ ନିର୍ଦ୍ଦେଶ ଦିଆଯାଇଛି ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହା ଉପରେ ଫଏସଲା କରିବାକୁ କୁହାଯାଇଛି।

ଯେ କୌଣସି ବ୍ୟକ୍ତି ଓ ସରକାରୀ କର୍ମଚାରୀ ସେମାନଙ୍କ ସମସ୍ୟା ସଂକ୍ରାନ୍ତରେ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ ଦରଜ କରିପାରିବେ । ଏହାଛଡା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ବିଧି ବ୍ୟବସ୍ଥାନୁଯାୟୀ ମଧ୍ୟ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇବାର ବ୍ୟବସ୍ଥା ହୋଇଛି। ଏଥିଲାଗି ପ୍ରତ୍ୟେକ ବିଭାଗରେ ଜଣେ ଜଣେ ଅଧିକାରୀଙ୍କୁ ନୋଡାଲ ଅଫିସର ଭାବେ ମଧ୍ୟ ନିଯୁକ୍ତି ଦେବାକୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇଛି।

ସରକାରୀ ବ୍ୟବସ୍ଥା ମୁତାବକ ସବଡିଭିଜନ ଓ ଜିଲ୍ଲା ସ୍ତରରେ ଆସୁଥିବା ଅଭିଯୋଗୁଡିକର ଫଏସଲା ୩୦ଦିନ ମଧ୍ୟରେ ନିଶ୍ଚିତ କରିବା ବାଧ୍ୟତାମୂଳକ । ସେହିଭଳି ତଳସ୍ତରରେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନହେଲେ ସମ୍ପୃକ୍ତ ବ୍ୟକ୍ତିବିଶେଷ ଓ କର୍ମଚାରୀ ରାଜ୍ୟ ସ୍ତରରେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ ଏବଂ ୪ସପ୍ତାହ ମଧ୍ୟରେ ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଅଭିଯୋଗକାରୀଙ୍କ ଅଭିଯୋଗ ଯଦି ଆଇନ୍‌ର ପରିସର ଭିତରେ ସମାଧାନ ଯୋଗ୍ୟ ତେବେ ସମ୍ପୃକ୍ତ ଅଧିକାରୀ ତୁରନ୍ତ ତାହା ଉପରେ ସକରାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଯଦି କାହାର ଦାବି କିମ୍ବା ଅଭିଯୋଗ ଆଇନାନୁଯାୟୀ ଗ୍ରହଣୀୟ ନୁହେଁ ତେବେ ଉପଯୁକ୍ତ କାରଣ ଦର୍ଶାଇ ଅଭିଯୋଗକାରୀଙ୍କୁ ମଧ୍ୟ ସମ୍ପୃକ୍ତ ଅଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସୂଚନା ପ୍ରଦାନ କରିବାକୁ ଏକ ପ୍ରକାର ବାଧ୍ୟ । ଏ କ୍ଷେତ୍ରରେ ଯେଉଁମାନେ ତ୍ରୁଟିବିଚ୍ୟୁତି କରିଥିବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଲାଗି ବି ରାଜ୍ୟ ସରକାର ସ୍ପଷ୍ଟ କରିଦେଇଛନ୍ତି।

ଅଭିଯୋଗ ଶୁଣାଣି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ପ୍ରତି ବିଭାଗରେ ଯୁଗ୍ମ ସଚିବ କିମ୍ବା ତଦୁର୍ଦ୍ଧ ପାହ୍ୟାର ଅଧିକାରୀଙ୍କୁ ନୋଡାଲ ଗ୍ରିଭାନ୍ସ ଅଫିସର ଭାବେ ନିଯୁକ୍ତ କରିବା ସହିତ ତାଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ ଆବଶ୍ୟକୀୟ କର୍ମଚାରୀ ଓ ଅନ୍ୟାନ୍ୟ ଭିତ୍ତିଭୂମି ଯୋଗାଇଦେବାକୁ ମଧ୍ୟ କୁହାଯାଇଛି।

କ୍ଷେତ୍ରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ପ୍ରତି ସୋମବାର ଦିନ ଅଭିଯୋଗ ଶୁଣାଣି ଓ ଗ୍ରହଣର ବ୍ୟବସ୍ଥା ଅଛି । ଜଣେ ପଦସ୍ଥ ଅଧିକାରୀ କହିଛନ୍ତି ଯେ ଏବେ ରାଜ୍ୟରେ ମାମଲା ସଂଖ୍ୟା ପାଖାପାଖି ୨୨ଲକ୍ଷରେ ପହଞ୍ଚିଲାଣି। ଏଥିଯୋଗୁଁ ବିଚାରାଳୟଗୁଡିକରେ ବହୁ ସମୟ ମଧ୍ୟ ଦେବାକୁ ପଡୁଛି। ଅଭିଯୋଗ ଶୁଣାଣି ବ୍ୟବସ୍ଥା ତ୍ୱରାନ୍ୱିତ ହେଲେ ଆଇନ୍ ଅଦାଲତକୁ ଅଧିକ ମାମଲା ଯିବନାହିଁ ଏବଂ ଯେଉଁ କ୍ଷେତ୍ରରେ ଅଭିଯୋଗକାରୀଙ୍କ ଦାବିକୁ ଯୁକ୍ତିଯୁକ୍ତ କାରଣ ସହିତ ଅଗ୍ରାହ୍ୟ କରାଯାଇଥିବ ତାହାକୁ ସହଜରେ ଅଦାଲତରେ ମଧ୍ୟ ସରକାରଙ୍କ ପକ୍ଷରୁ ଲଢି ହେବ।

କେତେକ ମାମଲାରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ସରକାରୀ କର୍ମଚାରୀମାନେ ଆଖିବୁଜା ଆଇନ୍ ଅଦାଲତକୁ ଦଉଡିବା ପରିବର୍ତ୍ତେ ପ୍ରଥମେ ସେମାନଙ୍କ ସମସ୍ୟା କର୍ତ୍ତୃପକ୍ଷଙ୍କ ନଜରକୁ ଆଣିବା ଦରକାର ଏବଂ ଏହାର ସମାଧାନ କରିବାରେ ଯଦି ଅହେତୁକ ବିଳମ୍ବ ଘଟେ କିମ୍ବା କର୍ତ୍ତୃପକ୍ଷ ତାଙ୍କ ଆବେଦନକୁ ନାକଚ କରିଦିଅନ୍ତି ସେ କ୍ଷେତ୍ରରେ ସେମାନେ ଆଇନ୍ ଅଦାଲତର ଆଶ୍ରୟ ନେଇପାରିବେ।

# ଦ୍ୱିତୀୟ ଟେଷ୍ଟ ପାଇଁ ରିଷଭ ଅଧିନାୟକ



ଗୌହାଟୀ,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ଭାରତୀୟ କ୍ରିକେଟ ଦଳର ଅଧିନାୟକ ଶୁଭମନ ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ରିଷଭ ପନ୍ତ ଅଧିନାୟକ ଦାୟିତ୍ୱ ତୁଲାଇବେ। କୋଲକାତା ଟେଷ୍ଟରେ ଭାରତ ହାରିବା ପରେ ଏବେ ଗୌହାଟୀ ମୁକାବିଲା ଉପରେ ସମସ୍ତଙ୍କ ନଜର ରହିଛି। ସିରିଜ ବଂଚାଇବାକୁ ଏବଂ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପରେ ସ୍ଥିତି ସୁଧାରିବା ପାଇଁ ଭାରତକୁ ଏହି ମ୍ୟାଚରେ ବିଜୟ ଜରୁରୀ ହୋଇ ପଡିଛି। ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ଗିଲ ବ୍ୟାଟିଂ କରୁଥିବା ବେଳେ ବେକରେ ଆଘାତ ପାଇଥିଲେ। ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେ ଦ୍ୱିତୀୟ ଇନିଂସରେ ମଧ୍ୟ ବ୍ୟାଟିଂ କରିବାକୁ ଆସି ନ ଥିଲେ।

ସେଠାରେ ସେ ସୁସ୍ଥ ହେବା ପରେ ଦ୍ୱିତୀୟ ଟେଷ୍ଟରେ ଖେଳିବେ ବୋଲି ଆଶା କରାଯାଉଥିଲା। ମାତ୍ର ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ବିଶ୍ରାମ ଦିଆଯାଇଛି। ଏବେ ଗିଲଙ୍କ ସ୍ଥାନରେ ଚୂଡାନ୍ତ ଏକାଦଶରେ ସାଇ ସୁଦର୍ଶନ କିମ୍ବା ନୀତିଶ କୁମାର ରେଡ୍ଡୀଙ୍କୁ ସୁଯୋଗ ମିଳିପାରେ ବୋଲି ଜଣାପଡ଼ିଛି।

# ଶୀତ ଦିନରେ ଘାରିଲାଣି ବାତ୍ୟା ଭୟ: ୪ଦିନ ପ୍ରବଳ ବର୍ଷା !

ଭୁବନେଶ୍ୱର,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ଶୀତଦିନରେ ଘାରିଲାଣି ବର୍ଷାର ଭୟ। ଶନିବାର ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆସୁଛି ଲଘୁଚାପ। ଯଦିଓ ବାତ୍ୟା ନେଇ କୌଣସି ସ୍ପଷ୍ଟ ସୂଚନା ଆସିନାହିଁ, ତେବେ ଲଘୁଚାପ ପ୍ରଭାବରେ ଉପକୂଳ ଓ ଦକ୍ଷିଣ ଓଡିଶାରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ବଙ୍ଗୋପସାଗରରେ ଆଜି ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ୨୨ ତାରିଖ ବେଳକୁ ଲଘୁଚାପ, ୨୪ରେ ଅବପାତ ଓ ପରବର୍ତ୍ତୀ ୩ ଦିନ ମଧ୍ୟରେ ଅଧିକ ଘନୀଭୂତ ହେବା ପାଇଁ ପାଗ ଅନୁକୂଳ ରହିଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଘନୀଭୂତ ହୋଇ ଦକ୍ଷିଣ ବଙ୍ଗୋପସାଗରରେ ବାତ୍ୟାର ରୂପ ନେବା ସମ୍ଭାବନା ରହିଛି।



ବାତ୍ୟାର ସମ୍ଭାବ୍ୟ ଗତିପଥ ନେଇ କୌଣସି ସ୍ପଷ୍ଟତା ଏବେ ସୁଦ୍ଧା ପାଣିପାଗ ବିଭାଗ ସ୍ପଷ୍ଟ କରିନାହିଁ। ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ ଅନୁସାରେ, ସମ୍ଭାବ୍ୟ ବାତ୍ୟା ଓଡିଶାରେ ସିଧାସଳଖ ମାଡ ହୋଇନପାରେ। ଏହାର ପ୍ରଭାବରେ ୩-୪ଦିନ ପ୍ରବଳ ବର୍ଷା ହୋଇପାରେ। ବାତ୍ୟାର ପ୍ରଭାବ ଆନ୍ଧ୍ର ଓ ତାମିଲନାଡୁ ଉପରେ ପଡିବା ସମ୍ଭାବନା ଅଧିକ। ରାଜ୍ୟରେ କେବଳ ଦକ୍ଷିଣ ଓ ଉପକୂଳ ଓଡିଶାରେ ପ୍ରବଳ ବର୍ଷା ହୋଇପାରେ।

ବିଲରେ ଏବେ ଅଧା ପାଚିଲା ଧାନ ପଡିଛି। ଦିନ କେଇଟା ମଧ୍ୟରେ ଅମଳ ହେବ। ଆଉ ସମ୍ଭାବ୍ୟ ବର୍ଷାକୁ ନେଇ ଉପକୂଳର ଚାଷୀ ଛାନିଆ ହୋଇଛନ୍ତି। ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ମହୁରା ପଂଚାୟତ ବାଗଲପୁର ସମେତ ଆଖପାଖ ଅଂଚଳରେ ୭ଶହ ଏକରରୁ ଅଧିକ ଧାନ ଫସଲ କରିଛନ୍ତି। ଆଉ ବର୍ଷା ଖବର ଶୁଣି ଚାଷୀ ଛାନିଆ ହୋଇଛନ୍ତି। ଅସ୍ତରଙ୍ଗ ଏବଂ କାକଟପୁରରେ ଚାଷୀ ସେମାନଙ୍କ ଧାନ ଫସଲ କାଟିବା ଆରମ୍ଭ କରିଛନ୍ତି। ବର୍ଷା ଓ କୋହଲାପାଗ ଧାନ ଫସଲକୁ ଉଜାଡିଦେବାର ଭୟ ସୃଷ୍ଟି କରିଛି। ଲଘୁଚାପର ପ୍ରଭାବ କେତେ ରହିବ, ବାତ୍ୟାର ରୂପ ନେବା ନା ନାହିଁ ସେନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିନାହିଁ। କିନ୍ତୁ ଉପକୂଳରେ ବର୍ଷାକୁ ନେଇ ଚାଷୀଙ୍କ ଚିନ୍ତା ବଢିଯାଇଛି।

### ଏସସିବିରେ ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥା ଆଟେଣ୍ଡାଣ୍ଟଙ୍କ ଦବଙ୍ଗଗିରି

# ସିକ୍ୟୁରିଟି ଗାର୍ଡକୁ ଅପହରଣ କରି ଆକ୍ରମଣ

କଟକ,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ଏସସିବିରେ ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥା ଆଟେଣ୍ଡାଣ୍ଟଙ୍କ ଦବଙ୍ଗଗିରି । ନିରାକାର ସଂସ୍ଥାର ଜଣେ ସିକ୍ୟୁରିଟି ଗାର୍ଡ଼କୁ ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥାର ଜଣେ କର୍ମଚାରୀ ମେଡ଼ିକାଲରୁ ଅପହରଣ କରି ମରଣାତ୍ମକ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏହାଛଡ଼ା ସଂପୃକ୍ତ ସିକ୍ୟୁରିଟି ଗାର୍ଡ଼କୁ କଟକରୁ ୫୦ କିଲୋମିଟର ଦୂରରେ ମୁମୂର୍ଷୁ ଅବସ୍ଥାରେ ଛାଡ଼ି ପଳେଇ ଆସିଥିବା ନେଇ ମେଡ଼ିକାଲ ଫାଣ୍ଡିରେ ଏତଲା ଦେବା ପରେ ଆହତ ସିକ୍ୟୁରିଟି ଗାର୍ଡ଼କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ନିରାକାର ସଂସ୍ଥାର ସିକ୍ୟୁରିଟି ଗାର୍ଡ଼ ଚିତ୍ତ ରଂଜନ ବରାଳଙ୍କ ଥାନାରେ ଅଭିଯୋଗ ଅନୁଯାୟୀ, ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥାର କର୍ମଚାରୀ ସଂଗ୍ରାମ ସିଂ ଓ ତାଙ୍କର ୨ ଜଣ ସହଯୋଗୀ ନିରାକାର ସଂସ୍ଥାର ସିକ୍ୟୁରିଟି ଗାର୍ଡ଼ ଚିତ୍ତ ରଂଜନ ବରାଳକୁ ଛୁରୀ ଓ ବନ୍ଧୁକ ଦେଖାଇ ଗତକାଲି ବିଳମ୍ବିତ ରାତିରେ ଅପହରଣ କରିନେଇଥିଲେ । ପରେ କଟକ ଠାରୁ ୫୦ କିଲୋମିଟର ଦୂର ଏକ ଜଙ୍ଗଲିଆ ସ୍ଥାନରେ ସିକ୍ୟୁରିଟି ଗାର୍ଡ଼କୁ ନେଇ ମରାଣାତ୍ମକ ଆକ୍ରମଣ କରି ପୋଖରୀକୁ ଫୋପାଡ଼ି ଦେଇଥିଲେ । ସୌଭାଗ୍ୟବଶତଃ ସିକ୍ୟୁରିଟି ଗାର୍ଡ଼ ପୋଖରୀରୁ ଉଠି ଏକ ସିମେଣ୍ଟ ଗାଡ଼ି ଯୋଗେ କଟକରେ ପହଞ୍ଚିଥିଲେ । ଏହାପରେ ପୀଡ଼ିତ ଚିତ୍ତରଂଜନ ମଂଗଳାବାଗ ଫାଣ୍ଡିରେ ଏ ନେଇ ଏକ ଏତଲା ଦେଇଥିଲେ। ପରେ ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏ ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି । ଅପର ପକ୍ଷରେ ଏସସିବି



କର୍ତ୍ତୃପକ୍ଷ ଏହି ଘଟଣା ଉପରେ ପ୍ରାଥମିକ ପଚରା ଉଚରା ଆରମ୍ଭ କରିଥିବା ଜଣା ପଡ଼ିଛି । ଏହି ଘଟଣାରେ ବ୍ୟକ୍ତିଗତ ଶତ୍ରୁତା କାରଣ ହୋଇପାରେ ବୋଲି ପୋଲିସ ଅନୁମାନ କରୁଛି । ଆସନ୍ତା ଦିନରେ ଏପରି ଘଟଣାର ଯେପରି ପୁନରାବୃତ୍ତି ନଘଟେ, ତା ଉପରେ ନଜର ରହିବ ବୋଲି ଏସସିବି ଡେପୁଟି ଅଧିକ୍ଷକ ଡା ଜ୍ୟୋତିର୍ମୟ ନାୟକ କହିଛନ୍ତି । ସୂଚନାଯୋଗ୍ୟ, ୨ ଦିନ ତଳେ ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥାର ଜଣେ ଆଟେଣ୍ଡାଣ୍ଟ ଅସଦାଚରଣର ଅଭିଯୋଗ ଆସିଥିଲା। ଏହି ଘଟଣାରେ ପୀଡ଼ିତା ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ପରେ ସଂପୃକ୍ତ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ବାରମ୍ବାର ଏଭଳି ଘଟଣା ଘଟୁଥିଲେ ସୁଦ୍ଧା ଏସସିବି କର୍ତ୍ତୃପକ୍ଷ ମଞ୍ଜୁଶ୍ରୀ ଆଉଟସୋର୍ସିଂ ସଂସ୍ଥା ବିରୋଧରେ କାହିଁକି ଦୃଢ଼ ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ପ୍ରଥମ ପୃଷ୍ଠାରୁ...

### ନୀତିଶ ୧୦ମଥର...

ଏହି ସଂଖ୍ୟା ସରକାରଙ୍କ ସବୁ ବଡ଼ ନିଷ୍ପତ୍ତିରେ ବିଜେପିର ନିର୍ଣ୍ଣାୟକ ଭୂମିକା ସୁନିଶ୍ଚିତ କରିବ। ଏଣୁ ନିତିଶ କୁମାରଙ୍କ ଲାଗି ପିଛିଲା କାର୍ଯ୍ୟକାଳ ତୁଳନାରେ ଏଥରର କାର୍ଯ୍ୟକାଳ ଶାସନ କରିବା ଅଧିକ ଚ୍ୟାଲେଞ୍ଜିଂ ହୋଇପାରେ। ପ୍ରଥମେ ଏପରି ଖବର ଆସୁଥିଲା ମୁଖ୍ୟମନ୍ତ୍ରୀ ନିତିଶ କୁମାର ଏଥର ଦୁଇ ଜଣ ଡେପୁଟି ମୁଖ୍ୟମନ୍ତ୍ରୀ ରଖିବାକୁ ଇଚ୍ଛୁକ ନଥିଲେ। ତେବେ ବିଜେପି ସଫଳତା ପୂର୍ବକ ନିଜର ଦୁଇ ଜଣଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାରେ ସଫଳ ହୋଇଛି। ଏହି ଦୁଇ ଉପମୁଖ୍ୟମନ୍ତ୍ରୀ ସିଧାସଳଖ ବିଜେପି ଶୀର୍ଷ ନେତୃତ୍ୱଙ୍କୁ ରିପୋର୍ଟ କରିବେ। ଏହା ସୁନିଶ୍ଚିତ କରିବ ଯେ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଓ ପ୍ରଶାସନିକ କାର୍ଯ୍ୟ ବିଜେପି ହସ୍ତକ୍ଷେପ ଓ ଭାଗିଦାରୀରେ ଦୃଢ଼ ହେବ। ମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପଦ ବାଦ ବିଜେପି ବିଧାନସଭାର ବାଚସ୍ପତି ପଦକୁ ମଧ୍ୟ ନିଜ ଖାତାକୁ ନେଇଥିବାର ଖବର ଆସୁଛି। ବାଚସ୍ପତିଙ୍କ ପଦ ବିଧାନସଭା ସଞ୍ଚାଳନ ଓ ବିଧାୟୀ ଏଜେଣ୍ଡା ନିୟନ୍ତ୍ରିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ପଦ ବିଜେପିକୁ ମିଳିବା ବିଧାନସଭାରେ ଦଳର ସ୍ଥିତିକୁ ଆହୁରି ମଜଭୁତ କରିବ। ମୋଟ ଉପରେ ନିତିଶ କୁମାର ମୁଖ୍ୟମନ୍ତ୍ରୀ ରୂପେ ଶପଥ ପାଠ କଲେ ସତ, ହେଲେ ଏଥର ସରକାରରେ ଶକ୍ତି ସନ୍ତୁଳନ ସ୍ପଷ୍ଟ ରୂପେ ବିଜେପି ଆଡକୁ ଅଣେଇ ହୋଇଯାଇଛି। ଅଧିକ ମନ୍ତ୍ରୀପଦ, ଦୁଇ ଉପମୁଖ୍ୟମନ୍ତ୍ରୀ ଓ ବିଧାନସଭା ବାଚସ୍ପତି ପଦ ଏହି ତିନୋଟି ଶକ୍ତିକୁ ମିଶାଇ ବିଜେପିକୁ ଏତେ ଅସୁମାରୀ ତାକତ ମିଳିଛି ଯେ, ଏହା ତାକୁ ବିହାରରେ କେବେ ବି ମିଳି ନଥିଲା। ଏହି ସମୀକରଣ ସ୍ପଷ୍ଟ କରୁଛି ଯେ କେବେ ବିହାର ରାଜନୀତିରେ 'ସାନ ଭାଇ' ର ଭୂମିକା ନିର୍ବାହ କରୁଥିବା ବିଜେପି ଏଥର ଦୃଢ ଭାବେ 'ବଡ଼ ପାର୍ଟନର' ରୂପେ ଉଭା ହୋଇଛି ଓ ଭବିଷ୍ୟତର ରାଜନୀତିରେ ଏହାର ସ୍ପଷ୍ଟ ପ୍ରଭାବ ଦେଖାଯିବ।

### ମାଦକ ଦ୍ରବ୍ୟ...

କରୁଥିଲେ। ଗୋଟିଏ ଗ୍ୟାଙ୍ଗ ନିଜର ପ୍ରତିଷ୍ଠା ପାଇଁ ଅନ୍ୟ ଗ୍ୟାଙ୍ଗକୁ ଶେଷ କରିବାକୁ ଚାହୁଁଥିଲା। ତେବେ ଏହା ସହରାଂଚଳରେ ସୀମିତ ଥିଲା। ଏବେ କିନ୍ତୁ ବହୁ ରାଜନେତାମାନେ ବଟି ଆଦାୟ କରୁଛନ୍ତି । ଛୋଟ ଛୋଟ ଗ୍ୟାଙ୍ଗ ଧରି ବାଲି ଲୁଟ୍ କରୁଛନ୍ତି। କିନ୍ତୁ ଏବେ ସହର ଠାରୁ ମଫସଲ ଯାଏ ରାସ୍ତାଘାଟରେ, ନିଜ ଘରେ ଓ ଅଗଣାରେ ସାଧାରଣ ଲୋକଟିଏ,ମହିଳାଟିଏ ଚୋରୀ, ଛିନ୍ତାଇ, ଡକାୟତି, ରାହାଜାନୀର ଶିକାର ହେଉଛନ୍ତି। ଗାଁ ଗହଳିରେ ଅନେକ ଛୋଟଛୋଟ ଗ୍ୟାଙ୍ଗ ସାଧାରଣ ଜନଜୀବନକୁ ଆତଙ୍କିତ କରି ରଖିଛନ୍ତି। ତେବେ ବିଳମ୍ବରେ ହେଲେ ବୈଷୟିକ ଜ୍ଞାନ କୌଶଳରେ ସମୃଦ୍ଧ ହେଉଥିବା ପୋଲିସ ପ୍ରଶାସନ ଗୁଇନ୍ଦା ବିଭାଗକୁ ଅଧିକ ସକ୍ରିୟ କରିବା, ସଚେତନ ଲୋକଙ୍କ ସଂପର୍କ ବଢାଇବା ସହିତ ସେମାନଙ୍କ ଆସ୍ଥା ଜିତିବା ଏବଂ ଜିଲ୍ଲା ଆସୁଥିବା ମାରଣାସ୍ତ୍ରର ସ୍ରୋତକୁ ବନ୍ଦ କରାଇବା ଓ ବ୍ରାଉନସୁଗାର ତଥା ଚୋରାମଦର ପ୍ରସାରକୁ ପ୍ରତିହତ କରିବ ଦିଗରେ ପଦକ୍ଷେପ ନେଇ ନପାରିଲେ କ୍ରମ ବର୍ଦ୍ଧିଷ୍ଣୁ ଅପରାଧକୁ ରୋକିବା ସହଜ ନୁହେଁ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।

### ଆଘାତ ସ୍ଥାନରେ...

ଅଧିକ ରକ୍ତସ୍ରାବ ହେବାରୁ ପରିବାର ଲୋକେ ମନରାଜଙ୍କୁ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ। ସେଠାରେ ଥିବା ଡାକ୍ତର ପ୍ରାଥମିକ ଉପଚାର କରିବା ପରିବର୍ତ୍ତେ ୫ଟଙ୍କିଆ ଫେଭିକ୍ୱିକ୍ ଆଣିବାକୁ କହିଥିଲେ। ଡାକ୍ତରଙ୍କ କଥା ମାନି ପରିବାର ଲୋକେ ଫେଭିକ୍ୱିକ୍ ଆଣିବା ପରେ ଆଘାତ ଲାଗିଥିବା ସ୍ଥାନକୁ ସଫା ନକରି ତା' ଉପରେ ଫେଭିକ୍ୱିକ୍ ଲଗାଇ ଦେଇଥିଲେ ଡାକ୍ତର। ସିଲେଇ ନକରି ଡାକ୍ତର ଏଭଳି କରିବା ପରିବାର ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ମନରାଜ ଜୋରରେ କାନ୍ଦିବା ଦେଖି ଯନ୍ତ୍ରଣା କିଛି ସମୟ ମଧ୍ୟରେ କମ ହୋଇଯିବ ବୋଲି କହିଥିଲେ ଡାକ୍ତର। କିନ୍ତୁ ଯନ୍ତ୍ରଣା କମ୍ ନହୋଇ ବଢ଼ିବାକୁ ଲାଗିଥିଲା।

ମନରାଜଙ୍କୁ ଯନ୍ତ୍ରଣାରେ ଦେଖି ପରିବାର ଲୋକେ ତାଙ୍କୁ ଅନ୍ୟ ଏକ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ଏଭଳି ଚିକିତ୍ସା ପାଇଁ ବିରକ୍ତି ପ୍ରକାଶ କରିବା ସହ ୩ଘଣ୍ଟା ପରିଶ୍ରମ କରି କ୍ଷତସ୍ଥାନରୁ ଫେଭିକ୍ୱିକ୍ କାଢ଼ିଥିଲେ। ଏବେ ମନରାଜଙ୍କ କ୍ଷତ ସ୍ଥାନକୁ ସିଲେଇ କରାଯାଇଥିବା ବେଳେ ସେ ସୁସ୍ଥ ହେଉଛନ୍ତି। ଫେଭିକ୍ୱିକ୍ ଆଖି ଭିତରକୁ ଚାଲିଯାଇଥିଲେ ମନରାଜ ଦୃଷ୍ଟିଶକ୍ତି ହରାଇଥାନ୍ତେ ବୋଲି କହିଛନ୍ତି ସିଲେଇ କରିଥିବା ଡାକ୍ତର।

ଏନେଇ ପରିବାର ଲୋକେ ଅଭିଯୋଗ କରିବା ପରେ ଏବେ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି ମିରଟର ସିଏମଓ ଡା. ଅଶୋକ କଟରିୟା। ଯାଞ୍ଚ ପରେ ଅଭିଯୁକ୍ତ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ...

ବୈଧ ସମ୍ମତି ପ୍ରଦାନ କରିଛନ୍ତି। ପାଞ୍ଚ ଜଣିଆ ସମ୍ବିଧାନ ଖଣ୍ଡପୀଠ କହିଛନ୍ତି ଯେ ସୁପ୍ରମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ କ୍ଷମତାକୁ ଅସାମ୍ବିଧାନିକ ଭାବରେ ହଡ଼ପ କରିପାରିବେ ନାହିଁ।

### ଶପଥ ନେଲେ...

ବିଧାନସଭା ସେସନ ସମୟରେ ବିଧାୟକଙ୍କୁ ପ୍ରତିଦିନ ୧୫୦୦ ଟଙ୍କା ଡେଲି ଆଲାଉନ୍ସ ମିଳିଥାଏ। ଏହାଛଡା ବିଧାୟକଙ୍କ ପାଇଁ ରାଜ୍ୟ ଭିତରେ ଯାତ୍ରା ଖର୍ଚ୍ଚ ଓ ମେଡିକାଲ ସୁବିଧା ମଧ୍ୟ ଉପଲବ୍ଧ ରହିଛି।

ପ୍ରତି ବିଧାୟକଙ୍କୁ ପ୍ରତିବର୍ଷ ୩ କୋଟି ଟଙ୍କାର ଏମଏଲଏ ଲୋକାଲ ଏରିଆ ଡେଭଲପମେଣ୍ଟ ପାଣ୍ଠି ମିଳିଥାଏ। ଏହି ପାଣ୍ଠିକୁ ବିଧାୟକମାନେ ନିଜ ନିର୍ବାଚନ ମଣ୍ଡଳୀର ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରିଥାନ୍ତି। ଏହାଛଡା ପୂର୍ବତନ ବିଧାୟକମାନଙ୍କୁ ମାସିକ ୩୫,୦୦୦ ଟଙ୍କା ପେନସନ ମଧ୍ୟ ପ୍ରଦାନ କରାଯାଇଥାଏ। ଅର୍ଥାତ ନୂଆପଡା ବିଧାୟକ ଜୟ ଢୋଲକିଆ ବର୍ତ୍ତମାନ ମାସକୁ ୧ ଲକ୍ଷ ଟଙ୍କା ଦରମା ପାଇବେ।

### ୩ ଦଶନ୍ଧି ହେଲା...

ଚଡଉ କରି ତାହାର କାମ ସାରିଦେଉଛି। ଏହି ତିନି ବର୍ଷ ଭିତରେ ରାଜ୍ୟରୁ ୧୦୧ ଜଣ ଶିଶୁ ଶ୍ରମିକ ଉଦ୍ଧାର ହେଉଥିବାବେଳେ ୧୧୬ଟି ମାମଲା ରୁଜୁ ହେଉଛି। ତେବେ ଆଇନ୍‌ରେ କଠୋର ଦଣ୍ଡ ବ୍ୟବସ୍ଥା ନଥିବାରୁ ହାତଗଣତି ଜୋରିମାନା ଦେଇ ଶିଶୁମାନଙ୍କୁ କାମରେ ଲଗାଇଥିବା ଲୋକେ ଖସିଯାଉଛନ୍ତି।

ରାଜ୍ୟରେ ଶିଶୁ ଶ୍ରମିକ କିଭଳି ସ୍ଥିତିରେ ରହିଛି ତାହା ରାଜଧାନୀର ବିଭିନ୍ନ ସ୍ଥାନରେ ଅନୁଧାନ କଲେ ଯେ କେହି ଦେଖିପାରିବ ବୋଲି ସ୍ୱେଚ୍ଛାସେବୀମାନେ ମତ ଦେଉଛନ୍ତି। ସହରରେ ଶିଶୁମାନେ ରାସ୍ତାଘାଟରେ ଜରି ଗୋଟାଇବା ସହିତ ବିଭିନ୍ନ ଦୋକାନ, ଗ୍ୟାରେଜ ଆଦିରେ କାର୍ଯ୍ୟ କରୁଛନ୍ତି। କେତେକ ଲୋକେ ବି ଅତ୍ୟନ୍ତ ସର୍ତକତାର ସହିତ ପିଲାଙ୍କୁ ଘରୋଇ କାମରେ ନିୟୋଜନ କରୁଛନ୍ତି। କେତେକ କ୍ଷେତ୍ରରେ ଏଭଳି ପିଲାଙ୍କ ଅଭିଭାବକମାନେ ମୁହଁ ଖୋଲୁନଥିବାରୁ ସେମାନଙ୍କୁ ଉଦ୍ଧାର କରିବା ବି ସମ୍ଭବପର ହେଉନାହିଁ। ତେବେ ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଥିବା ଟାସ୍କଫୋର୍ସ ସକ୍ରିୟ ହେଲେ ଏଭଳି କୁପ୍ରଥାକୁ ରୋକାଯାଇ ପାରିବ ବୋଲି ମତପ୍ରକାଶ ପାଉଛି।

# ପ୍ରାର୍ଥୀ ଚୟନରେ ଭୁଲ ରହିଲା: ଭୂପିନ୍ଦର

ଭୁବନେଶ୍ୱର,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ନୂଆପଡ଼ାରେ ପରାଜୟକୁ ନେଇ ବରିଷ୍ଠ ନେତା ଭୂପିନ୍ଦର ସିଂହ ବଡ଼ ବୟାନ ରଖିଛନ୍ତି। ସେ କହିଛନ୍ତି, ଆମର ପ୍ରାର୍ଥୀ ଚୟନରେ ଭୁଲ୍ ରହିଲା। ସ୍ୱର୍ଗତଃ ରାଜୁ ଢୋଲକିଆଙ୍କ ସହାନୁଭୂତି ଗଲା ବିଜେପି ପ୍ରାର୍ଥୀକୁ। କଂଗ୍ରେସ ଦଳ ବହୁ ଆଗରୁ ଘାସିରାମ ମାଝୀଙ୍କ ନାଁ ଘୋଷଣା କରିଦେଲା। କିନ୍ତୁ ଆମ ଦଳ କାହିଁକି ଶୀଘ୍ର ଜୟ ଢୋଲକିଆଙ୍କ ନାଁକୁ ପ୍ରାର୍ଥୀ ଭାବେ ଘୋଷଣା କଲାନାହିଁ ? ସେଥିପାଇଁ ତାଙ୍କ ପରିବାରକୁ ବିଶ୍ୱାସ ଆସିଲାନି ଯେ ବିଜେଡ଼ି ତାଙ୍କୁ ଟିକେଟ୍ ଦେବ ବୋଲି। ଆଉ ସେ ବିଜେପିକୁ ପଳାଇଲେ।

ସେ ଆହୁରି କହିଛନ୍ତି, ନୂଆପଡ଼ା ଉପନିର୍ବାଚନ ପ୍ରଚାରରେ ମୋତେ କୌଣସି ଦାୟିତ୍ୱ ଦିଆଯାଇ ନଥିଲା। କଳାହାଣ୍ଡି ସଂସଦୀୟ କ୍ଷେତ୍ରରେ ପ୍ରତି ପଞ୍ଚାୟତରେ ଲୋକଙ୍କୁ ପଚାରନ୍ତୁ ଯେ ସେମାନଙ୍କ ଦୁଃଖ ଯେ ସେମାନେ ମୋତେ ସାଂସଦ ପାଇଁ ଭୋଟ୍ ଦେଇ ପାରିଲେନି। ଯେଉଁ ୮୦ ନେତାଙ୍କୁ ଦାୟିତ୍ୱ ଦେଇଥିଲା ବିଜେଡ଼ି ସେଥିରେ ମୋର ନାଁ ନରହିବା ତାର କାରଣ କ'ଣ ଦଳକୁ ଆପଣମାନେ ପଚାରନ୍ତୁ ବୋଲି ଭୂପିନ୍ଦର କହିଛନ୍ତି।

ନୂଆପଡ଼ାରେ ପ୍ରଚାର ହୋଇଗଲା ଯେ, ବିଜେଡ଼ି ଚାହୁଁଛି ବିଜେପି ଜିତୁ ବୋଲି। କାହିଁକି ନୂଆପଡ଼ାରେ ଏ ପ୍ରଚାର ହେଲା ମୁଁ ଜାଣିନାହିଁ। ଦଳର ସମ୍ମାନ ଓ ମର୍ଯ୍ୟାଦା ସରିଗଲା। ନବୀନ ବାବୁଙ୍କ ବଡ଼ ରାଲି ବି କାମ ଦେଲାନି। ଯାକୁ ଯଦି କହିବେ ଭୂପିନ୍ଦର ଦଳ ବିରୋଧରେ କହୁଛି, ତାର ମାନେ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।

ଲମ୍ବୋଦର ନିଆଲ କେବେ ଚାହୁଁ ନଥିଲେ ସାଂସଦ ଭାବେ ଲଢିବାକୁ। ସେ ବିଧାୟକ ପାଇଁ ଲଢିବାକୁ ଚାହୁଁଥିଲେ। ୨୦୨୪ କଳାହାଣ୍ଡି ସାଂସଦ ଟିକେଟ୍ ଲମ୍ବୋଦରଙ୍କୁ ଦେବା ଦିନଠୁ ଜଣାପଡୁଥିଲା ଆମେ ବିଜେପିକୁ ଆସିବାକୁ ଦେଉଛୁ। ବିଜେପିର ମହିଳାଙ୍କୁ ସୁଭଦ୍ରା ଓ ଚାଷୀଙ୍କୁ ବୋନସ୍ କାମ ଦେଲା। ପରାଜୟ ପରେ ବିଜେଡି ଯନ୍ତାଦେଶ କହିଲେ ହେବନି, ପ୍ରମାଣିତ କରିବାକୁ ହେବ ବୋଲି ଭୂପିନ୍ଦର ପ୍ରଶ୍ନ କରିଛନ୍ତି।

# ଡକାୟତି ଉଦ୍ୟମ ବେଳେ ୩ ଗିରଫ: ମାରଣାସ୍ତ୍ର ଜବତ

କଟକ,୨୦।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଡକାୟତି ପାଇଁ ଯୋଜନା କରୁଥିବା ଘଟଣାରେ ମଧୁପାଟଣା ଥାନା ପୋଲିସ ୩ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ, ଜଗତସିଂହପୁର ଜିଲ୍ଲା କ୍ରିଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ବରେଇଘର ଗ୍ରାମର ନୁର ମହମ୍ମଦ (୨୫), କ୍ରିଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ ବିସନପୁର ଗ୍ରାମର ସେକ ଫଜଲ ହଗ (୨୨) ଓ କ୍ରିଷ୍ଣାନନ୍ଦପୁର ଥାନା ଅନ୍ତର୍ଗତ କାଜିମଲ ଗ୍ରାମର ସେକ ସାଜିଦ ଅଲ୍ଲି (୩୦) । ଗିରଫ ଅଭିଯୁକ୍ତଙ୍କ ନିକଟରୁ ପୋଲିସ ଗୋଟିଏ ଧଳା ରଂଗର ମହେନ୍ଦ୍ରା ବୋଲେରୋ ଗାଡ଼ି (ଓଆର୦୧ଜେ୬୬୬୫), ଗୋଟିଏ ଟିଭିଏସ ଆପାଚୀ, ଗୋଟିଏ ଲୁହା କଟୁରୀ, ଗୋଟିଏ ଖଣ୍ଡା ଓ ୩ଟି ମୋବାଇଲ ଫୋନ ଜବତ କରିଛି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଗତ ନଭେମ୍ବର ୧୯ ତାରିଖ ରାତିରେ



ମଧୁପାଟଣା ଥାନାର ଏଏସଆଇ ଅଭିରାମ ସେଠୀ ଓ ଅନ୍ୟ କର୍ମଚାରୀମାନେ ରାତ୍ରି ପେଟ୍ରୋଲିଂ ଡ୍ୟୁଟି କରୁଥିଲେ। ରାତି ପ୍ରାୟ ୨ଟା ସମୟରେ ପାଟ୍ରୋଲିଂ ଦଳ ୫ ଜଣ ଯୁବକଙ୍କୁ ଏକ ମୋଟରସାଇକେଲ ସହିତ ପାର୍କିଂ ହୋଇଥିବା ଏକ ବୋଲେରୋ ଗାଡ଼ି ପାଖରେ ଠିଆ ହୋଇଥିବାର ଦେଖିବାକୁ ପାଇଥିଲେ । ପୋଲିସ ଗାଡ଼ି ଦେଖି ସେମାନଙ୍କ ମଧ୍ୟରୁ ୨ ଜଣ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ । ପୋଲିସ ଅନ୍ୟ ୩ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା ଓ ସେମାନଙ୍କୁ ପଚରା ଉଚରା କରିଥିଲା । ପଚରା ଉଚରା ବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ ଯେ, ସେମାନେ ଅନ୍ୟ ୨ ସହଯୋଗୀଙ୍କ ସହିତ ସ୍ଥାନୀୟ ଅନ୍ଦରପୁର ନିକଟସ୍ଥ ତାଳଦଣ୍ଡା କେନାଲ ରୋଡ଼ରେ ଏକତ୍ରିତ ହୋଇଥିଲେ ଏବଂ ଏକ ମନୋନୀତ ଟାର୍ଗେଟରେ ଡକାୟତି କରିବାକୁ ପ୍ରସ୍ତୁତ ହେଉଥିଲେ। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତ ନୁର ମହମ୍ମଦ, ସେକ ହଜଲହଗ ଓ ସେକ ସାଜିଦ ଅଲ୍ଲିକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବେଆଇନ୍ ମାଛ ଧରି ୮ ଗିରଫ

ରାଜନଗର,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଲୋହା ତାରିଣୀ-୧ ନାମକ ଟ୍ରଲରକୁ ଜବତ କରିଛି। ସେହି ଟ୍ରଲରରୁ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ୧୧ଟି ଟ୍ରଲର ଜାଲ ଓ ୧୪କ୍ୟୁଟାଂଲ ୬୦କେଜି ସାମୁଦ୍ରିକ ମାଛ ଜବତ କରିବା ସହ ଆଠଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିଛି । ଗିରଫ ମତ୍ସ୍ୟଜିବୀ ତାୟବଅଲ୍ଲୀ ଖାଁ, ଚକ୍ରଧର ତରାଇ, ଉତ୍ତମ ଧଳ, ନିର୍ମଳ ସେଠୀ, ଶରତ ଧଳ, ବାସୁଦେବ ସେଠୀ ବାଲେଶ୍ୱର ଜିଲ୍ଲାର ହୋଇଥିବା ବେଳେ ସଂଜୟ ସିଂ ଓ ରାଜେଶ ନାୟକ ମୟୁରଭଂଜ ଜିଲ୍ଲାର ବୋଲି ଜଣାପଡିଛି। ଗିରଫ ମତ୍ସ୍ୟଜିବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ସେମାନଙ୍କ ଜାମିନୀ ନାମଂଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି ।

## ପୋଲିସର ନାକା ଚେକିଂ

ମାର୍ଶାଘାଇ,୨୦।୧୧

ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ପୋଲିସ ଆଜି ଜମ୍ବୁ ମାର୍ଶାଘାଇ ରାସ୍ତାର କେନାଲ ବ୍ରିଜ ନିକଟରେ ନାକା ଚେକିଂ କରିଛି। ରାସ୍ତାରେ ଯାତାୟତ କରୁଥିବା ବିଭିନ୍ନ ଗାଡିଗୁଡିକ କଡାକଡି ଯାଞ୍ଚ କରିବା ସହିତ ସନ୍ଦିଗ୍ଧ ବାଙ୍ଗଲାଦେଶୀଙ୍କ ଉପରେ ନଜର ଦେଇଛି। ମହାକାଳପଡା ଉପକୂଳରେ କିଛି ପରିମାଣର ବଙ୍ଗଳାଦେଶୀ ବସବାସ କରୁଥିବା ବେଳେ ବିଭିନ୍ନ ଗାଡି ମୋଟରରେ ମଦ, ଗଞ୍ଜେଇ, ବନ୍ଧୁକ, ଗୋଳା ବାରୁଦ ଭଳି ଆପତ୍ତି ଜନକ ଜିନିଷ ଚାଲଣ ପ୍ରତିବନ୍ଧକ ପାଇଁ ମାର୍ଶାଘାଇ ପୋଲିସ କଡାକଡି ଭାବରେ କେନାଲବ୍ରିଜ ନିକଟରେ ନାକା ଚେକିଂ କରିଛି। ଏହି ଚେକିଂରେ ମାର୍ଶାଘାଇ ଥାନା ଆଇଆଇସି ତପନ ନାୟକଙ୍କ ସମେତ ଥାନାର ଅଫସର ଓ କର୍ମଚାରୀମାନେ ରହିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ